


# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS

RNI Regn No- ODIODI/2014/57766.





ବର୍ଷ- ୧୧ ସଂଖ୍ୟା-୧୯୦ ଭୁବନେଶ୍ୱର ଗୁରୁବାର, ମାର୍ଚ୍ଚ ୨୭.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.190 Bhubaneswar, Thursday, March 27, 2025


# ରଣକ୍ଷେତ୍ର ପାଲଟିଲା ବିଧାନସଭା






ଭୁବନେଶ୍ୱର, ୨୬/୩: ବାଚସ୍ପତିଙ୍କ ଆହ୍ୱାନ ପରେ ରିଆହ୍ୱାନ ଦେଖାଇଛି କଂଗ୍ରେସ। ରଣକ୍ଷେତ୍ର ପାଲଟିଛି ବିଧାସଭା ମୁଖ୍ୟଗେଟ୍। ମୁହାଁମୁହିଁ ହୋଇଛନ୍ତି କଂଗ୍ରେସ କର୍ମୀ ଓ ପୋଲିସ। କଂଗ୍ରେସର ଏହି ହାଇଡ୍ରାମାକୁ ସାଥ ଦେଇଛି ବିଜେଡି। କଂଗ୍ରେସ ଓ ବିଜେଡି ବିଧାନସଭାରେ ବାହାରେ ପ୍ରତିବାଦ କରିଛନ୍ତି। ଉଭୟ ବିଧାନସଭା ଭିତରକୁ ପଶିବାକୁ ଉଦ୍ୟମ କରିଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇଛି। ଏହି ସମୟରେ ପୋଲିସ ସହ ମୁହିଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ପୋଲିସ ବ୍ୟାରିକେଡ ଭାଙ୍ଗି ଦେଇଛନ୍ତି କଂଗ୍ରେସ ଓ ବିଜେଡି। ଆଜି ଗୃହରେ ପ୍ରଶ୍ନକାଳ ଚ ।ଲିଥିବାବେଳେ ବାଚସ୍ପତିଙ୍କ ବିବୃତ୍ତି ଦାବି କରିଥିଲା ବିଜେଡି । ଗତକାଲିର ଘଟଣାକୁ ନେଇ ବିବୃତି ଦାବି କରିଥିଲେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ବିବୃତି ଦାବି କରି କକ୍ଷତ୍ୟାଗ କରିଥିଲେ ବିଜେଡି ବିଧାୟକ। ପରେ ବିଧାନସଭା ବାହାରକୁ ଯାଇ କଂଗ୍ରେସର ସାଥ ଦେଇଥିଲା ବିଜେଡି। ସୂଚନାଯୋଗ୍ୟ, ଗତକାଲି ବାଚସ୍ପତି ୧୨ ଜଣ କଂଗ୍ରେସ ବିଧାୟକଙ୍କୁ ନିଲମ୍ବନ ପରେ ହାଇଡ୍ରାମା ଚଲାଇଛି କଂଗ୍ରେସ। ଗତକାଲି ବିଧାନସଭା ଭିତରେ ଓ ବାହାରେ ତମ୍ବିତଫାନ ପରେ ରାଜରାସ୍ତାକୁ ଓହ୍ଲାଇଥିଲେ କଂଗ୍ରେସ ବିଧାୟକ। ମାଷ୍ଟରକ୍ୟାଣ୍ଟିନ ଛକରେ ରାତିସାରା ଧାରଣାରେ ବସିଥିଲେ କଂଗ୍ରେସ ବିଧାୟକ। ପରେ ଆଜି ସକାଳେ ପୁଣି ଘଣ୍ଟ ବାଡ଼େଇ ବିଧାନସଭା ଅଭିମୁଖେ ବାହାରିଥିଲେ କଂଗ୍ରେସ ବିଧାୟକ ଓ କର୍ମୀ। ଉଭୟ ବିଧାନସଭା ଭିତରକୁ ପଶିବାକୁ ଉଦ୍ୟମ କରିଥିଲେ। ତାରା ବାହିନୀ ପତି ଓ ରମେଶ ଜେନାଙ୍କୁ ପୋଲିସ ବିଧାନସଭାକୁ ଛାଡ଼ିଥିବା ବେଳେ ଅନ୍ୟ ନିଲମ୍ବନ ବିଧାୟକଙ୍କୁ ପୋଲିସ ଅଟକକାଇଥିଲା। ଏହାକୁ ନେଇ ପୋଲିସ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ହୋଇଥିଲା। ଏହି ସମୟରେ କଂଗ୍ରେସର ସାଥ ଦେଇଥିଲେ ବିଜେଡିର ବିଧାୟକ।

## କଂଗ୍ରେସର ସବୁ ବିଧାୟକ ସସପେଣ୍ଡ

ଭୁବନେଶ୍ୱର, ୨୬/୩: ବିଧାନସଭାରେ ଲଗାତାର ଚରମ ବିଶୃଙ୍ଖଳା ପାଇଁ ବାଚସ୍ପତି ପୁଣି ନେଲେ ଆହ୍ୱାନ। ଗତକାଲି କଂଗ୍ରେସର ୧୨ ବିଧାୟକଙ୍କୁ ସସପେଣ୍ଡ କରିଥିବା ବେଳେ ଆଜି ୨ ଜଣ ବିଧାୟକଙ୍କୁ ସସପେଣ୍ଡ କରିଛନ୍ତି ବାଚସ୍ପତି। କଂଗ୍ରେସ ବିଧାୟକ ତାରା ବାହିନୀ ପତି ଓ ରମେଶ ଜେନାଙ୍କୁ ୭ ଦିନ ପାଇଁ ସସପେଣ୍ଡ କରିଛନ୍ତି ବାଚସ୍ପତି। ତାରା ଓ ରମେଶଙ୍କୁ ଆସନ୍ତା ୭ଟି କାର୍ଯ୍ୟ ଦିବସ ଲାଗି ନିଲମ୍ବନ କରାଯାଇଛି। ତାରା ଓ ରମେଶଙ୍କୋକ ପରେ କଂଗ୍ରେସର ସବୁ ବିଧାୟକ ଆର୍ଥାତ ୧୪ ଜଣ ବିଧାୟକ ସସ୍‌ପେଣ୍ଡ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଗତକାଲି ବିଧାନସଭାରେ ଲଗାତାର ଚରମ ବିଶୃଙ୍ଖଳା ପାଇଁ ୧୨ ଜଣ ବିଧାୟକଙ୍କୁ ସସପେଣ୍ଡ କରିଥିଲେ। ସେଥିରୁ ବାଦ ପଡ଼ିଥିଲେ ତାରା ଓ ରମେଶ। କଂଗ୍ରେସର ନିଲମ୍ବନ ବିଧାୟକ ବିଧାନସଭାକୁ ଯାଇନଥିବା ବେଳେ ତାରା ଓ ରମେଶ ବିଧାନସଭା ଭିତରକୁ ଯାଇଥିଲେ। ବିଧାନସଭାରେ ପ୍ରଶ୍ନକାଳ ଚାଲିଥିବାବେଳେ ଉଭୟ ଭିତରେ ଘଣ୍ଟ ବାଡ଼େଇ ପ୍ରତିବାଦ କରିଥିଲେ। ବାଚସ୍ପତି ଉଭୟଙ୍କୁ ବିଶୃଙ୍ଖଳିତ ଆଚରଣ ପାଇଁ ସସପେଣ୍ଡ କରିଛନ୍ତି ।ସୂଚନାଯୋଗ୍ୟ, ଗତକାଲି ବାଚସ୍ପତି ୧୨ ଜଣ କଂଗ୍ରେସ ବିଧାୟକଙ୍କୁ ନିଲମ୍ବନ ପରେ ହାଇଡ୍ରାମା ଚଲାଇଛି କଂଗ୍ରେସ। ଗତକାଲି ବିଧାନସଭା ଭିତରେ ଓ ବାହାରେ ତମ୍ବିତଫାନ ପରେ ରାଜରାସ୍ତାକୁ ଓହ୍ଲାଇଥିଲେ କଂଗ୍ରେସ ବିଧାୟକ।



ମାଷ୍ଟରକ୍ୟାଣ୍ଟିନ ଛକରେ ରାତିସାରା ଧାରଣାରେ ବସିଥିଲେ କଂଗ୍ରେସ ବିଧାୟକ। ପରେ ଆଜି ସକାଳେ ପୁଣି ଘଣ୍ଟ ବାଡ଼େଇ ବିଧାନସଭା ଅଭିମୁଖେ ବାହାରିଥିଲେ କଂଗ୍ରେସ ବିଧାୟକ ଓ କର୍ମୀ। ଉଭୟ ବିଧାନସଭା ଭିତରକୁ ପଶିବାକୁ ଉଦ୍ୟମ କରିଥିଲେ। ତାରା ବାହିନୀ ପତି ଓ ରମେଶ ଜେନାଙ୍କୁ ପୋଲିସ ବିଧାନସଭାକୁ ଛାଡ଼ିଥିବା ବେଳେ ଅନ୍ୟ ନିଲମ୍ବନ ବିଧାୟକଙ୍କୁ ପୋଲିସ ଅଟକକାଇଥିଲା। ଏହାକୁ ନେଇ ପୋଲିସ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ହୋଇଥିଲା। ଏହି ସମୟରେ କଂଗ୍ରେସର ସାଥ ଦେଇଥିଲେ ବିଜେଡିର ବିଧାୟକ।

## ଶପଥ ନେଲେ ହାଇକୋର୍ଟର ମୁଖ୍ୟ ବିଚାରପତି



କଟକ, ୨୬/୩: ଜଷ୍ଟିସ୍ ହରିଶ ଟଣ୍ଡନ ଓଡ଼ିଶା ହାଇକୋର୍ଟର ନବନିଯୁକ୍ତ ମୁଖ୍ୟ ବିଚାରପତି ଭାବେ ଶପଥ ନେଇଛନ୍ତି। ରାଜ୍ୟପାଳ ହରିବାବୁ କମ୍ଭମପତି ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉପସ୍ଥିତ ଥିଲେ। ଜଷ୍ଟିସ୍ ହରିଶ ଟଣ୍ଡନଙ୍କୁ ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ କରିଛନ୍ତି ରାଷ୍ଟ୍ରପତି। ସେ ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହଙ୍କ କାର୍ଯ୍ୟଭାର ସମ୍ଭାଳିବେ ।ଜଷ୍ଟିସ ଟଣ୍ଡନ ପୂର୍ବରୁ କଲିକତା ହାଇକୋର୍ଟର ବିଚାରପତି ଥିଲେ। ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନାଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମକୋର୍ଟ କଲେଜିୟମ ଜଷ୍ଟିସ ଟଣ୍ଡନଙ୍କ ନିଯୁକ୍ତି ନେଇ ସୁପାରିସ୍ କରିଥିଲେ। ୨୦୧୦ ଏପ୍ରିଲ ୧୩ରେ ତାଙ୍କୁ କଲିକତା ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ମିଳିଥିଲା। ସୂଚନାଯୋଗ୍ୟ, ଜାନୁଆରୀ ୧୯ ତାରିଖରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବରେ ଅବସର ନେଇଥିଲେ ଜଷ୍ଟିସ ଚକ୍ରଧାରୀ ଶରଣ ସିଂ। ତା’ ପରଠୁ ହାଇକୋର୍ଟର ସ୍ଥାୟୀ ମୁଖ୍ୟ ବିଚାରପତି ପଦ ଖାଲି ରହିଥିଲା । ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ ଅରିନ୍ଦମ ସିହ୍ନା କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବରେ କାର୍ଯ୍ୟ ତୁଲାଉଛନ୍ତି । ତେବେ ଆହ୍ଲାବାଦ ହାଇକୋର୍ଟକୁ ତାଙ୍କର ବଦଳି ପାଇଁ କଲେଜିୟମ୍ ସୁପାରିଶ କରିଛନ୍ତି । ଏନେଇ କେନ୍ଦ୍ର ସରକାରଙ୍କ ମଞ୍ଜୁରୀକୁ ଅପେକ୍ଷା ରହିଛି ।

## ରାଜ୍ୟରେ ଅଛି ୪୭ଟି ଆଶ୍ରୟସ୍ଥଳ

ଭୁବନେଶ୍ୱର : ରାଜ୍ୟର ଥିବା ଆଶ୍ରୟସ୍ଥଳରେ ରହୁଥିବା ନିରାଶ୍ରୟମାନଙ୍କ ରହିବା ଓ ଖାଇବା ପାଇଁ ମାସକୁ ୫୦,୦୦୦ ଟଙ୍କା କରି ଯୋଗାଇ ଦିଆଯାଉଛି । ଏ ସଂକ୍ରାନ୍ତରେ ବିଜେଡି ବିଧାୟକ ଡକ୍ଟର ଅରୁଣ ସାହୁ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ରାଜ୍ୟର ସହରାଞ୍ଚଳଗୁଡିକରେ ନିରାଶ୍ରୟ, ନିଃସହାୟ, ଭିକ୍ଷାବୃତ୍ତି ଏବଂ ଅନ୍ୟାନ୍ୟ ବର୍ଗର ଲୋକମାନଙ୍କ ପାଇଁ ୪୭ଟି ଆଶ୍ରୟସ୍ଥଳ କାର୍ଯ୍ୟକ୍ଷମ ଅଛି । ଜାତୀୟ ସହରାଞ୍ଚଳ ଜୀବିକା ମିଶନ ମାର୍ଗଦର୍ଶିକା ଅନୁଯାୟୀ ପ୍ରତି ୫୦ ଶଯ୍ୟା ବିଶିଷ୍ଟ ଆଶ୍ରୟସ୍ଥଳ ପାଇଁ ସେମାନଙ୍କର ଖାଇବା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ମାସିକ ୫୦,୦୦୦ ଟଙ୍କା ହିସାବରେ ୫ବର୍ଷ ପର୍ଯ୍ୟନ୍ତ ପରିଚାଳନା ଓ ରକ୍ଷଣା ବେକ୍ଷଣ ଖର୍ଚ୍ଚ ଯୋଗାଇ ଦିଆଯାଉଛି । ଦୁଇଟି ଆଶ୍ରୟସ୍ଥଳ ଯଦଇା ବରମୁଣ୍ଡା ସ୍ଥିତ ଆଶ୍ରୟସ୍ଥଳ ବାବାସାହେବ ଭୀମରାଓ ଆମ୍ବେଦକରଙ୍କର ବସ ଟର୍ମିନାଲ ସମ୍ପ୍ରସାରଣ ନିମନ୍ତେ ଓ ବାଦାମବାଡ଼ି ଆଶ୍ରୟସ୍ଥଳ କଟକ ନେତାଜୀ ବସ ଟର୍ମିନାଲ ନିମନ୍ତେ ଭଙ୍ଗାଯାଇଛି । ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଭୁବନେଶ୍ୱରରେ ସର୍ବାଧିକ ୭ଟି ଆଶ୍ରୟସ୍ଥଳୀ ଥିବାବେଳେ କଟକରେ ୪ଟି, ରାଉରକେଲାରେ ୪ଟି, ପୁରୀରେ ଦୁଇଟି, ସମ୍ବଲପୁରରେ ୪ଟି ଆଶ୍ରୟସ୍ଥଳ ରହିଛି ।

## ଗୃହରେ ମତ ରଖିଲେ ବାଚସ୍ପତି

ଭୁବନେଶ୍ୱର, ୨୬/୩: ବିଧାନସଭା ଅଧିବେଶନ ଜାରି ଥିବା ସମୟରେ ବିରୋଧୀ ଦଳର ବିଧାୟକମାନେ କରୁଥିବା ହଙ୍ଗାମା ନେଇ ବାଚସ୍ପତି ସୁରମା ପାଢ଼ୀ ବୁଧବାର ଦିନ ବିବୃତି ରଖିଛନ୍ତି। ସେ କହିଛନ୍ତି, ୭ ତାରିଖ ଗୃହ କାର୍ଯ୍ୟର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭରୁ ବିରୋଧୀ ସଦସ୍ୟ ବିଭିନ୍ନ ଉପାୟରେ ପ୍ରତିବାଦ କରୁଥିଲେ। ଫ୍ଲାଗ କାର୍ଡ, ପୋଷ୍ଟର, ବ୍ୟାନର ଧରି ପ୍ରତିବାଦ କରୁଥିଲେ। ୨୦ ମାର୍ଚ୍ଚରୁ କଳା ବ୍ୟାଜ, କଳା ପୋଷାକ ପରିଧାନ କରି ହୁଇସିଲ ତୂରୀ, ଘଣ୍ଟ ଓ ବଂଶୀ ବଜାଇ ଗୃହକାର୍ଯ୍ୟରେ ବାଧା ପହଞ୍ଚାଇଥିଲେ। ବାଚସ୍ପତି କହିଛନ୍ତି, ମୋଟ ୧୨ଟି କାର୍ଯ୍ୟ ଦିବସରୁ ୨ଟିରେ ପ୍ରଶ୍ନୋତ୍ତର କାର୍ଯକ୍ରମ ଚାଲି ଥିଲା। ୨୫ ତାରିଖ ସୁଦ୍ଧା ନିର୍ଦ୍ଧାରିତ ସମୟରୁ ୩୯ ଘଣ୍ଟା ୨ ମିନିଟ ଗୃହ କାର୍ଯ୍ୟ ଚାଲି ପାରିନଥିଲା। ସେଥିପାଇଁ ମାର୍ଚ୍ଚ ୧୦ ,୧୩, ୨୪ ଓ ୨୫ ତାରିଖରେ ସର୍ବଦଳୀୟ ବୈଠକ ଡକା ଯାଇଥିଲା। କିନ୍ତୁ ଏହା ସତ୍ତ୍ୱେ ବିରୋଧୀ ଦଳର ବିଧାୟକମାନେ ବିଶୃଙ୍ଖଳିତ ଆଚରଣ ଜାରି ରଖିଥିଲେ। ୨୧ ମାର୍ଚ୍ଚ ଉପବାଚସ୍ପତି ରୁଲିଁ ଦେଇଥିଲେ ବିଶୃଙ୍ଖଳିତ ଆଚରଣରୁ ନିବୃତ ରହିବାକୁ ।ଏ ସବୁ ସତ୍ତ୍ୱେ ବିଶୃଙ୍ଖଳିତ ଆଚରଣ ଜାରି ରଖିବାରୁ କଂଗ୍ରେସର ୧୨ ଜଣ ସଦସ୍ୟଙ୍କୁ ଗତକାଲି ନିଲମ୍ବନ କରାଯାଇଥିଲା। ଏହା ପରେ ବି ସେମାନେ ଗୃହ ପରିତ୍ୟାଗ କରିନଥିଲେ। ଗୃହ ପରିତ୍ୟାଗ ନକରି ଅହୋରାତ୍ର ଧାରଣାରେ ରହିବେ ବୋଲି ଜଣାଇବା ପରେ ସୁରକ୍ଷା ସହିତ ସବୁ ପ୍ରକାର ବ୍ୟବସ୍ଥା କରିବାକୁ ବିଧାନସଭା ସଚିବାଳୟକୁ ନିର୍ଦ୍ଦେଶ ଦେଇଥିଲି। କିନ୍ତୁ ରାତ୍ର ୯ ଘଟିକା ସମୟରେ କଂଗ୍ରେସ ସଦସ୍ୟ ଓ ତାଙ୍କ ସହିତ ଆସିଥିବା କିଛି ରାଜନୀତିକ କର୍ମୀ ମାର୍ଶଲ ଓ ସୁରକ୍ଷା କର୍ମୀଙ୍କୁ ବିଧାନସଭା ବାରଣ୍ଡାକୁ ଆସି ଆକ୍ରମଣ କରିଥିଲେ। ଯେଉଁଥିରେ ସେମାନେ ଆହତ ହୋଇଥିଲେ ଏବଂ ଚିକିତ୍ସିତ ହେଉଛନ୍ତି। ପୁନର୍ବାର ରାତ୍ରି ୨ ଟାରେ କିଛି କଂଗ୍ରେସ ବିଧାୟକଙ୍କୁ ମାର୍ଶଲ ଗେଟ୍ ବାହାରକୁ ନେଇ ଛାଡିଥିଲେ ଆଉ କିଛି ବିଧାୟକ ସସମ୍ମାନେ ଯାଇଥିଲେ। ପଏଣ୍ଟ ଅଫ୍ ? ଅର୍ଡର ଜରିଆରେ ବିରୋଧୀ ଦଳଉପ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ଆପଣଙ୍କ ବିବୃତି ଗୋଟିଏ ପକ୍ଷ ରଖି କୁହାଯାଇଛି। ଆମେ ଏହାକୁ ନିନ୍ଦା ପ୍ରକାଶ କରୁଛୁ। ଆମେ ଗୃହରେ ନଥିଲୁ କିନ୍ତୁ ଯାହା ଏବେ ବାହାରେ ଯେଉଁ ଚର୍ଚ୍ଚା ଓ କଥା ଉଠୁଛି ବାହାର ସଦସ୍ୟ ଗୃହରେ ପ୍ରବେଶ କଲେ। ତା ସହ କଂଗ୍ରେସର ସଦସ୍ୟ କହିଛନ୍ତି ତାଙ୍କ ସହ ଅତ୍ୟାଚାର ହୋଇଛି। ଆମେ ଆଜି ପ୍ରତିବାଦ କଲୁ। କିନ୍ତୁ ଆମ ସହ ମଧ୍ୟ ଅତ୍ୟାଚାର କରାଗଲା। ପୁଲିସ ଆମ ସହ କଦର୍ଯ୍ୟ ବ୍ୟବହାର କଲେ। ୧୬୩ ଧାରା କଣ ବିଧାନସଭାରେ ଲାଗୁ ହୁଏ କି ? ଆମେ ବାହାରକୁ ଯିବା ସମୟରେ ୧୫ ମିନିଟ ଯାଏଁ ଗେଟ୍ ଖୋଲା ଗଲା ନାହିଁ। ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିବାକୁ ଯିବାକୁ ଚାହୁଥିଲୁ। ଆମ ମୁଖ୍ୟ ସଚେତକ ଓ ସଦସ୍ୟମାନଙ୍କୁ ଆଘାତ ପହଞ୍ଚିଛି। ଆପଣଙ୍କ ବିବରଣୀ ଏକ ପାଖିଆ। ଆମେ ଏହାକୁ ଗ୍ରହଣ କରିପାରୁ ନାହୁ।

## ୩.୮୨ କୋଟି ଟଙ୍କା ଠକେଇ ଅଭିଯୋଗରେ ହୋମ୍‌ଗାର୍ଡ ସମେତ ୫ ଗିରଫ

ଭୁବନେଶ୍ୱର, ୨୬/୩: କ୍ରାଇମ୍ ବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ଜଣେ ହୋମ ଗାର୍ଡ ସମେତ ପାଞ୍ଚ ଜଣଙ୍କୁ ଗିରଫ କରାଯାଇଛି। ଏମାନେ ୩.୮୨ କୋଟି ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତମାନେ ଫେକ ଡକ୍ୟୁମେଣ୍ଟ ଦେଇ କଟକ ଏସ୍‌ବିଆଇ ମଧୁପାଟଣା ଶାଖାରୁ ୩.୫୦ କୋଟି ଋଣ ନେଇଥିଲେ। ଗିରଫ ବ୍ୟକ୍ତି ହେଲେ କଟକର ଧନଞ୍ଜୟ ପୃଷ୍ଟି, ଚୌଦ୍ୱାରର ସୁରେନ୍ଦ୍ର ବେଉରା, ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀର ନିରଞ୍ଜନ ଶତପଥୀ, ରୀନାରାଣୀ ଶତପଥୀ ଓ ପଶ୍ଚିମବଙ୍ଗର ନିରାପଦ କର୍ମକାର। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍(ଏସ୍‌ବିଆଇ) କଟକର ରିଜିଓନାଲ ମ୍ୟାନେଜର ଭବାନୀ ଶଙ୍କର ମହାନ୍ତିଙ୍କ ଅଭିଯୋଗ କ୍ରମେ ଇଓଡବ୍ଲ୍ୟୁ ମାମଲା ରୁଜୁ କରିଥିଲା। ଜାଲ ଦସ୍ତାବିଜ୍ ଦେଇ ୩.୫୦ କୋଟି ଟଙ୍କା ଲୋନ କରିଥିଲେ। ଏହା ସହ ତାଙ୍କ ପାଖରୁ ଜାଲ ଟଙ୍କା ଜବତ ହୋଇଛି। ଏନେଇ ଏସ୍‌ଟିଏଫ୍ ଏସ୍‌ପିଙ୍କୁ ଅବଗତ କରାଯାଇଛି।

## ଅସୁସ୍ଥ ହୋଇପଡ଼ିଲେ ତାରା



ଭୁବନେଶ୍ୱର, ୨୬/୩: ସାରା ରାତି ଧାରଣାର ଦେବା ପରେ ବିଗିଡ଼ିଗଲା କଂଗ୍ରେସ ବିଧାୟକ ତାରା ବାହିନୀ ପତିଙ୍କ ସ୍ୱାସ୍ଥାବସ୍ଥା। ଅସୁସ୍ଥ ହୋଇପଡ଼ିଲେ ତାରା । ସକାଳୁ ସକାଳୁ କ୍ୟାପିଟାଲ ହସ୍ପିଟାଲରୁ ଡାକ୍ତର ଆସି ତାରାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତକାଲି ୧୨ ବିଧାୟକଙ୍କୁ ବାଚସ୍ପତି ନିଲମ୍ବନ କରିବା ପରେ ଜୋରଦାର ପ୍ରତିବାଦ କରିଛି କଂଗ୍ରେସ। ବାଚସ୍ପତିଙ୍କ ଆହ୍ୱାନ ପରେ ରିଆହ୍ୱାନ ଦେଖାଇଛନ୍ତି କଂଗ୍ରେସ ବିଧାୟକ। ଗତକାଲି ବିଧାନସଭା ଭିତରେ ଓ ବାହାରେ ତମ୍ବିତଫାନ ପରେ ରାଜରାସ୍ତାକୁ ଓହ୍ଲାଇଛନ୍ତି କଂଗ୍ରେସ ବିଧାୟକ। ମାଷ୍ଟରକ୍ୟାଣ୍ଟିନ ଛକରେ ରାତିସାରା ଧାରଣାରେ ବସିଛନ୍ତି କଂଗ୍ରେସ ବିଧାୟକ। ସେମାନଙ୍କ ସହ କଂଗ୍ରେସ କର୍ମୀ ସାମିଲ ହୋଇଛନ୍ତି। ଗତକାଲି ବିଳମ୍ବିତ ରାତି ଯାଏ କଂଗ୍ରେସ ବିଧାୟକମାନେ ଗୃହ ଭିତରେ ରହିଥିଲେ। ସେମାନଙ୍କୁ ବିଧାନସଭା ସୁରକ୍ଷାକର୍ମୀ ବସ୍ ଯୋଗେ କଂଗ୍ରେସ ଭବନରେ ଛାଡିଥିଲେ। ଏହାପରେ କଂଗ୍ରେସ ବିଧାୟକମାନେ ମାଷ୍ଟରକ୍ୟାଣ୍ଟିନ ଛକରେ ଧାରଣାରେ ବସିଛନ୍ତି। ଏଥିସହ ରାତିସାରା ରାତି କଟାଇଛନ୍ତି। କଂଗ୍ରେସ ବିଧାୟକ ତାରା ବାହିନୀ ପତି କହିଛନ୍ତି, ଗଣତନ୍ତ୍ରକୁ ହତ୍ୟା କରିଛନ୍ତି, ମୋତେ ନ୍ୟାୟ ଦରକାର।’ ମହିଳାଙ୍କ ସୁରକ୍ଷା ପାଇଁ ସର୍ବଦଳୀୟ କମିଟି ଆମର ଦାବି ଥିଲା। ପିସିସି ସଭାପତି ଭକ୍ତ ଚରଣ ଦାସ, ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ, ନରସିଂହ ମିଶ୍ର ଓ ଜୟଦେବ ଜେନା ଆମକୁ ଦେଖିବାକୁ ଆସିଥିଲେ। ଆମକୁ ଦେଖିବାକୁ ଆସିଥିବା ଏହି ପୂର୍ବତନ ମନ୍ତ୍ରୀମାନଙ୍କୁ ବିଧାନସଭା ଭିତରକୁ ଛଡ଼ାଗଲାନି। ଆମକୁ ପୋଲିସ ଲଗାଇ ମାଡ଼ ମାରିଲେ, ଗାଳିଗୁଲଜ କଲେ। ମରିଯିବୁ ପଛେ ଡରିବୁନି, ମୋତେ ନ୍ୟାୟ ଦରକାର ବୋଲି କହିଛନ୍ତି ତାରା।

# ପ୍ରକାଶ ପାଇଲା ଶ୍ୱେତପତ୍ର

### ବର୍ଷକରେ ୩୦୫୪ ଦୁଷ୍କର୍ମ, ୧୨୫୮ ହତ୍ୟା ଓ ୧୪୭୧ ଦଙ୍ଗା, ଏସ୍‌ସି, ଏସ୍‌ଟିଙ୍କ ଉପରେ ୩୩୦୩ ନିର୍ଯାତନା ମାମଲା

ଭୁବନେଶ୍ୱର, ୨୬/୩: ରାଜ୍ୟ ସରକାରଙ୍କ ବିଧାନସଭାରେ ଉପସ୍ଥାପନ କରିଛନ୍ତି ୨୦୨୪ ମସିହାରେ ଆଇନଶୃଙ୍ଖଳା ସଂକ୍ରାନ୍ତ ଶ୍ୱେତପତ୍ର। ଏହିବର୍ଷ ରାଜ୍ୟରେ ମୋଟ ୨୧୪୧୧୩ଟି ଧର୍ତ୍ତବ୍ୟ ଅପରାଧ ମାମଲା ରୁଜୁ ହୋଇଛି ଓ ଏହାମଧ୍ୟରୁ ୨୦୭୨୦୪ଟି ମାମଲା ସତ୍ୟ ଆଧାରିତ ଏଥିରେ ଉଲ୍ଲେଖ ରହିଛି। ସେହିପରି ଏହି ବର୍ଷ ରାଜ୍ୟରେ ୩୫୬ ଡକାୟତି, ୨୫୮୨ ଲୁଣ୍ଠନ, ୬୪୦୮ଟି ସିନ୍ଧିଚୋରି, ୧୭୮୦୫ଟି ଚୋରି, ୬୩୦୭ଟି ପ୍ରତାରଣା, ୧୪୭୧ଟି ଦଙ୍ଗା, ୩୦୫୪ଟି ଦୁଷ୍କର୍ମ, ୧୨୩୫୭ଟି ମୋଟରଯାନ ଦୁର୍ଘଟଣା ଓ ୧୬୨୪୯୭ଟି ବିବିଧ ମାମଲା ଅନ୍ତର୍ଭୁକ୍ତ ରହିଛି। ରୁଜୁ ହୋଇଥିବା ୧୨୫୮ଟି ହତ୍ୟା ମାମଲାରେ ୧୨୧୫ଟି ମାମଲା ସତ୍ୟ ଉପରେ ଆଧାରିତ ବୋଲି ସରକାର ସ୍ୱୀକାର କରିଛନ୍ତି। ସେଥିମଧ୍ୟରୁ ବର୍ଷ ଶେଷ ସୁଦ୍ଧା ୫୪୨ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଛି। ଶ୍ୱେତପତ୍ର ଅନୁଯାୟୀ ରାଜ୍ୟରେ ୨୦୨୩ ତୁଳନାରେ ୨୦୨୪ରେ ଦୁଷ୍କର୍ମ, ସାଇବର ଅପରାଧ, ଆର୍ଥିକ ଠକେଇ ସଂଖ୍ୟା ବୃଦ୍ଧି ପାଇଛି। ତେବେ ୨୦୨୪ ମସିହାରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଭାବେ ଶାନ୍ତିପୂର୍ଣ୍ଣ ଥିବା ସରକାର କହିଛନ୍ତି। ଶ୍ୱେତପତ୍ର ଅନୁଯାୟୀ ବିଦାୟୀ ବର୍ଷରେ ରାଜ୍ୟରେ ୩୫୬ଟି ଡକାୟତି ମାମଲା ରୁଜୁ ହୋଇଥିବା ବେଳେ ୩୪୮ଟି ମାମଲା ସତ୍ୟ ଉପରେ ଆଧାରିତ । ଏହାମଧ୍ୟରୁ ପୁଲିସ ବର୍ଷ ଶେଷ ସୁଦ୍ଧା ମାତ୍ର ୭୯ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ କରିଛି। ବିଭିନ୍ନ ଘଟଣାରେ ପୁଲିସ ଦ୍ୱାରା ୪୫ ଜଣ ଆନ୍ତଃରାଜ୍ୟ ଡକାୟତ ସହିତ ମୋଟ ୮୭୩ ଜଣ ଡକାୟତଙ୍କୁ ଗିରଫ କରାଯାଇଛି। ସେହିପରି ମୋଟ ୨୫୮୨ଟି ଲୁଣ୍ଠନ ମାମଲାରୁ ୨୫୪୦ଟି ମାମଲା ସତ୍ୟ ଉପରେ ଆଧାରିତ ଓ ଏହାମଧ୍ୟରୁ ମାତ୍ର ୯୯୦ଟି ମାମଲାରେ ବର୍ଷ ଶେଷ ସୁଦ୍ଧା ଦୋଷାରୋପ ଫର୍ଦ୍ଦ ଦାଖଲ କରିବାରେ



ପୁଲିସ ସକ୍ଷମ ହୋଇଛି। ଶ୍ୱେତପତ୍ର ଅନୁଯାୟୀ ୨୦୨୪ ମସିହାରେ ଏସସି ଓ ଏସଟି ଙ୍କ ଉପରେ ୩୩୦୩ଟି ନିର୍ଯାତନା ସମ୍ପର୍କିତ ମାମଲା ରୁଜୁ ହୋଇଥିଲା। ତନ୍ମଧ୍ୟରୁ ଏଯାବତ୍ ୧୦୯୪ଟି ମାମାଲରେ ଦୋଷାରୋପ ଫର୍ଦ୍ଦ ଦାଖଲ ହୋଇଛି। ୫୬ଟି ଚୂଡ଼ାନ୍ତ ରିପୋର୍ଟ ସତ୍ୟ ହୋଇଥିବା ବେଳେ ୬୬ଟି ଭ୍ରମାତ୍ମକ, ୪ଟି ଅଧର୍ତ୍ତବ୍ୟ, ୩୬୫ଟି ମିଥ୍ୟା ପ୍ରମାଣିତ ହୋଇଛି। ତେବେ ୨୦୨୪ରେ ରାଜ୍ୟରେ ସାଇବର ଅପରାଧ ସଂଖ୍ୟା ବଢୁଥିବା ନେଇ ଶ୍ୱେତପତ୍ରରେ ସ୍ୱୀକାର କରିଛନ୍ତି ସରକାର। ୨୦୨୩ରେ ରାଜ୍ୟରେ ମୋଟ ପଞ୍ଜୀକୃତ ହୋଇଥିବା ମାମଲା ଅପେକ୍ଷା ୨୦୨୪ରେ ଏହା ୨୫୦୧କୁ ବୃଦ୍ଧି ପାଇଛି। ଏହି ମାମଲାରେ ସଂପୃକ୍ତି ଅଭିଯୋଗରେ ମୋଟ ୫୮୧ଜଣଙ୍କୁ ଗିରଫ ହୋଇଛନ୍ତି ଓ ସେମାନେ ୧୫୪ କୋଟି ୪୫ ଲକ୍ଷ ୮୭ ହଜାର ଠକେଇରେ ଜଡ଼ିତ ଅଛନ୍ତି। ୨୦୨୩ ତୁଳନାରେ ୨୦୨୪ରେ ମଧ୍ୟ ଆର୍ଥିକ ଠକେଇ ସଂଖ୍ୟା ବୃଦ୍ଧି ପାଇଛି। ୨୦୨୩ରେ ରାଜ୍ୟରେ ୧୩୬୨ଟି ଆର୍ଥିକ ଠକେଇ ମାମଲା ସାମ୍ନାକୁ ଆସିଥିବା ବେଳେ ୨୦୨୪ରେ ଏହି ସଂଖ୍ୟା ୧୫୫୩କୁ ବୃଦ୍ଧି ପାଇଛି। ଅପରପକ୍ଷେ ୨୦୨୪ରେ ୪୩ ହଜାର ୭୪୦ଟି ଏନସିଆରପି ଅଭିଯୋଗ ହୋଇଥିବା ବେଳେ ୧୯୩୦ ହେଲ୍ପଲାଇନ ମାଧ୍ୟମରେ ମୋଟ ୩୮୧୩୫ ଜଣ ଅଭିଯୋଗ କରିଛନ୍ତି। ୨୦୨୪ରେ ପୁଲିସ ପକ୍ଷରୁ ରାଜ୍ୟରେ ୧୪ ଥର ଗୁଳିଚାଳନା କରାଯାଇଥିବା ବେଳେ ମୋଟ ୨୦୦ଟି ଯୌତୁକ ଜନିତ ହତ୍ୟା ମମାଲା ରୁଜୁ କରାଯାଇଛି। ଏଥିମଧ୍ୟରୁ ମାତ୍ର ୬୯ଟିରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଛି। ପୁନଶ୍ଚ ୨୦୨୪ରେ ରାଜ୍ୟରେ ୨୧୬୦ଟି ମାଦକ ଦ୍ରବ୍ୟ ନିରୋଧୀ ଆଇନ ଅଧିନରେ ମାମଲା ପଞ୍ଜୀକୃତ ହୋଇ ୨୨୭୬ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୧୪୫୨ କ୍ୱିଣ୍ଟାଲ ୭୬ କିଗ୍ରା ୯୧୦ ଗ୍ରାମ ଗଞ୍ଜେଇ, ୧୦ କିଗ୍ରା ୦୦୨ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି।

# ସନାତନ ଧର୍ମ ବିରୋଧୀ ମନ୍ତବ୍ୟ ପ୍ରତିବାଦରେ ଉପଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର



ଆଠମଲ୍ଲିକ, : ଅଖିଳ ଭାରତୀୟ ସାହିତ୍ୟ ପରିଷଦ ନ୍ୟାସ ଆଠମଲ୍ଲିକ ଶାଖା ତରଫରୁ ସନାତନ ଧର୍ମ ର ଆସ୍ଥା ଓ ବିଶ୍ୱାସ ପ୍ରତି ବିରୋଧୀ ମନ୍ତବ୍ୟ ପ୍ରଦାନ କରି ଆକ୍ରମଣ କରୁଥିବା କିଛି ନେତା ଙ୍କ ପ୍ରତିବାଦ ରେ ମହା ମହିମ ରାଷ୍ଟ୍ରପତି ଙ୍କ ଉଦେଶ୍ୟରେ ସ୍ଥାନୀୟ ଉପଜିଲ୍ଲାପାଳ ଙ୍କୁ ସ୍ମାରକ ପତ୍ର ଦିଆ ଯାଇଛି କ୍ଷ ସ୍ମାରକ ପତ୍ର ରେ ଲେଖା ଯାଇଥିବା ଦାବୀ ଅନୁଯାଇ ଗତ କିଛି ଦିନ ତଳେ ପ୍ରୟାଗ ରାଜ ରେ ହୋଇଥିବା ମହା କୁମ୍ଭ ସ୍ନାନ ବିରୋଧ ରେ କିଛି ଜାତୀୟ ଦଳ ର ନେତା ଟିପ୍ପଣୀ ଦେଇଥିବାରୁ ସନାତନ ଧର୍ମ ପ୍ରତି ଏହା କୁଠାର ଘାତ ବୋଲି ଲେଖା ଯାଇଛି କ୍ଷ ବିରୋଧୀ ଙ୍କ ର ଏଭଳି ଟୀକା ଟିପ୍ପଣୀ କୁ ବନ୍ଦ କରିବାକୁ ଦାବୀ କରାଯାଇଛି କ୍ଷ ସ୍ମାରକ ପତ୍ର ଦେବା ସମୟ ରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡିଶା ଆଠମଲ୍ଲିକ ଆବାହକ ଦୁର୍ଗା ପ୍ରସାଦ ଜ୍ୟୋତିଷରାଏ,ଭବାନୀ ଜ୍ୟୋତିଷ ରାଏ, ସୁବୋଧ ଆଚାର୍ଯ୍ୟା, ବିଶ୍ୱଜିତ ଡାଙ୍ଗ, ଇନ୍ଦୁମତୀ ପ୍ରଧାନ,ସୁଶାନ୍ତ ପ୍ରଧାନ ବରଦେବ ବେହେରା, ସୁଶୀଲ ମହାକୁଡ଼,ବିକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଦଶରଥପୁର ବ୍ଲକ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ



ଦଶରଥପୁର, : ଜିଲ୍ଲା ପ୍ରଶାସନ ପକ୍ଷରୁ ଦଶରଥପୁର ବ୍ଲକ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡି ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯସ୍ ପ୍ରତାପ ଶ୍ରୀମାଲ୍ ଏହି ଅଭଯୋଗ ଶିବିରରେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ । ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ଦ୍ୱାରା ଏହି ଅଭିଯୋଗ ଗୁଡ଼ିକର ଯାଞ୍ଚ ପରେ ଯେଉଁମାନେ ଯୋଗ୍ୟ ବୋଲି ଚିହ୍ନଟ ହେବେ ସେମାନଙ୍କର ସମସ୍ୟା ଗୁଡ଼ିକୁ ଯଥା ସମ୍ଭବ ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଅନୁଷ୍ଠିତ ଅଭିଯୋଗ ଶୁଣାଣୀ ଶିବିରରେ ମୋଟ୍ ୧୬୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ତନ୍ମଧ୍ୟରୁ ୧୨୭ଟି ବ୍ୟକ୍ତିଗତ ୧୩ଟି ଗୋଷ୍ଠିଗତ ସମ୍ପର୍କିତ ଅଭିଯୋଗ ହୋଇଥିବା ବେଳେ ୨୨ ଗୋଟି ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ନିମନ୍ତେ ପଞ୍ଜିକୃତ ହୋଇଥିଲା । ସେହିପରି ୫୦ଟି ଅଭିଯୋଗର ତତ୍?କାଳ ଶୁଣାଣୀ କରାଯାଇଥିଲା । ଅନୁଷ୍ଠିତ ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ନିର୍ବାହୀ ଅଧିକାରୀ ଅଶୋକ ବେହୁରିଆ, ଭାରାପ୍ରାପ୍ତ ଉପ-ଜିଲ୍ଲାପାଳ ଲମ୍ବୋଦର ଖୁଣ୍ଟିଆ, ଦଶରଥପୁର ବିଡ଼ିଓ ଆକାଶ ପଟ୍ଟନାୟକ, ଭାରାପ୍ରାପ୍ତ ତହସିଲଦାର ରଶ୍ମିରଂଜନ ମଲ୍ଲିକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରକାଶ ଚନ୍ଦ୍ର ବଳ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରିୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଜନାସାଧାରଣଙ୍କ ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ । ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ବ୍ଲକ ଅଧିନ ଶୁଶୁଆ ଅଞ୍ଚଳର ସୁଶାନ୍ତ କୁମାର ସାହୁ, ବିହାରୀର ତୃପ୍ତିରଂଜନ ଦେବତାଙ୍କୁ ହୁଇଲ୍ ଚେୟାର ପ୍ରଦାନ କରାଯାଇଥିବା ବେଳେ କମାରଡିହି ଅଞ୍ଚଳର ଗୌରାଙ୍ଗ ବେହେର, କନିକାପଡ଼ାର ଗୋବର୍ଦ୍ଧନ ବେହେରା, ଗ୍ରାମନନ୍ଦିପୁରର ରୁଦ୍ରପ୍ରତାପ ସେଠୀଙ୍କୁ ଟ୍ରାଇ ସାଇକେଲ ଓ ଇଜାପୁର ଗ୍ରାମର ଅବିନାଶ ମାଝିଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା । ବିଜେଡ଼ି ପକ୍ଷରୁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ଦାବୀପତ୍ର ପ୍ରଦାନ ।ଚଳିତ ମାସ ୧୮ ତାରିଖ ଦିନ ଦଶରଥପୁର ବ୍ଲକ କାର୍ଯ୍ୟାଳୟ ଅଧିନରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ପୀଥ ହାଂସ୍? ଆଜି ଦଶରଥପୁର ବ୍ଲକରେ ଅନୁଷ୍ଠିତ ହେଉଥିବା ଅଭିଯୋଗ ଶୁଣାଣୀରେ ଯୋଗଦେବାକୁ ଆସିଥିବା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ବ୍ଲକ କାର୍ଯ୍ୟାଳୟରେ ପ୍ରବେଶ କରିବା କ୍ଷଣି ବ୍ଲକ ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକଙ୍କ ନେତୃତ୍ୱରେ ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମନସ୍ୱିନୀ ଦାସ, ପାର୍ଥସାରଥୀ ମହାପାତ୍ର, ସରପଞ୍ଚ ହିମାଂଶୁ ନାୟକ, ନିରାକାର ସାହୁ, ପ୍ରତିଭା ମଲ୍ଲିକ, ଏସ୍?କେ ନାଦର, କୁଞ୍ଜବିହାରୀ ଦାସ, ରାଜଶ୍ରୀ ସାମଲ, କାଞ୍ଚନ ବାଳା ପରିଡ଼ା, ବିଜୟ ଲକ୍ଷ୍ମୀ ଶତପଥୀ, ଗାୟତ୍ରୀ ସେଠୀ, କାଞ୍ଚନ ମଲ୍ଲିକ, ଲିପିକା ମଲ୍ଲିକ, ସମିତି ସଭ୍ୟ ପ୍ରଶାନ୍ତ ମଲ୍ଲିକ, ବିଶ୍ୱଜିତ ରାୟ, ଦିପ୍ତିମୟ ରାଉତ, ସତ୍ୟପ୍ରସନ୍ନ ମହାପାତ୍ର, ବ୍ରଜରାଜ ସାହୁ, ରୋଶନ ଦାସ, ଲକ୍ଷ୍ମୀପ୍ରିୟା ତରାଇଙ୍କ ସମେତ ୩୦ ରୁ ଉର୍ଦ୍ଧ୍ୱ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ/ସଭ୍ୟା ନାରାବାଜି କରିବା ସହିତ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଏକ ଲିଖିତ ଦାବୀପତ୍ର ପ୍ରଦାନକରି ଅଭିଯୁକ୍ତ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକ ହୋଇଥିବାରୁ ପୁଲିସ୍ ତାକୁ ଗିରଫ୍ କରିବାକୁ ଉଚିତ୍ ମଣୁ ନାହିଁ ବୋଲି ଅଭିଯୋଗ କରି ୨ଦିନ ମଧ୍ୟରେ ଅଭିଯୁକ୍ତ ଗିରଫ୍ କରିବା ପାଇଁ ଦାବୀ କରିଥିଲେ ।

# ଚେଙ୍ଗୁଆ ମଙ୍ଗଳପୁର ଆନନ୍ଦ ନନ୍ଦ ଶିବମୁନି ଯୋଗାଶ୍ରମର ୩୧ ତମ ବାର୍ଷିକ ଉତ୍ସବ



ବଡସାହି,୨୪।୩: ଏହି ବ୍ଲକ ଅନ୍ତର୍ଗତ ଚେଙ୍ଗୁଆ ମଙ୍ଗଳପୁର ଶିବ ମୁନି ଯୋଗାଶ୍ରମର ୩୧ ତମ ବାର୍ଷିକ ଅଧିବେଶନ ଆଜି ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଆଶ୍ରମର ଆଚାର୍ଯ୍ୟ ଯୋଗୀ ହରେକୃଷ୍ଣ ମୁନି ସତ୍ୟ ପତାକଓ ଉତ୍ତୋଳନ କରି ଉତ୍ସବକୁ ଉଦ୍ଘାଟନ କରିଥିଲେ ।ଆଶ୍ରମର ସଭାପତି ଯୋଗୀ ମୁରଲୀ ମୁନିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଫେସର ଯୋଗୀ ପଦ୍ମନାଭ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବୈଶିଙ୍ଗା ମହାତ୍ମା ଗାନ୍ଧୀ ମହାବିଦ୍ୟାଳୟର ଅଧାପକ ଯୋଗୀ ହରେକୃଷ୍ଣ ବେହେରା ଯୋଗର ଗୁଡତତ୍ତ୍ୱ ବିଷୟରେ କହିଥିଲେ । ସମ୍ମାନିତ ବକ୍ତାଭାବେ ବି.ବି. କଲେଜର ପୂର୍ବତନ ଅଧକ୍ଷା ଡ଼ଃ ଅଳକା ମଞ୍ଜରୀ ଭୂୟାଁ, ସମ୍ମାନିତ ଅତିଥି ଭାବେ ଜ୍ଞାନଦୀପ ପତ୍ରିକାର ସଂପାଦକ ଯୋଗୀ ସଞ୍ଜୟ ମୁନି, ଶିକ୍ଷକ ପ୍ରଦୀପ ଜେନା ଯୋଗ ଦେଇ ଶିବମୁନିଙ୍କ ସିଦ୍ଧାନ୍ତ ଓ ଦର୍ଶନ ବ୍ୟାଖ୍ୟା କରିଥିଲେ । ଆଶ୍ରମ ଆଚାର୍ଯ୍ୟ ଯୋଗୀ ହରେକୃଷ୍ଣ ମୁନି ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ ।ମଞ୍ଚ ପରିଚାଳନା କରିଥିଲେ ମୁନିସୈନିକ ନରୋତ୍ତମ ଜେନା କ୍ଷ ମନିସଙ୍ଗୀତ ଗାନ କରିଥିଲେ ଯୋଗୀ ନିଳାମ୍ବର ଧିନ୍ଦା । ଆଶ୍ରମର ସଂପାଦକ ଯୋଗୀ ପରମେଶ୍ୱର ମୁନି ।ସହଯୋଗ କରିଥିଲେ ବାବୁଲା ମୁନି, ରବି ମୁନି, ମୁନିମତୀ ପ୍ରଜ୍ଞା, ମୁନି ଜଗନ୍ନାଥ, ବରେନ୍ଦ୍ର, ରତିକାନ୍ତ, ନିରଞ୍ଜନ ମୁନି, ବିଶ୍ୱନାଥ ମୁନି ତଥା ଡୁମୁରିଆ ମୁନି ସମାଜର ମୁନି ଓ ମୁନିମତୀ ଗଣ । ବିଷ୍ଣୁ ମୁନି ଧନ୍ୟବାଦ ପ୍ରଦାନ କରିଥିଲେ ।

# ନବରଙ୍ଗପୁର ଜିଲ୍ଲାସ୍ତରୀୟ ସାରସ୍ୱତ ସମାରୋହ-୨୦୨୫



ଉମରକୋଟ :ଧୋଡ୍ରା-ଉମକୋଟସ୍ଥିତ ଫକୀରମୋହନ ପଠନଶାଳା ଓ ବାଲେଶ୍ୱର ଜିଲ୍ଲାରୁ ପ୍ରକାଶିତ ଦୈନିକ ଖବରକାଗଜ 'ଅପରାହ୍ନ' ର ମିଳିତ ସହଯୋଗରେ ଅଲେଖ ମହିମା ମହାବିଦ୍ୟାଳୟ ,ଧୋଡ୍ରା ଠାରେ ନବରଙ୍ଗପୁର ଜିଲ୍ଲାସ୍ତରୀୟ ସାରସ୍ୱତ ସମାରୋହ-୨୦୨୫ ଅନୁଷ୍ଠିତ ହୋଇ ଯାଇଛି ।ଓଡିଆ ସାହିତ୍ୟର ବିକାଶରେ ଖବରକାଗଜ ଓ କ୍ଷୁଦ୍ର ପତ୍ରପତ୍ରିକାର ଭୂମିକା ବିଷୟ ଉପରେ ଆୟୋଜିତ ଆଲୋଚନା ଚକ୍ରରେ ଫକୀରମୋହନ ପଠନଶାଳାର ସଂପାଦକ ପ୍ରଫୁଲ୍ଲ କୁମାର ରାଉତ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟଅତିଥି ଭାବେ ଓଡିଶା ସାହିତ୍ୟ ଏକାଡ଼େମୀ ପ୍ରାକ୍ତନ ସଦସ୍ୟ ବଲ୍ଲଭ ରାଉତ ମୁଖ୍ୟ ବକ୍ତା ଭାବେ ନାରାୟଣ ପଣ୍ଡା, ବରେଣ୍ୟ ଅତିଥି ଭାବେ ବଂଶୀଧର ଜେନା ସମ୍ପାଦକ ଅପରାହ୍ନ ଖବରକାଗଜ,ସମ୍ମାନିତ ଅତିଥି ଭାବେ ଭାବେ ସର୍ବଶ୍ରୀ ଅଧାପକ ପରୀକ୍ଷିତ ସାହୁ,ଦୁର୍ଗା ପ୍ରସାଦ ପାଢୀ, ମହାନନ୍ଦ ମହାଳିକ ,ଶ୍ରୀନିବାସ ପଟ୍ଟନାୟକ ଓ ଲକ୍ଷ୍ମୀ ପ୍ରିୟା ଦାସ ପ୍ରକାଶିକା ଅପରାହ୍ନ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପୂର୍ଣ୍ଣଚନ୍ଦ୍ର ସେଠୀ ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଶ୍ରୀମତୀ ମିନତୀ ନାୟକ ଧନ୍ୟବାଦ ଦେଇଥିଲେ। ନବରଙ୍ଗପୁର ଜିଲ୍ଲାର ଦଶଟି ବ୍ଲକ୍ ରୁ ଶତାଧିକ ସାହିତ୍ୟିକ ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ ।ଦୁଇଟି ପର୍ଯ୍ୟାୟ କବିତା ଆସରରେ ସଭାପତି ଭାବେ କେଦାରେଶ୍ୱର ପଟ୍ଟନାୟକ ଓ ବିଜୟ ଚୈଧୁରୀ ସମ୍ମାନିତ ଅତିଥି ଭାବେ ସର୍ବଶ୍ରୀ ସହଦେବ ପରିଡା, ଅନନ୍ତ ବାରିକ, ରାମଚନ୍ଦ୍ର ରାମ,ଜଗଦୀଶ ଚନ୍ଦ୍ର ତ୍ରିପାଠୀ,ରାମ ପ୍ରସାଦ ପାତ୍ର, ଅଧାପକ ଗୋପାଳ ମହାରଣା,ତ୍ରିପତି ବାଲାଜୀ ସାହୁ,ପ୍ରଭାତୀ ଦେବନାଥ,ଜାହ୍ନବୀ ପଣ୍ଡା, ଡ ସନ୍ତୋଷ କୁମାର ଖମାରୀ ଓ ମନୋରମା ମହାପାତ୍ର ପ୍ରମୁଖ ଓଡିଆ ଭାଷା ସାହିତ୍ୟ ର ବିକାଶରେ ପତ୍ରପତ୍ରିକାର ଭୂମିକା ଉପରେ ଆଲୋଚନା କରିଥିଲେ। କବିତା ଗୁଡ଼ିକ ସଂଯୋଜନା କରିଥିଲେ ସର୍ବଶ୍ରୀ ସାଗର କୁମାର ପରିଡା, ବିବେକାନନ୍ଦ ପଟ୍ଟନାୟକ, ସ୍ୱାଗତିକା ସାହୁ,ସୁଶୋଭିତା ମେରିଲିନ ତୁରୁକ, ସ୍ୱର୍ଣ୍ଣ ଲତା ପଟ୍ଟନାୟକ, ବାସନ୍ତୀ ଲତା ଜେନା ଓ ବୈଜୟନ୍ତୀ ମାଳା ରାଉତ ।ସମସ୍ତ କାର୍ଯ୍ୟକ୍ରମକୁ ପରିଚାନା କରିଥିଲେ ଅପରାହ୍ନର ଜିଲ୍ଲା ପ୍ରତିନିଧି ସାଗର କୁମାର ପରିଡା। ତାଙ୍କୁ ସହଯୋଗ କରିଥିଲେ ରାଜକିଶୋର ନାୟକ, ବିବେକାନନ୍ଦ ପଟ୍ଟନାୟକ , ପ୍ରକାଶ ଚନ୍ଦ୍ର ବେହେରା , ବଂଶୀଧର ଭୁୟାଁ,ରୂପ ସିଂ ନାୟକ, ପ୍ରଦୀପ୍ତ କୁମାର ବେହେରା,ନଗେନ୍ଦ୍ର କୁମାର ରାଉତ,ରଶ୍ମିତା ସ୍ୱାଇଁ, ପ୍ରକାଶ ସାମଲ,ସରୋଜିନୀ କର, ସନ୍ତୋଷ କୁମାର ସାହୁ,ଚନ୍ଦନ କୁମାର ପାତ୍ର। ନବରଙ୍ଗପୁର ଜିଲ୍ଲାରେ ଓଡିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାରରେ ବ୍ରତୀ ଥିବା ବହୁ ସାରସ୍ୱତ ସାଧକ ସାଧିକାମାନଙ୍କୁ ମାନପତ୍ର ଓ ଉପାୟନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇ ଥିଲା।

# ଜିଲ୍ଲା ସ୍ତରୀୟ ବିଶ୍ୱ ଟି. ବି ଦିବସ ପାଳିତ



ସୁବର୍ଣ୍ଣପୁର, ଦିନ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ଥାନୀୟ ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ସୁବର୍ଣ୍ଣପୁର ତାଲିମ ସଭା ଗୃହ ଠାରେ ଜିଲ୍ଲା ସ୍ତରୀୟ ବିଶ୍ୱ ଯକ୍ଷ୍ମକ୍ଷ ଦିବସ-୨୦୨୫ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡ଼ା ଗୋପାଳ ଚନ୍ଦ୍ର ମଲ୍ଲିକ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଉକ୍ତ ସଭା ରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଡି ସି )ଡ଼ା ରମେଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଟିବି)ଡ଼ା ପଦ୍ମହଂସ ଦୋରା ଓ ଭାର ପ୍ରାପ୍ତ ଅଧକ୍ଷା ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ ର ଶ୍ୟା।ହେଲି ହାଲଦା।ର୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଟି ବି ର କାରଣ ,ଲକ୍ଷଣ ଓ ଏହାର ସୁ-ସମା।ଧାନ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରି ସଚେତନତା ବାର୍ତ୍ତା ପ୍ରଦାନକରି ସୁସ୍ଥ ସୁନ୍ଦର ସମାଜ ତଥା ଟି ବି ମୁକ୍ତ ଭାରତ ଗଠନ କରିବା ପାଇଁ ସମସ୍ତେ ଏକାଠି ହୋଇପାରିବ। ଉପରେ ଆଲୋକପାତ କରିଥିଲେ. ଅତିଥି ବୃନ୍ଦ ଡ୍ରଇଂ ଓ କୁଇଜ୍ ପ୍ରତିଯୋଗୀ ୧୦ ଜଣ ଙ୍କୁ ପୁରସ୍କୃତ କରିଥିଲେ ।ଉକ୍ତ ସଭାରେ ନର୍ସିଂ ସ୍କୁଲ ର ଛାତ୍ର ଛାତ୍ରୀ , ନର୍ସିଂ ଅଫିସର ,ସ୍ୱାସ୍ଥ୍ୟ ବିଭାଗ ର କର୍ମଚାରୀ ଅଧିକାରୀ ବୃନ୍ଦ ଏବଂ ସାମ୍ବାଦିକ ବନ୍ଧୁ ମାନେ ଉପସ୍ଥିତ ଥିଲେ । ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ସଭା ପରିଚାଳନା କରିଥିବାବେଳେ ସନ୍ତୋଷ କୁମାର ସାହୁ,ମୀନାକ୍ଷୀ ସ୍ୱାଇଁ କାଉନସିଲର ଓ ଟି ବି ଚମ୍ପିୟାନ ଈଶ୍ୱର ନାଗ ଉକ୍ତ କାର୍ଯ୍ୟକ୍ରମ କୁ ସହଯୋଗ କରିଥିଲେ ।ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଗନ୍ନାଥ ମହୋତ୍ସବର ଷଷ୍ଠ ଦିନର ଅନ୍ତିମ ସନ୍ଧ୍ୟାରେ ଜନ ସମୁଦ୍ରରେ ମହୋତ୍ସବ



ସୁବର୍ଣ୍ଣପୁରର, : ସ୍ୱର୍ଣ୍ଣ ପ୍ରୟାଗ ରାମେଶ୍ୱରଠାରେ ଚାଲିଥିବା ଜଗନ୍ନାଥ ମହୋତ୍ସବର ଷଷ୍ଠ ଦିନର ଅନ୍ତିମ ସନ୍ଧ୍ୟାରେ ଜନ ସମୁଦ୍ରରେ ମହୋତ୍ସବ କ୍ଷେତ୍ରଜ୍ଞ ଆର୍ତ୍ତତ୍ରାଣ ବାବାଙ୍କ ସ୍ୱର୍ଶ ଚିକିତ୍ସା କାର୍ଯ୍ୟକ୍ରମରେ ହଜାର ହଜାର ଲୋକ ସାମିଲ ।ମହୋତ୍ସବ କମିଟି ପକ୍ଷରୁ ସପ୍ତାହବ୍ୟାପୀ ଚାଲିଥିବା ଅନ୍ନଯଜ୍ଞରେ ପ୍ରତିଦିନ ଦିନରାତି ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କୁ ଅନ୍ନ ପ୍ରସାଦ ବିତରଣ ।ପଞ୍ଚକୁଣ୍ଡିୟ ଘୃତଯଜ୍ଞ ସହ ଚବିଶ ପ୍ରହରୀ ନାମଯଜ୍ଞ ଓ ଜଗନ୍ନାଥଙ୍କ ଦୁଲ୍ଲଭ ବତିଶ ବେଶ ଆଗରେ ଆୟୋଜିତ ବିଷ୍ଣୁ ସହସ୍ର ନାମଜପରେ ଦମ୍ପତିଙ୍କ ସଂକଳ୍ପ ବ୍ରତ ।ଦୁଲ୍ଲଭ ବତିଶ ବେଶର ମୁଖ୍ୟ ପରିଚାଳକ ସଚ୍ଚିଦାନନ୍ଦ ମହାପାତ୍ର,ଗୌରୀଗୋପାଳ ସେବାଶ୍ରମ,ପୁରୀ।ମହୋତ୍ସବର ମୁଖ୍ୟମଞ୍ଚରେ ସଂଧ୍ୟାକାଳୀନ ତ୍ରିଆଳତି ସହ ଜଗନ୍ନାଥ କଥାମୃତକୁ ନେଇ ପ୍ରବଚନ ଓ ଭଜନ ପରିବେଷଣ ।ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡକୁ ଦେଖି ସୁବର୍ଣ୍ଣପୁର ମାରଓ୍ୱାଡି ଯୁବା ମଞ୍ଚ ଓ ଜିଲ୍ଲା ଟ୍ରକ ମାଲିକ ସଂଘ ପକ୍ଷରୁ ଜଳଦାନ ବ୍ୟବସ୍ଥା ।ମହୋତ୍ସବର ମୁଖ୍ୟ କମିଟି,ଅର୍ଥ କମିଟି,ଯଜ୍ଞ କମିଟି,ବତିଶ ବେଶ ସଞ୍ଚାଳନ କମିଟି,ଅନ୍ନଯଜ୍ଞ କମିଟି,ନାମଯଜ୍ଞ କମିଟି,ଜଳ ଓ ପରିମଳ କମିଟି ସହ ପ୍ରଚାର ପ୍ରସାର କମିଟିର ସମସ୍ତ ସଦସ୍ୟଙ୍କ ସକ୍ରିୟ କାର୍ଯ୍ୟ ସମ୍ପାଦନା ଯୋଗୁଁ ଦୀର୍ଘ ଛଅଦିନ ଧରି ମହୋତ୍ସବ ଆଗେଇ ଚାଲିଛି ।ଆରମ୍ଭରୁ ଆଜିଯାଏଁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମରେ ଯଜ୍ଞସ୍ଥଳୀ ଉତ୍ସବମୁଖର ହୋଇଉଠିଥିବାବେଳେ ଭିନ୍ନ ଏକ ଆଧାତ୍ମିକ ପରିବେଶ ମହୋତ୍ସବକୁ ସଫଳ କରିଛି ।

# ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି, ଓ ସଚେତନତା ଶିବିର ଅନୁଷ୍ଠିତ



କୋରାପୁଟ, : ଜିଲ୍ଲା ଜୟପୁର ବ୍ଲକ ଅନ୍ତର୍ଗତ ଜୟନ୍ତିଗିରି ପଞ୍ଚାୟତ ଠାରେ ଆଜି ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଜୟପୁର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋନଜ କୁମାର ନାୟକ ,ସରପଞ୍ଚ ଭଦ୍ର ପୁଜାରି,ଜିପିଡିଓ ଶିବ ପ୍ରସାଦ ପଣ୍ଡା,ପିଓ ନବୀନ ନାୟକ,ସମିତି ମେମ୍ବର ,ଏପିଓ ସନ୍ତୋଷୀ ମହାପାତ୍ର,ବିଏସଏସଓ କେଏସ ନିଶା, ପ୍ରମୁଖ ଉପସ୍ଥିତ ରହିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ଗ୍ରାମବାସୀ ମାନେ ଉପସ୍ଥିତ ରହିଥିଲେ। ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କୁ ସମସ୍ଯା ଅଭିଯୋଗ ଜଣାଇଥିଲେ, ନୂତନ ରାସ୍ତା, ରାସ୍ତା ମରାମତି,ଷ୍ଟ୍ରିଟ ଲାଇଟ, ଡ୍ରେନ,ପାନୀୟ ଜଳ,ର ସମସ୍ୟା ଉପରେ ଆଲୋଚନା ହୋଇଥିଲା, ବିଭିନ୍ନ ସରକାରୀ ଯୋଜନା ର କିପରି ଲାଭ ପାଇପାରିବେ ଉପସ୍ଥିତ ଅଧିକାରୀ ମାନେ ଜଣେଇଥିଲେ ।ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ମଧ ଶୁଣାଣି ହୋଇଥିଲା,ଏହି କାର୍ଯ୍ୟକ୍ରମ ରେ ରାବଣାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ ଉପସ୍ଥିତ ଥିଲେ।

# ଗୋଟିଏ ରାତିରେ ଦୁଇଟି ଚୋରି ।

ଉମରକୋଟ, ଗୋଟିଏ ରାତିରେ ପୃଥକ୍ ପୃଥକ୍ ଜାଗାରେ ଚୋରି ହେଇଛି। ମଣ୍ଡେଇ ଦେଖିବା ବେଳା କାଳ ।ଏଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ । ଘଟଣା ଟି ଘଟିଛି ଝରିଗାଁ ବ୍ଲକ ଧୋଡରା ପଞ୍ଚାୟତ ଭିମାଗୁଡା ଗ୍ରାମରେ। ଏନେଇ ଉଭୟ ଘର ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ଭିମା ଗୁଡା ଗ୍ରାମର ନମିତା ଗୌଡ (୪୫) ଘରର ସପରିବାର ସହିତ ଗତକାଲି ସଂଧ୍ୟା ୭ ଘଣ୍ଟା ସମୟରେ ଧୋଡରା ମଣ୍ଡେଇ ଦେଖିବାକୁ ଯାଇଥିଲେ। ମଣ୍ଡେଇ ଦେଖିସାରି ୮.୪୫ ମିନିଟ ସମୟରେ ଘରକୁ ଫେରିଥିଲେ। ଏହି ସମୟରେ ଘରେ ଦେଖିଲେ ଯେ ଘରର ଆସବାବପତ୍ର ଏଣେତେଣେ ଫୋପାଡି ହୋଇ ପଡ଼ିଥିବା ସହ ଆଲମାରୀ ର ତାଲା ଭଙ୍ଗା ଯାଇଛି। ଆଲମାରୀ ଭିତରେ ଥିବା ସୁନାର ଗୋଟିଏ ଚେନ,୪ଟି ମୁଦୀ,କାନ ଫୁଲ ୮ ହଳ,ଝିକା ୧, ମଙ୍ଗଳସୂତ୍ର ଲକେଟ ୧, ଚୁଡି ୧ ହଳ,ଛୋଟ ପିଲାର ଲକେଟ,୨ ଗ୍ରାମର ସୁନା ବିସ୍କୁଟ ଖଣ୍ଡ, ରୂପା ପାଉଁଜି ୨ ହଳ, ଝୁଣ୍ଟିଆ ୨ ହଳ ଓ ନଗଦ ୮୦୦୦୦ ହଜାର ଟଙ୍କା ଚୋରି କରି ନେଇଛନ୍ତି। ସେହିପରି ଅନ୍ୟ ଏକ ଘଟଣାରେ ଭିମା ଗୁଡା ଗ୍ରାମର ଆରତୀ ବିଶ୍ୱାସ (୩୦) ଙ୍କ ଘରୁ ସେହି ସମୟରେ ସୁନାର ମଙ୍ଗଳସୂତ୍ର ୧, କାନଫୁଲ ୧,ଡିଏସଏଲଆର କେମେରା ଯାହାର ମୂଲ୍ୟ ୯୦୦୦୦ ହଜାର ଓ ନଗଦ ୬୫୦୦୦ ହଜାର ଚୋରି କରି ନେଇଛନ୍ତି। ଏନେଇ ଉଭୟ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କୁ ଭିତ୍ତି କରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏହାର ତଦନ୍ତ ଭାର ଏସଆଇ ଅକ୍ଷୟ ମିଶ୍ର,ଶିବଜି ପଣ୍ଡା ଓ ଏଏସଆଇ ରାମାନନ୍ଦ ପ୍ରଧାନ ନେଇଛନ୍ତି।

# ଅଚିହ୍ନା ଯୁବକର ଝୁଲନ୍ତା ଶବ ଉଦ୍ଧାର



ଉମରକୋଟ :ଜଣେ ଅଚିଂହା ଯୁବକ ର ଝୁଲନ୍ତା ଶବ ଉଦ୍ଧାର କରିଛି ଉମରକୋଟ ପୋଲିସ !ସୂଚନା ପ୍ରକାରେ :ଆଜି ସକାଳେ ପ୍ରାୟ ୮ ଘଂଟିକା ସମୟରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ଜାମରୁଣ୍ଡା ପଂଚାୟତ ଅଧୀନରେ ଥିବା ଦଣ୍ଡେସରା ନିକଟରେ ଥିବା ଜଙ୍ଗଲ ରେ ଏକ ଯୁବକ ର ମୃତ ଶରୀର ଝୁଲନ୍ତା ଅବସ୍ଥାରେ ଗ୍ରାମ ର କିଛି ଲୋକ ଦେଖିଥିଲେ !ଗ୍ରାମବାସୀ ଏ ବିଷୟରେ ସ୍ଥାନୀୟ ସରପଞ୍ଚ ଙ୍କୁ ଜଣେଇଥିଲେ !ସରପଞ୍ଚ ଘଟଣା ସ୍ଥଳକୁ ଆସି ଉମରକୋଟ ପୋଲିସ କୁ ଖବର ଦେଇଥିଲେ !ଖବର ପାଇ ଏସ ଆଇ ଶିବଜି ପଣ୍ଡା, ଅକ୍ଷୟ ମିଶ୍ର, ସୌମେନ୍ଦ୍ର ସେଠ ଓ ପୋଲିସ ଫୋର୍ସ ଘଟଣା ସ୍ଥଳକୁ ଯାଇ ଝୁଲନ୍ତା ଶବ ଉଦ୍ଧାର କରି ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ କୁ ଶବ ବ୍ୟବଛେଦ ନିମନ୍ତେ ପଠାଇଥିଲେ !ଖବର ଲେଖା ହେବା ପର୍ଯ୍ୟନ୍ତ ଯୁବକ ର ପରିଚୟ ଚିହ୍ନଟ ହୋଇପାରି ନ ଥିଲା !ଏହାକୁ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି !ତଦନ୍ତ ଭାର ଏସ ଆଇ ସୌମେନ୍ଦ୍ର ସେଠ ସମ୍ଭାଳିଥିବା ଜଣାପଡିଛି !

# ଏରସମା ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର



ଜଗତସିଂହପୁର, : ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଏରସମା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି ।ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଜେ. ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୧୪୨ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୨୧ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୨୧ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୧୫ ଟି, ଆବାସ ଯୋଜନା ସମ୍ପର୍କୀୟ ୧୧ ଟି ,ଜମିଜମା ସମସ୍ୟା ସମ୍ପର୍କୀୟ ୨୮ ଟି, ଭତ୍ତା ପାଇବା ପାଇଁ ୦୭ ଟି ,ପୋଲିସ ସହାୟତା ପାଇବା ପାଇଁ ୦୩ ଟି, ଏବଂ ଅନ୍ୟାନ୍ୟ ୫୬ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୦୧ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଭବାନୀ ଶଙ୍କର ଉଦଗାତା, ଜ଼ିଲ୍ଲା ପରିଷଦ ର ମୁଖ୍ୟ ବିକାଶ ଅଧିକାରୀ ଶ୍ରୀ ରବିନାରାୟଣ ଜେଠୀ ,ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର ଶ୍ରୀ ଜ୍ୟୋତି ଶଙ୍କର ରାୟ, ଉପ ଜିଲ୍ଲାପାଳ, ଜଗତସିଂହପୁର, ଶ୍ରୀ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏରସମା ,ଶ୍ରୀ ଦାଶରଥି ଜେନା , ତହସିଲଦାର, ଏରସମା, ସ୍ନିଗ୍ଧା ସନ୍ଧ୍ୟାଞ୍ଜଳି ବେହେରା,ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

# ପାହାଡ଼ ତଳୁ ନରକଙ୍କାଳ ଉଦ୍ଧାର ! ହତ୍ୟା ସନ୍ଦେହ

ସୋରଡ଼ା, ୨୬/୩(ନି.ପ୍ର): ଗଂଜାମ ଜିଲ୍ଲା ସୋରଡ଼ା ଥାନା ଅଧୀନସ୍ଥ ଖଜୁରୀପଲ୍ଲୀ ଗାଁ ନିକଟରେ ଥିବା କେଟାମଣି ପାହାଡ଼ ତଳୁ ଶନିବାର ଏକ ନର କଙ୍କାଳ ଠାବ ହୋଇଛି।

ଘଟଣା ସ୍ଥଳର ପାରିପାର୍ଶ୍ୱିକ ସ୍ଥିତିରୁ ଠାବ ହୋଇଥିବା ନର କଙ୍କାଳ ୨୦/୨୫ ବର୍ଷ ଯୁବକର ହୋଇଥିବା ଅନୁମାନ କରାଯାଉଛି। ସୂଚନାନୁଯାୟୀ ଆଜି ସକାଳ ସମୟରେ ସ୍ଥାନୀୟ ଲୋକେ ପାହାଡ଼କୁ ଜାଳେଣି କାଠ ଆଣିବାକୁ ଯାଇଥିବା ବେଳେ କେଟାମଣି ପାହାଡ଼ର ତଳେ ନର କଙ୍କାଳ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରେ ଗ୍ରାମବାସୀଙ୍କ ଦ୍ୱାରା ଖବର ପାଇ ସୋରଡ଼ା ଥାନା ଅଧିକାରୀ ସୁଧୀର ସାହୁ ପୋଲିସ କର୍ମଚାରୀଙ୍କ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣା ସ୍ଥଳରୁ ଛୁରୀ, ପ୍ୟାଣ୍ଟ ,ସାର୍ଟ, ମୋବାଇଲ ଜବତ କରିଛନ୍ତି। ଏହା ଏକ ହତ୍ୟାକାଣ୍ଡ ଭଳି ସନ୍ଦେହ ହେଉଛି। ତେବେ ହତ୍ୟାର ପ୍ରକୃତ କାରଣ ଜଣା ପଡିନଥିବା ବେଳେ ଯୁବକଙ୍କୁ ଛୁରୀରେ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ ପାଇଁ ପେଟ୍ରୋଲ ଢାଳି ପୋଡି ଦିଆଯାଇଥିବା ଅନୁମାନ କରାଯାଉଛି। ଆସ୍କା ଏସ.ଡ଼ି ପି.ଓ ସନ୍ତୋଷ ଜେନା ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଘଟଣାଟି ପ୍ରଚାର ହେବା ପରେ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି ।

# ବଂଶୀଗାଁ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ପାଳିତ

ପାତ୍ରପୁର, ପାତ୍ରପୁର ବ୍ଲକ ବାଦପୁର କ୍ଲଷ୍ଟର ବଂଶୀ ଗାଁ ପ୍ରାଥମିକ ବିଦ୍ୟାଳୟ ଠାରେ ବାର୍ଷିକ ଉତ୍ସବ ଓ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଗଣେଶ ସେଠୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ତିଳ ବେହେରା ମୁଖ୍ୟ ବକ୍ତା ଭାବେ ନାଏବ ସରପଞ୍ଚ ମାଧବ ବାଡତ୍ୟା ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ସିଆର୍‌ସିସି କୃଷ୍ଣ ସେଠୀ,ପରିଚାଳନା କମିଟିର ଅଧ୍ୟକ୍ଷ ପ୍ରଫୁଲ୍ଲ ଶବର ଶିକ୍ଷକ ନେତା ଟୁଟୁ ପ୍ରଧାନ ଓ ବି ରାମାରାଓ ପ୍ରମୁଖ ମଞ୍ଚାସିନ ରହି ଅଭିଭାଷଣ ପ୍ରଦାନ କରିଥିଲେ। ଏହି ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବୃନ୍ଦାବନ ବିଷୋୟୀ ଙ୍କୁ ବିଦ୍ୟାଳୟ ଓ ଗ୍ରାମବାସୀ ତରଫରୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ପୁରସ୍କୃତ କରାଯାଇଥିଲା। କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ସହକାରୀ ଶିକ୍ଷକ ରତ୍ନାକର ପ୍ରଧାନ ବୀବରଣୀ ପଠନ ପୂର୍ବକ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ରାଜୀବ ଲୋଚନ ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ,ନିଶାମଣି ପ୍ରଧାନ, ସଦାନନ୍ଦ ଶବର ଙ୍କ ସମେତ ବାଦ୍ ପୁର କ୍ଲଷ୍ଟର ଓ ଆଖପାଖ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସଙ୍ଗୀତ ନୃତ୍ୟ ପରିବେଷଣ କରାଯାଇଥିଲା।

# ପ୍ରଦୂଷଣରେ ଲଗାମ ନାହିଁ



ବଣାଇଁ, ୨୬/୩(ନି.ପ୍ର): ବଣାଇଁ ବ୍ଲକ କେନ୍ଦ୍ରିକଳା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗୁରୁଣ୍ଡୁପାଲି ମୌଜା ରେ ରହିଛି କଳା ଧୂଆଁର ଭଣ୍ଡାର ଶିବା (ମେଟାଲିକ) ଏବଂ ମାଁ କାଳୀ ସ୍ପଞ୍ଜ ଆଇରନ କାରଖାନା ଆଉ ଏମାନଙ୍କ କଳାଧୂଆଁ ରେ ବର୍ତ୍ତମାନ ଦିନ କାଟୁଛନ୍ତି ବଣାଇଁ ସହର ସମେତ ସ୍ଥାନୀୟ ଅଞ୍ଚଳର ଗ୍ରାମବାସୀ। ଏସବୁ କାରଖାନା ର ମନମୁଖୀ କାର୍ଯ୍ୟ ଯୋଗୁଁ ଦୀର୍ଘ ଦିନ ହେବ କେନ୍ଦ୍ରିକଳା, ଉପରପଡା,ବାବୁ ନୂଆ ଗାଁ,ଅଲେଖପୁର, ଦରେଇକଳା, ଗୋବିନ୍ଦପୁର,ପାଣ୍ଡୁରୀଶିଳା, ଉପରବାହାଲ, ବର୍ହାମୂଷା ଭଳି ଅନେକ ଗାଁ ର ବାସିନ୍ଦା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାସହ ନାନା ପ୍ରକାର ରୋଗରେ ଆକ୍ରାନ୍ତ ହେଉଛନ୍ତି। କିଛି ଦିନ ପୂର୍ବରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଖିଲାପ କାରି ମାନଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନୋଟିସ କରିଥିଲେ ମଧ୍ୟ ବିଭାଗର ନିର୍ଦ୍ଦେଶ କୁ ମାନୁ ନାହାଁନ୍ତି କାରଖାନା କର୍ତୃପକ୍ଷ।

ଦିନ ବେଳେ ପ୍ରଦୂଷଣର ମାତ୍ରା ଟିକେ କମ୍ କରିଦେଇ ରାତି ହେଲା ମାତ୍ରେ ଛାଡ଼ି ଦେଉଛନ୍ତି କଳାଧୂଆଁ। ଯାହା ଫଳରେ କାରଖାନା ଚିମିନିରୁ ନିର୍ଗତ କଳା ଜହର ପାଇଁ ବଣାଇ ସହର ସମେତ ଅଞ୍ଚଳ ବାସୀ ତ୍ରାହି ତ୍ରାହି ଡାକିଲେଣି। ବାୟୁ ପ୍ରଦୂଷଣ ଭୟଙ୍କର ଭାବେ ବଢୁଥିବା ବେଳେ ସକାଳ ହେବା ମାତ୍ରେ ଘର ଦୁଆର , ଗଛ ବୃକ୍ଷ, ପୋଖରୀ, ନଦୀ ଜଳରେ ଗୁଣ୍ଡ ଉଡି କଳା ପଡିଯାଉଛି।ଅବସ୍ଥା ଏପରି ହେଉଛି ଯେ ଲୋକେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଭୋଗୁଛନ୍ତି। ଏସବୁ କାରଖାନା କର୍ତୃପକ୍ଷ କୋଟି କୋଟି ଟଙ୍କା ରୋଜଗାର କରୁଥିବା ବେଳେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କୌଣସି ଆନ୍ତରିକତା ଦେଖାଉ ନାହାଁନ୍ତି। ଏସବୁ କାରଖାନାରେ ଏବେ ଇଏସପି ଚାଲୁଛି ନାଁ ନାହିଁ ତାହା ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶିତ କରାଯାଉଥିଲେ ମଧ୍ୟ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କଳାଧୂଆଁ ରୋକିବାରେ ଅସମର୍ଥ ହେଉଛନ୍ତି। ଯଦି ଏସବୁ କାରଖାନା ର କଳାଧୂଆଁ କୁ ନିୟନ୍ତ୍ରଣ କରାନଯାଏ ତା ହେଲେ ଆଗାମୀ ଦିନରେ ଅଞ୍ଚଳ ବାସୀଙ୍କ ମୃତ୍ୟୁର କାରଣ ଏହି କାରଖାନା ମାନେ ହିଁ ଦାୟୀ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି

# ବୌଦ୍ଧ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଛାତ୍ରୀ ମୋନାଲିସା କହଁରଙ୍କ କୃତିତ୍ୱ

## କଠିନ ପରିଶ୍ରମ ଓ ମଣିଷକୁ ସଫଳତା ଆଡ଼କୁ ଟାଣେ

ବୌଦ୍ଧ ୨୬/୩(ନି.ପ୍ର): ବୌଦ୍ଧ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ର ରସାୟନ ବିଜ୍ଞାନ ଯୁକ୍ତ ୩ ବିଭାଗର ଅନ୍ତିମ ବର୍ଷର ଛାତ୍ରୀ ମୋନାଲିସା କହଁର ସ୍ନାତକୋତ୍ତର ରେ କୃତିତ୍ୱ ଅର୍ଜନ କରିଛନ୍ତି । ଚଳିତ ବର୍ଷ ଆଇ.ଆଇ.ଟି. ସ୍ନାତକୋତ୍ତର ପ୍ରବେଶିକା ପରୀକ୍ଷାରେ ଯୋଗ୍ୟ ବିବେଚିତ ହୋଇ ବୌଦ୍ଧ ପାଇଁ ଗୌରବ ଅର୍ଜନ କରିଛନ୍ତି ।ଏହି କୃତିତ୍ୱ ପାଇଁ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ଼ ପ୍ରଭୁଦତ୍ତ ହୋତା, ଅଧ୍ୟାପକ ଦେବାଶିଷ ମିଶ୍ର, ଅଶ୍ୱିନୀ କୁମାର ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିଜର ସମୟକୁ ସଦୂପଯୋଗ କରି ସଫଳତା ପାଇଥିବା ନେଇ ସେ ଗଣ ମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି । ମହାବିଦ୍ୟାଳୟର ଅଧ୍ୟକ୍ଷ ରବିନ୍ଦ୍ର କୁମାର ସାହୁ ଙ୍କ ସମେତ ନିଜର ସାହାପାଠୀ ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ଅଧ୍ୟାପକମାନଙ୍କୁ ଆସନ୍ତା ବର୍ଷ ମାନଙ୍କରେ ଏହି ସଫଳତା ବଜାୟ ରଖିବାକୁ ପରାମର୍ଶ ପ୍ରଦାନ କରିଛନ୍ତି ।



# ବୌଦ୍ଧ ଟାଉନ ହଲ ରେ ପାଳିତ ହେଲା ବିଶ୍ୱ ଜଳ ଦିବସ

## ଜଳହିଁ ଜୀବନ, ଜଳର ସଦୁପଯୋଗ କରିବା ମୁଖ୍ୟ କର୍ତବ୍ୟ : ଜିଲ୍ଲାପାଳ

ବୌଦ୍ଧ,୨୬/୩(ନି.ପ୍ର): ବୌଦ୍ଧ ଜିଲ୍ଲା ଟାଉନ ହଲ ଠାରେ ଜିଲ୍ଲା ଜଳ ସମ୍ପଦ ବିଭାଗ ପକ୍ଷରୁ ପାଳିତ ହୋଇଯାଇଛି ବିଶ୍ୱ ଜଳ ଦିବସ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲା ପାଳ ସୁବ୍ରତ ପଣ୍ଡା ଯୋଗ ଦେଇ ଜଳ ର ଉପକାରିତା ଓ ଜଳ ହିଁ ଜୀବନ. ଜଳ ର ସଦୁପଯୋଗ କରିବା ମଣିଷ ର ମୁଖ୍ୟ କର୍ତ୍ତ୍ୟବ୍ୟ ବୋଲି ସାଧାରଣ ସଭା ରେ ନିଜର ମତ ରଖିଥିଲେ ।ସେହିପରି ଅନ୍ୟତମ ଅତିଥି ଭାବେ ଏଡିମ ଅନିରୁଦ୍ଧ ପ୍ରଧାନ, ଉପ ଜିଲ୍ଲାପାଳ ପ୍ରବୀଣ ବଣ୍ଡୁଆ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭାସ ଦଣ୍ଡ ସେନା, ଜଳ ସମ୍ପଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଙ୍କ ସମେତ ପାଣି ପଞ୍ଚାୟତ କମିଟି ର ସଦସ୍ୟ, ଚାଷୀ ଭାଇ ଭଉଣୀ ମାନେ ଅଂଶ ଗ୍ରହଣ କରିଥିଲେ ।



# କାଜୁ ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା , ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି ସିନ ରିକ୍ରିଏସନ କଲା ପୋଲିସ

କଙ୍କଡ଼ାହାଡ଼,୨୬/୩(ନି.ପ୍ର): : ଢ଼େଙ୍କାନାଳ ଜିଲ୍ଲା ମହାବିରୋଡ଼ ଥାନା, ମହାବିରୋଡ଼ -ଚାନ୍ଦପୁର ରାସ୍ତାରେ ଥିବା କାଜୁ ଜଙ୍ଗଲରୁ ଯୁବକ ଙ୍କ ମୃତ ଦେହ ଉଦ୍ଧାର ଘଟଣା । ଘଟଣା ର ଦୁଇଦିନ ମଧ୍ୟରେ ମୁଖ୍ୟ ଅଭିଯୁକ୍ତ କୁ ଗିରଫ କରିବା ସହ ହତ୍ୟାକାଣ୍ଡ ର ସିନ ରିକ୍ରିଏସନ କଲା ପୋଲିସ । ସୂଚନା ଅନୁସାରେ ଗତ ୨୦ ତାରିଖ ଦିନ ମହାବିରୋଡ଼ – ଚାନ୍ଦପୁର ରାସ୍ତାରେ ଥିବା କାଜୁ ଜଙ୍ଗଲ ରୁ ଜଣେ ଯୁବକ ଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା ।ମୃତକ ଜଣକ ଦଶୀପୁର ପଞ୍ଚାୟତ ଭାଲୁମୁଣ୍ଡା ସାହି ର ନବ ଦେହୁରୀ ଙ୍କ ପୁଅ ଲୁଲୁ ଦେହୁରୀ ହୋଇଥିବା ଜଣା ପଡିଥିଲା । ଲୁଲୁ ଯାଜପୁର ଜିଲ୍ଲା ଡୁବୁରୀ ଠାରେ ଏକ କମ୍ପାନୀ ରେ କାମ କରୁଥିବା ବେଳେ ଦଶୀପୁର ରେ ହେଉଥିବା ଦୋଳଯାତ୍ରା ଦେଖିବାକୁ ଗାଁ କୁ ଆସିଥିଲେ । କିନ୍ତୁ ଯାତ୍ରା ଦିନ ସନ୍ଧ୍ୟା ସମୟରୁ ଲୁଲୁ ହଟାତ କେଉଁଆଡେ ନିଖୋଜ ହୋଇ ଯାଇଥିବା ବେଳେ ତାଙ୍କର ମୋବାଇଲ ସ୍ୱିଚ ଅଫ ରହିଥିଲା । ପରଦିନ ଲୁଲୁଙ୍କ ମୃତଦେହ କାଜୁ ଜଙ୍ଗଲରୁ ଉଦ୍ଧାର ହୋଇଥିବା ବେଳେ ଲୁଲୁ ଙ୍କୁ ହତ୍ୟା ହୋଇଥିବା ନେଇ ପରିବାର ଲୋକ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରକୁ ଭିତ୍ତିକରି କାମାକ୍ଷାନଗର ଏସଡିପିଓ, ଢେଙ୍କାନାଳ ସାଇଣ୍ଟିଫିକ ଟିମ ଓ ମହାବିରୋଡ଼ ପୋଲିସ ଘଟଣା ର ତଦନ୍ତ କରି ହତ୍ୟାକାଣ୍ଡ ର ରହସ୍ୟ ଉନ୍ମୋଚନ କରିଛନ୍ତି । ଲୁଲୁ ଙ୍କୁ ତାଙ୍କ ଗାଁ ର ଯୁଗଳଦେହୁରୀ ନାମକ ଜଣେ ଯୁବକ ହତ୍ୟା କରିଥିବା ନେଇ ପୋଲିସ ସୂଚନା ଦେଇଛି । ଯୁଗଳଙ୍କ ସ୍ତ୍ରୀଙ୍କ ସହ ଲୁଲୁଙ୍କ ଅନୈତିକ ସଂପର୍କ ରହିଥିବା ସନ୍ଦେହ କରି ଯୁଗଳ ଲୁଲୁକୁ ହତ୍ୟା କରିଥିବା ନେଇ କାମାକ୍ଷାନଗର ଏସଡିପିଓ ସୂଚନା ଦେଇଛନ୍ତି । ଏନେଇ ହତ୍ୟାକାଣ୍ଡ ର ସିନ ରିକ୍ରିଏସନ କରିବା ସହ ହତ୍ୟାକାଣ୍ଡ ରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିବା ସହ ହତ୍ୟାକାରୀକୁ ଅଦାଲତ କୁ ପଠା ଯାଇଛି।

# ଜମି ପଟ୍ଟା ଦେବ ମୁଣ୍ଡ ଉପରେ ଛାତ : ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ

## ଦାନଗଦି ବ୍ଲକ ରେ ୩୭୩ ଜଣ ଜନଜାତିଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କଲେ ମନ୍ତ୍ରୀ



ଦାନଗଦି,୨୬/୩(ନି.ପ୍ର): ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ର ଲୋକେ ଜମି ପଟ୍ଟା ନଥିବା କାରଣରୁ ଆବାସ ଯୋଜନା ରେ ସାମିଲ ହୋଇ ପାରୁନଥିଲେ କ୍ଷ ପୁରୁଷ ପୁରୁଷ ଧରି ରହୁଥିବା ଭିଟାମାଟି ଉପରେ ଆଦିବାସୀ ଲୋକେ ନିଜର ଅଧିକାର ସାବ୍ୟସ୍ତ କରି ପାରୁନଥିଲେ କ୍ଷ ଜମି ଅଧିକାର ଆଇନ ସେମାନଙ୍କ ର ଏହି ସମସ୍ୟା ଦୂର କରିଛି କ୍ଷ ଆଗକୁ ନିଜ ପଟ୍ଟା ଜମି ରେ ସବୁ ଆଦିବାସୀ ଭାଇ ଭଉଣୀ ମାନେ ସରକାର ଦେଉଥିବା ଆବାସ ତୋଳିବାକୁ ସକ୍ଷମ ହେବେ ବୋଲି ସୁକିନ୍ଦା ର ବିଧାୟକ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଶନିବାର ଦାନଗଦି ଭବନ ଠାରେ କହିଛନ୍ତି କ୍ଷ ଦାନଗଦି ତହସିଲ କାର୍ଯ୍ୟାଳୟ ପକ୍ଷରୁ ବ୍ଲକ ର ୩୭୩ଜଣ ଆଦିବାସୀ ଙ୍କୁ ଶନିବାର ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଛି କ୍ଷ ମନ୍ତ୍ରୀ ପଟ୍ଟା ବଣ୍ଟନ କରି ଆଗକୁ ଆଜବେଷ୍ଟସ କିମ୍ବା ଟାଇଲ୍ ଛପର ଘରେ ରହୁ ଥିବା ଲୋକେ ମଧ୍ୟ ଆବାସ ଯୋଜନା ର ଲାଭ ପାଇବେ ବୋଲି ସୂଚନା ଦେଇଛନ୍ତି ।

ସମସ୍ତଙ୍କ ପାଇଁ ଛାତ ଘର ରାଜ୍ୟ ସରକାରଙ୍କ ସଂକଳ୍ପ ବୋଲି ସେ କହିଥିଲେ। ଆଜି ପୂର୍ବରୁ ମଧ ଦାନଗଦି ବ୍ଲକ ରେ ମନ୍ତ୍ରୀ ଙ୍କ ଦ୍ୱାରା ପଟା ଯୋଗାଇ ଦିଆଯାଉଛି ଆଜି କୁ ମିଶାଇ ପାଖାପାଖି ୬୦୦ ପରିବାର ଙ୍କୁ ପଟା ଯୋଗାଇ ଦିଆଯାଉଛି ଓ ଆଗକୁ ମଧ ପଟା ଯୋଗାଇ ଦିଆଜିବ ବୋଲି ସୂଚନା ଦେଇଛନ୍ତି କ୍ଷ ଆଜି ଦାନଗଦି ବ୍ଲକର ମଙ୍ଗଳପୁରର ୪୨ ଜଣ, ରଣାଗୁଣ୍ଡି ର ୩୬ ଜଣ, କୁଳାପିଟା ର ୬୧ ଜଣ, ବାଲିଆପାଳ ର ୬ ଜଣ, ବାଘୁଆପାଳ ର ସର୍ବାଧିକ ୧୧୮ ଜଣ, ଚିତ୍ରି ର ୫୭ ଜଣ, ଅଙ୍କୁରାପାଳ ର ୧ ଜଣ, ଧୂଳିଗଡ଼ ର ୧୬ ଜଣ, ଶାଳୀଜଙ୍ଗା ର ୧୨ ଜଣ ଏବଂ ନଛିପୁରା ର ୨୪ ଜଣ ଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଛି କ୍ଷ ଅବଶିଷ୍ଟ ଲୋକ ମାନଙ୍କୁ ମଧ୍ୟ ଖୁବ୍ ଶୀଘ୍ର ପଟ୍ଟା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଏହି ଅବସରରେ ଘୋଷଣା କରିଛନ୍ତି କ୍ଷ ଏହି କାର୍ଯ୍ୟକ୍ରମ ରେ ଦାନଗଦି ତହସିଲଦାର ରଞ୍ଜିତ ମଲିକ, ଦାନଗଦି ବିଡିଓ ପ୍ରଦୀପ ସେଠୀ, ମଙ୍ଗଳପୁର ସରପଞ୍ଚ ବାବୁଲି ନାଟିଆ ଏବଂ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଶାନ୍ତ ରାୟ ପ୍ରମୁଖ ଉପସ୍ଥିତ ରହିଥିଲେ ।

# କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ଜନ୍ମ ଦିନରେ ସମରା ଓରାମ ଏଜୁକେସନ ଟ୍ରଷ୍ଟ ପକ୍ଷରୁ ସ୍ୱର୍ଗତଃ ସମରା ଓରାମଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ବଣାଇ,୨୬/୩(ନି.ପ୍ର): କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମଙ୍କ ୬୪ ତମ ଜନ୍ମ ଦିନ ରେ ତାଙ୍କ ପୈତୃକ ଗ୍ରାମ କେନ୍ଦୁଡିହି ସ୍ଥିତ ସମରା ଓରାମ ଏଜୁକେସନ ଟ୍ରଷ୍ଟ ଆନୁକୂଲ୍ୟରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଓରାମଙ୍କ ଅଜା ସ୍ୱର୍ଗତଃ ସମରା ଓରାମଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇ ଯାଇଛି। ପ୍ରତିମୂର୍ତ୍ତି ଅନା ବରଣ କାର୍ଯ୍ୟକ୍ରମ ରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଓରାମ ଯୋଗ ଦେଇ ଚଳିତ ବର୍ଷ ତାଙ୍କ ଜନ୍ମ ଦିନ ଅତ୍ୟନ୍ତ ନିରାଡମ୍ବର ଭାବେ ପାଳିତ ହେଉଥିବା କହିଥିଲେ।

କାରଣ କିଛି ଦିନ ପୂର୍ବରୁ ତାଙ୍କ ସହ ଧର୍ମିଣି ଶ୍ରୀମତୀ ଝିଙ୍ଗିଆ ଓରାମଙ୍କ ପରଲୋକ ହୋଇ ଥିବାରୁ ମନ୍ତ୍ରୀଜନ ସମାବେଶକୁ ସମ୍ବୋଧନ ସମୟ ରେ ତାଙ୍କ ଧର୍ମ ପତ୍ନୀଙ୍କ ସ୍ମୃତୀ ଚାରଣ କରି ଭାବ ବିହ୍ୱଳ ହୋଇ ଯାଇଥିଲେ। ଏହି ଅବସରରେ ମନ୍ତ୍ରୀ ସମରା ଓରାମ ଏଜୁକେସନ ଟ୍ରଷ୍ଟକୁ ସମାଜ ର ହୀତ ପାଇଁ ଉତ୍ସର୍ଗ କରିଥିଲେ। ଜନସଭା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ବଣାଇଁ ର ଆରାଧ୍ୟ ବାବା ବାଣେଶ୍ୱରଙ୍କ ଦର୍ଶନ କରିବା ସହ ଲୋକଙ୍କୁ ଛତା ବଣ୍ଟନ କରିଥିଲେ। ଏହା ପରେ ଯୁବ ମୋର୍ଚ୍ଚା ପକ୍ଷ ରୁ ଆୟୋଜିତ ରକ୍ତ ଦାନ ଶିବିର ରେ ଯୋଗ ଦେଇ ବଣାଇଁ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ରେ ରୋଗୀ ଙ୍କୁ ଫଳ ବଣ୍ଟନ କରିଥିଲେ। ବଣାଇଁ ଠାରେ ଆୟୋଜିତ କାର୍ଯ୍ୟକ୍ରମ ରେ ମନ୍ତ୍ରୀଙ୍କ ସହ ବଣାଇଁ ରାଜା ସାହେବ ବୀର କେଶରୀ ଇନ୍ଦ୍ର ଦେଓ ଦେବ ଉପସ୍ଥିତ ଥିବା ବେଳେ କେନ୍ଦୁଡ଼ିହି ଠାରେ ଆୟୋଜିତ ପ୍ରତିମୂର୍ତ୍ତି ଅନାବରଣ ସମା ବେଶ ରେ ମନ୍ତ୍ରୀଙ୍କ ସହ ତଳସରା ବିଧାୟକ ତଥା ଓଡିଶା ବିଧାନ ସଭାର ଉପ ବାଚସ୍ପତି ଶ୍ରୀ ଭବାନୀ ଶଙ୍କର ଭୋଇ,ବଣାଇଁ ରାଜ କୁମାର ପି. ଭ୍ରିଗରାଜ ଦେଓ,ଶିଳ୍ପପତି ପଦ୍ମିନୀ ପାଣିଗ୍ରାହୀ, ବିଜେପି ରାଜ୍ୟ ଉପସଭାପତି ସୁକେଶୀ ଓରାମ, ଲହୁଣୀ ପଡା ମଣ୍ଡଳ ସଭାପତି ପୂର୍ଣ୍ଣ ଚନ୍ଦ୍ର ଓରାମ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ର ଅନାଦି ମାହାନ୍ତ ଓରାମ ସମାଜ ବୁଢ଼ୀପାଲି ଡ଼ାଳି ପାଢ଼ା ର ବେଲ୍ ଧୁନ୍ଦୁରୁ ଓରାମ, ଦେଓ୍ୱାନ୍ ମାଦୀ ଓରାମ, ଓରାମ ସମାଜ ର ପଦାଧିକାରୀ ବଲୁ ଓରାମ, ଏତୁଆ ଓରାମ, ରାମ ଓରାମ, ଲୁଥାର୍ ଓରାମ, ଦମୟନ୍ତୀ ଓରାମ, ପାତ୍ରାସ ଏକ୍କା, ରଞ୍ଜନ ଓରାମ ବୁନ୍ଧୁରାମ ଓରାମ, ଶାନ୍ତି ଓରାମ ପ୍ରମୁଖ ଓ ଓରାମ ସମାଜ ର ଭାଇ ଭଉଣୀ ତଥା ଭାରତୀୟ ଜନତା ପାର୍ଟି ର ନେତୃମଣ୍ଡଳୀ, କାର୍ଯ୍ୟକର୍ତ୍ତା ତଥା କେନ୍ଦ୍ର ମନ୍ତ୍ରୀଙ୍କ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ର ଆୟୋଜନ ଗୁରୁଚରଣ ଓରାମ ଓ ମନୋଜ ଓରାମଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ହୋଇ ଥିଲା।



# ନିଶା କବଳରେ କବଳିତ କୋରେଇ ଯୁବପିଢ଼ି: ପ୍ରତି ଗାଁ ଛକରେ ସନ୍ଧ୍ୟାରେ ଜମୁଛି ନିଶାର ଆସର !

କୋରେଇ,୨୬/୩(ନି.ପ୍ର): କୋରେଇ ରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଚୋରା, ନକଲି ମଦ କାରବାର। ସରକାରୀ ସ୍ୱୀକୃତିପ୍ରାପ୍ତ ମଦ ଦୋକାନକୁ ଛାଡ଼ିଦେଲେ ଗାଁ ଗଣ୍ଡା ଛକ ବଜାର ଛୋଟ ବଡ଼ ଢାବା ହୋଟେଲ ଓ ପାନ ଦୋକାନ ମିଠା ଦୋକାନ ସବୁଠି ଖୁଲମ୍ ଖୁଲା ଚାଲିଛି ଚୋରା ମଦ ସହିତ ଧଳା ପାଉଡରକୁ ଗଞ୍ଜେଇ ସିଗାରେଟ କାରବାର । ଗାଁ ଗହଳିର ସାଧାରଣ ଲୋକ ବର୍ତ୍ତମାନ ଚୋରା, ନକଲି ମଦ ପିଇ ମଦ୍ୟପାନରେ ଅଭ୍ୟସ୍ତ ହୋଇ ନିଜର ସମସ୍ତ ରୋଜଗାର ପରିବାର ପ୍ରତିପୋଷଣ କରିବା ବଦଳରେ ନିଶା ଖାଇବାରେ ରେ ଖର୍ଚ୍ଚ କରିବା ସହିତ ବିଭିର୍ନ୍ନ ପ୍ରକାର ରୋଗ କୁ ନିମନ୍ତ୍ରଣ କରୁଛନ୍ତି।ଯୁବକ ମନେ ଧଳା ପାଉଡର ଓ ଗଞ୍ଜେଇ ସିଗାରେଟ ନିଶାରେ ପାଗଳ ହୋଇ ଚୋରି, ରାହାଜାନି ଭଳି ଅପରାଧ କରିବାକୁ ପଛାଉ ନାହାଁନ୍ତି କ୍ଷ ଯାହା ଫଳରେ ନିଜ ପରିବାର ସମେତ ଗାଁ ଛକ ବଜାର ଓ ଅନେକ ପରିବାରରେ ବିଶୃଙ୍ଖଳା ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି ।ସରକାରୀ ନିୟମ ଅନୁସାରେ ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନକୁ ଛାଡ଼ିଦେଲେ ଅନ୍ୟ କୌଣସି ଜାଗାରେ ମଦ ବିକ୍ରୟ ସମ୍ପୂର୍ଣ୍ଣ ନିଷେଧ ଥିବାବେଳେ କୋରେଇରେ ପ୍ରତି ଗାଁର ଛକ ମାନଙ୍କରେ ନିଶାର ଅବାଧ କାରବାର ହେଉଥିବା ଅଭିଯୋଗ ହେଉଛି।

ଅନ୍ୟପଟେ ସରକାରୀ ମଦ ଦୋକନ ଗୁଡ଼ିକ ବିଭିର୍ନ୍ନ ନାମୀ ବ୍ରାଣ୍ଡ ନାମରେ ନକଲି ମଦକୁ କୋରେଇ ଗାଁ ଗହଳି ର ଛୋଟ ଛୋଟ ବଜାରର ହୋଟେଲ, ଢ଼ାବା ଓ କେତକ ଯୁବକ ମାନଙ୍କୁ ଏଜେଣ୍ଟ କରି ବ୍ୟବସାୟ ବୃଦ୍ଧି କରି ଚାଲିଛନ୍ତି.କୋରେଇର ଧନେଶ୍ୱର, ପାଣିକୋଇଲି, ସଠିପୁର, ବରୁଣ୍ଡେଇ, ମଥୁରାପୁର, ତାରାକୋଟ, ବେଲଟିକିରି, ଗୌରପୁର, ପୂର୍ବକୋଟ, ରଗଡ଼ି, ତୁଳତି,ବ୍ୟାସନଗର, ଶଙ୍ଖଚିଲା ଭଳି ପ୍ରମୁଖ ସ୍ଥାନରେ ଥିବା ହୋଟେଲ, ଢାବା, ପାନ ଦୋକାନ ରେ ବହୁଳ ଭାବରେ ନିଶା ଜିନିଷ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ସେହିପରି ବ୍ୟାସନଗର, ପାଣିକୋଇଲି ବିଭିନ୍ନ ପାନ ଦୋକାନ ମାନଙ୍କରେ ଧଳା ପାଉଡର,ଗଞ୍ଜେଇ ସିଗାରେଟର ମଜା ନେବା ପାଇଁ ଯୁବ ପିଢ଼ି ପାଗଳ ହେଉଛନ୍ତିକ୍ଷବିଶେଷ କରି ରଣପୁର ପଞ୍ଚାୟତ ବେଲଟିକିରି ଛକର ଭଗବାନ, କନ୍ତୋର ପଞ୍ଚାୟତର ଗରିବ ଓ ଗୌରପୁର ପଞ୍ଚାୟତର ମୁନ୍ନା ସାହୁ ନାମକ ବ୍ୟକ୍ତି ଚୋରା ନକଲି ମଦ କାରବାର ବାଦଶାହା ପାଲଟିଥିବା ଶୁଣିବାକୁ ମିଳୁଛି ।ସେ କୁଆଡେ ସବୁ ନାମୀ ଦାମୀ ବ୍ରାଣ୍ଡର ନକଲି ମଦ ସାରା କୋରେଇକୁ ଯୋଗାଉଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ ପ୍ରତିଦିନ ସରକାରୀ ମଦ ଦୋକାନ ରେ ଯେତିକି ମଦ ବିକ୍ରି ହୁଏ ନାହିଁ ଏହି ପ୍ରମୁଖ ସ୍ଥାନ ମାନଙ୍କରେ ତା ଠାରୁ ଅଧିକ ଚୋରା ନକଲି ମଦ ବିକ୍ରି ହୁଏ, ତାହା ପୁଣି କମ ଦାମରେ କ୍ଷ ଶୁଣିବାକୁ ମିଳୁଛିକି ଏହି ଚୋରା ମଦ କାରବାର କରୁଥିବା ବ୍ୟକ୍ତି ମାନଙ୍କୁ ଯାଜପୁର ରୋଡ଼ ଅବକାରୀ ବିଭାଗ ଓ ସ୍ଥାନୀୟ ପୋଲିସମାନେ ମାସିକିଆ ବଟି ନେଇ ପରୋକ୍ଷରେ ସହଯୋଗ କରୁଛନ୍ତି। ଅଭିଯୋଗ ହେଉଛିକି କିଛି ଛୋଟ ପୋଲିସ ଓ ସ୍ଥାନୀୟ ରାଜନେତା ମାନଙ୍କ ମାଧ୍ୟମରେ ପ୍ରତିଦିନ ଚୋରା ବେପାରୀ ମାନଙ୍କ ଠାରୁ ବଟି ଆଦାୟ ହୋଇ ତଳୁ ଉପର ପର୍ଯ୍ୟନ୍ତ ଭାଗ ଦିଆ ଯାଉଛିକ୍ଷ ସେଥିପାଇଁ ଚୋରା ନକଲି ମଦ କାରବାର ପାଇଁ କୌଣସି ପ୍ରତିବନ୍ଧକ ନଥିବା ଓ ଦୁର୍ନୀତି ଖୋର୍ ଅଧିକାରୀ ମାନେ ଏଥି ପାଇଁ ଦାୟୀ ବୋଲି ଚର୍ଚ୍ଚା ହେଉଛି। ସରକାର ଉପରୁ ସାଧାରଣ ଜନତା ବିଶ୍ୱାସ ହରାଇବା ପୂର୍ବରୁ ଅବକାରୀ ବିଭାଗ, ପୋଲିସର ଉଚ୍ଚ କର୍ତ୍ତୃପକ୍ଷ ବିଶେଷ କରି ଯାଜପୁର ଜିଲ୍ଲାପାଳ କୋରେଇ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇ ଚୋରା ନକଲି ମଦ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବାପାଇଁ ଅଞ୍ଚଳ ବୁଦ୍ଧିଜିବୀ ମାନେ ଦାବି କରିଛନ୍ତି।



# ସଂପାଦକୀୟ

## ‘ଭାରତ ଯୋଡ଼ୋ’

ଆମ ଦେଶର ସର୍ବବୃହତ୍ ରାଜନୈତିକ ଦଳ କଂଗ୍ରେସର ଯୁବ ଚେହେରା ତଥା ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା ‘ଭାରତ ଯୋଡ଼ୋ’ କୁ ୧୦୮ ଦିନ ପୂରିଥିବାବେଳେ ଏହା ଜାତୀୟ ରାଜଧାନୀ ଦିଲ୍ଲୀଠାରେ ପହଞ୍ଚିଛି। ଭାରତର ଦକ୍ଷିଣ ସୀମାନ୍ତବର୍ତ୍ତୀ କନ୍ୟାକୁମାରୀଠାରୁ ଗତ ସେପ୍ଟେମ୍ବର ୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଉତ୍ତର ସୀମାନ୍ତର କାଶ୍ମୀର ପର୍ଯ୍ୟନ୍ତ ଯିବାର କାର୍ଯ୍ୟକ୍ରମ ରହିଛି ଓ ସମୁଦାୟ ଯାତ୍ରାର ଅବଧି ୧୫୦ ଦିନ ରଖାଯାଇଛି। ଶନିବାର ହରିଆନାର ଫରିଦାବାଦ୍‌ର ଦଳୀୟ ନେତା ଓ କର୍ମୀଙ୍କ ସହ ପଦଯାତ୍ରାରେ ଆସି ରାହୁଲ ଦିଲ୍ଲୀ ସୀମାରେ ପ୍ରବେଶ କରିବା ବେଳେ ପଦଯାତ୍ରୀ ଦଳଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ତାଙ୍କର ମାତା ସୋନିଆ ଗାନ୍ଧୀ, ଭଉଣୀ ପ୍ରିୟଙ୍କା ଓ ଦଳର ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେଙ୍କଠାରୁ ଆରମ୍ଭ କରି ଅଭିନେତାରୁ ରାଜନେତା ପାଲଟିଥିବା କମଲ୍ ହାସନ୍‌ଙ୍କ ପର୍ଯ୍ୟନ୍ତ ବହୁ ବ୍ୟକ୍ତି ତାଙ୍କୁ ସ୍ୱାଗତ ଜଣାଇବାକୁ ଉପସ୍ଥିତ ଥିଲେ। ‘ଭାରତ ଯୋଡ଼ୋ’ ଯାତ୍ରା ଦୁର୍ବଳ ଅବସ୍ଥାରେ ଥିବା କଂଗ୍ରେସ ସଂଗଠନକୁ କେତେଦୂର ଲାଭବାନ୍ କରାଇବ, ତାହା ଆଜିଠାରୁ ଆକଳନ କରିବା ସମ୍ଭବପର ନୁହେଁ। ତଥାପି ଦଳୀୟ କର୍ମୀ ଓ ନେତାମାନଙ୍କ ମନୋବଳ ବୃଦ୍ଧି କରିବାରେ ଏହା ଯେ ଯଥେଷ୍ଟ ସହାୟକ ହେଉଛି, ଏଥିରେ ସନ୍ଦେହ ନାହିଁ। କାରଣ ବର୍ତ୍ତମାନ ସୁଦ୍ଧା ଯେଉଁ ୯ଟି ରାଜ୍ୟ ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହୋଇଛନ୍ତି, ସବୁଠାରେ ଦଳୀୟ କର୍ମୀଙ୍କ ସହ ସାଧାରଣ ଜନତା ଏଥିପ୍ରତି ବିପୁଳ ସମର୍ଥନ ଜଣାଉଥିବାର ଲକ୍ଷ୍ୟ କରାଯାଉଛି। ସମାଜର ବିଭିନ୍ନ ବର୍ଗର ଅନେକ ଜଣାଶୁଣା ବ୍ୟକ୍ତି ବିଭିନ୍ନ ସମୟରେ କିଛି ସମୟ ପାଇଁ ହେଉପଛେ, ରାହୁଲଙ୍କ ସହ ଏହି ପଦଯାତ୍ରାରେ ଯୋଗ ଦେଇଛନ୍ତି। ‘ଭାରତ ଯୋଡ଼ୋ’ ଅଭିଯାନକୁ ସିଧାସଳଖ ଏକ ରାଜନୈତିକ କାର୍ଯ୍ୟକ୍ରମର ରୂପ ନ ଦେଇ ରାହୁଲ ଏହା ପ୍ରେମ ଓ ଭାଇଚାରା ଭାବର ପ୍ରସାର ପାଇଁ ଉଦ୍ଦିଷ୍ଟ ବୋଲି ମତ ରଖିଛନ୍ତି। ଦେଶରେ ଅସ୍ଥିରତା ସୃଷ୍ଟି ଏବଂ ଅସହିଷ୍ଣୁତା ବୃଦ୍ଧି ପାଇଁ ଯେଉଁ ଉଦ୍ୟମ ଚାଲିଛି ଏବଂ ଧର୍ମ ଭିତ୍ତିରେ ଦେଶକୁ ବିଭାଜିତ କରିବାର ଯେଉଁ ବିପଜ୍ଜନକ ଚିନ୍ତାଧାରା ମୁଣ୍ଡ ଟେକିଛି, ତାକୁ ପ୍ରତିହତ କରିବା ଏହି ଯାତ୍ରାର ମୂଳ ଉଦ୍ଦେଶ୍ୟ ବୋଲି ଦଳ ପକ୍ଷରୁ ଦର୍ଶାଯାଇଛି। ଭାରତର ଏକତା ଓ ଅଖଣ୍ଡତାର ସୁରକ୍ଷା ପାଇଁ କଂଗ୍ରେସ ଦଳର ସଂକଳ୍ପକୁ ରାହୁଲ ଗାନ୍ଧୀ ବିଭିନ୍ନ ରାଜ୍ୟର ଜନ ସମାଗମରେ ଦୋହରାଇବା ସଙ୍ଗେ ସଙ୍ଗେ ବିଭାଜନକାରୀ ଓ ସାମ୍ପ୍ରଦାୟିକ ଶକ୍ତିଙ୍କ ଚକ୍ରାନ୍ତ ପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଜାତୀୟ ରାଜଧାନୀରେ ପଦଯାତ୍ରା ପ୍ରବେଶ କରିବା ପରେ ଲାଲକିଲ୍ଲାଠାରେ ଆୟୋଜିତ ଏକ ଜନ ସମାବେଶରେ ରାହୁଲ ଗାନ୍ଧୀ ଦେଶରେ ମୁଣ୍ଡ ଟେକିଥିବା ବେକାରୀ ଓ ମୁଦ୍ରାସ୍ଫୀତି ଆଦି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହିସବୁ ମୌଳିକ ଜୀବନମରଣ ସମସ୍ୟାଠାରୁ ଲୋକଙ୍କ ଧ୍ୟାନ ହଟାଇବାକୁ ଧାର୍ମିକ ବିଦ୍ୱେଷର ସାହାରା ନିଆଯାଉଛି ବୋଲି ସେ ଅଭିଯୋଗ କରିଥିଲେ। କଂଗ୍ରେସ ଦଳର ସାମ୍ପ୍ରତିକ ସ୍ଥିତିକୁ ଅନୁଧ୍ୟାନ କଲେ ନିଃସନ୍ଦେହରେ କୁହାଯାଇପାରିବ ଯେ ଏହି ପୁରାତନ ସଂଗଠନ ବର୍ତ୍ତମାନ ଅସ୍ତିତ୍ୱ ସଙ୍କଟର ସମ୍ମୁଖୀନ ହୋଇଛି ଏବଂ ଦିନକୁ ଦିନ ଲୋକଙ୍କଠାରୁ ଦୂରେଇ ଯାଉଛି। ଦେଶବ୍ୟାପୀ ଦଳୀୟ ନେତା ଓ କର୍ମୀମାନଙ୍କ ମଧ୍ୟରେ ନିରୁତ୍ସାହ ଭାବ ଦେଖାଦେଇଛି। ଏକଦା ହିମାଳୟ ଠାରୁ କୁମାରିକା ପର୍ଯ୍ୟନ୍ତ ଅଖଣ୍ଡ ଆଧିପତ୍ୟ ବିସ୍ତାର କରିବା ସହିତ ସର୍ବାଧିକ ସମୟ କ୍ଷମତାରେ ଥିବା ଏହି ସଂଗଠନ ଏବେ କେବଳ ତିନିଟି ରାଜ୍ୟରେ ଶାସନ କ୍ଷମତାରେ ରହିଛି। ଦଳର ଏଭଳି ‘କର ବା ମର’ ସ୍ଥିତିରେ ରାହୁଲ ଗାନ୍ଧୀଙ୍କ ଦେଶବ୍ୟାପୀ ‘ଭାରତ ଯୋଡ଼ୋ’ ଅଭିଯାନ ଭବିଷ୍ୟତ ପାଇଁ କିଛିଟା ଆଶା ସଞ୍ଚାର କରିବା ସ୍ୱାଭାବିକ। ଆଗାମୀ ୨୦୨୪ ମସିହା ସାଧାରଣ ନିର୍ବାଚନ ପୂର୍ବରୁ ଏହା ଅନ୍ତତଃ ରାହୁଲଙ୍କ ପାଇଁ ଏକ ଜାତୀୟ ଭାବମୂର୍ତ୍ତି ସୃଷ୍ଟି କରିପାରିଛି।

## ‘ଶ୍ରୀ ଅନୁକୂଳଂ ଶରଣଂ ଗଚ୍ଛାମି’

ଡା. ଉମେଶଚନ୍ଦ୍ର ପାତ୍ର

ଆଦର୍ଶ ମାନେ ସହଜ କଥାରେ ଏଭଳି ଜଣେ ଜୀବନ୍ତ ମନୁଷ୍ୟ ଯିଏ ତାଙ୍କର ପ୍ରିୟପରମଙ୍କର ଅକାଟ୍ୟ ପ୍ରୀତି ଓ ଖାତିରରେ ପାରିପାର୍ଶ୍ୱିକର ସେବା ସାହଚର୍ଯ୍ୟ, ସମବେଦନା ସହକାରେ ବଞ୍ଚିବା ଓ ବଢ଼ି ଉଠିବାକୁ ଉଦ୍ଦୀପ୍ତ କରନ୍ତି, ଏକ ସହଜ ଉନ୍ମାଦନା ଓ ଦୁଃଖ କଷ୍ଟକୁ ଭ୍ରୂକ୍ଷେପ ନକରି ତାଙ୍କର ପ୍ରିୟଙ୍କୁ ପ୍ରତିଷ୍ଠା କରନ୍ତି, ଆଉ ତାଙ୍କ ଭିତର ଦେଇ ମନୁଷ୍ୟ ତାର ଜୀବନ ଓ ବୃଦ୍ଧିର ପଥ ପାଏ ଓ ସେ ପଥକୁ ସହଜ ଓ ଅତୁଟ ଭାବରେ ଆଲିଙ୍ଗନ କରେ । ଆଦର୍ଶମାନେ କୌଣସି ଅମୂର୍ତ୍ତ ଭାବ ନୁହେଁ । ଆଉ ଯିଏ ଆଦର୍ଶ ବା ଗୁରୁ ହେବେ ତାଙ୍କର ମଧ୍ୟ ଗୁରୁ ଥିବା ଆବଶ୍ୟକ । ନିଷ୍ଠାର ସହିତ ଗୁରୁଙ୍କୁ ଅନୁସରଣ କରିବାର ଭିତର ଦେଇ ମନୁଷ୍ୟର ବୃତ୍ତି ପ୍ରବୃତ୍ତିଗୁଡ଼ିକ ସୁନିୟନ୍ତ୍ରିତ ହୁଏ ଓ ତା ଭିତରେ ଅଖଣ୍ଡ ବ୍ୟକ୍ତିତ୍ୱର ପ୍ରତିଷ୍ଠା ହୁଏ । ଆଉ ଏହା ଯାହାର ହୋଇନାହିଁ ସେ କେବେ ଆଦର୍ଶ ବା ଗୁରୁପଦବାଚ୍ୟ ହେବେ ନାହିଁ । ବିକେନ୍ଦ୍ରିକ ଯିଏ, ସେ ଯେତେ ଗୁଣ ସମ୍ପନ୍ନ ହୁଅନ୍ତୁ ନା କାହିଁକି, ସେ କୌଣସି ସମୟରେ ଅନୁସରଣୀୟ ନୁହଁନ୍ତି। ଆଦର୍ଶ ହୁଅନ୍ତି ବୈଶିଷ୍ଟ୍ୟପାଳୀ ଓ ଆପୂରୟମାଣ । ପ୍ରତ୍ୟେକଙ୍କର ସହଜାତ ବୈଶିଷ୍ଟ୍ୟକୁ ସେ ପାଳନ ପୋଷଣ କରନ୍ତି । ପ୍ରତ୍ୟେକଙ୍କର ସ୍ୱଭାବଗତ ସ୍ୱାତନ୍ତ୍ର୍ୟକୁ ସେ ସଂରକ୍ଷଣ କରି ଚଳନ୍ତି । କୌଣସି ବ୍ୟକ୍ତିଙ୍କ ଭାବରେ ସେ ବ୍ୟାଘାତ କରନ୍ତି ନାହିଁ । ପୂର୍ବତନ ଋଷି, ମହାପୁରୁଷ, ପ୍ରେରିତ ବା ଅବତାର ପୁରୁଷଙ୍କ ସହିତ ତାଙ୍କର କୌଣସି ବିରୋଧ ନାହିଁ ବରଂ ସେ ସମସ୍ତଙ୍କୁ ପରିପୂରଣ କରନ୍ତି । ସେ କେବେ ଏକାଦେଶଦର୍ଶୀ ହୁଅନ୍ତି ନାହିଁ । ବ୍ୟଷ୍ଟିଗତ ଓ ସମଷ୍ଟିଗତ ଜୀବନର ସର୍ବାଙ୍ଗୀନ ଓ ସାମଗ୍ରିକ ପରିପୂରଣ ଓ ଉନ୍ନୟନ ହିଁ ତାଙ୍କର ଲକ୍ଷ୍ୟ । ସେ କେବେ ଗଣ୍ଡୀସ୍ୱାର୍ଥୀ ହୁଅନ୍ତି ନାହିଁ । ସେ ସମସ୍ତଙ୍କର ସ୍ୱାର୍ଥରେ ସ୍ୱାର୍ଥାନ୍ୱିତ, ତେଣୁ ସମସ୍ତଙ୍କର ମିଳନ ତୀର୍ଥ । ପ୍ରତ୍ୟେକଙ୍କର କଲ୍ୟାଣ ହିଁ ତାଙ୍କର ଆତ୍ମ କଲ୍ୟାଣ । କୌଣସି ପ୍ରକାର ସାମ୍ପ୍ରଦାୟିକ ଭେଦବୁଦ୍ଧି ତାଙ୍କ ପାଖରେ ସ୍ଥାନ ପାଏ ନାହିଁ, ବରଂ ବିଭିନ୍ନ ସମ୍ପ୍ରଦାୟ ଓ ଦଳର ଲୋକ ଗୁରୁଙ୍କର ପ୍ରଭାବରେ ଐକ୍ୟବଦ୍ଧ ହେବାର ପ୍ରେରଣା ପାଆନ୍ତି । ତାଙ୍କ ପାଖକୁ ଗଲେ ପୂର୍ବତନ ଋଷି ମହାପୁରୁଷଙ୍କ ପ୍ରତି ମନୁଷ୍ୟର ଶ୍ରଦ୍ଧା ସଞ୍ଜୀବିତ ହୁଏ । ପ୍ରତ୍ୟେକଙ୍କର ଧର୍ମନିଷ୍ଠା ଆବେଗପ୍ରବୃଦ୍ଧ ହୁଏ । ଧର୍ମାନ୍ତରୀକରଣକୁ ସେ ସ୍ଥାନ ଦିଅନ୍ତି ନାହିଁ । ବରଂ ବୈଶିଷ୍ଟ୍ୟସ୍ଫୁରଣୀ, ଆତ୍ମଶକ୍ତି ଉଦ୍‌ବୋଧନୀ, ଦକ୍ଷତାଦୀପନୀ ଓ ବିଜ୍ଞାନସମ୍ମତ ଦୀକ୍ଷା ପ୍ରଥା ସେ ପ୍ରବର୍ତ୍ତନ କରନ୍ତି । ତାଙ୍କର କହିବା, ଭାବିବା ଓ କରିବାର ମଧ୍ୟରେ କୌଣସି ଅମେଳ ନଥାଏ । ତାଙ୍କର ବାଣୀ, ନୀତି ଓ ଉପଦେଶ ତାଙ୍କର ଜୀବନ ଓ ଆଚରଣରେ ପ୍ରତିଫଳିତ ହୁଏ । ଏକ କଥାରେ ସେ ହେଉଛନ୍ତି ଆଚରଣ ସିଦ୍ଧ ଆଚାର୍ଯ୍ୟ । ସ୍ଥୂଳ, ସୂକ୍ଷ୍ମ ଓ କାରଣ-ସତ୍ୟର ଏହି ତିନି ଭୂମି ସମ୍ବନ୍ଧରେ ତାଙ୍କର ସାମଗ୍ରିକ ପ୍ରତ୍ୟକ୍ଷ ଅନୁଭୂତି, ଅଭିଜ୍ଞତା ଓ ଅଧିଗତି ରହିଛି । ସେ ସତ୍ୟ, ରଜ ଓ ତମଃ – ଏହି ତିନି ଗୁଣର ସାତ୍ୱତ ବିନିଯୋଗ ଓ ବିନ୍ୟାସ କରନ୍ତି। ସେ ତଥାକଥିତ ଅଲୌକିକତାର ଆଶ୍ରୟ ଗ୍ରହଣ ନକରି ଭକ୍ତି, ଜ୍ଞାନ ଓ କର୍ମଶକ୍ତିର ଉଦ୍‌ବୋଧନରେ ମନୁଷ୍ୟକୁ ଯୋଗ୍ୟତର ଓ ଉନ୍ନତତର କରି ତୋଳନ୍ତି।

ତାଙ୍କର ସମଗ୍ର ଭାବଧାରା ଓ କର୍ମଧାରା ଏକ ସୂତ୍ରସମ୍ମତ ଓ ସତ୍ତାପୋଷଣୀ । ତାଙ୍କ ଜୀବନର ପ୍ରତିଟି ପଦକ୍ଷେପ ଧାରଣ-ପାଳନ-ପୋଷଣ ସମ୍ବେଗ ପ୍ରବୁଦ୍ଧ । ସେ ଅଚ୍ୟୁତ ଯୋଗଯୁକ୍ତ, ତ୍ରିକାଳଜ୍ଞ, ତତ୍ତ୍ୱଦର୍ଶୀ ଓ ଅଭ୍ରାନ୍ତ। ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖି ସାତ୍ୱତ ବିବର୍ତ୍ତନକୁ ପ୍ରଗତିଶୀଳ କରି ତୋଳିବାର ପ୍ରୟାସ ସେ କରନ୍ତି । ସାତ୍ୱତ କୃଷ୍ଟି, ଐତିହ୍ୟ, ସଂସ୍କାର ଓ ପ୍ରଥାକୁ ସେ କେବେ ଅବଜ୍ଞା କରନ୍ତି ନାହିଁ ବରଂ ସେଗୁଡ଼ିକୁ ଆହୁରି ସନ୍ଦୀପ୍ତ କରି ଉଠାନ୍ତି । ସେ ସହାନୁଭୂତିଶୀଳ, ସେବାନିରତ, ସହଜ ପ୍ରେମିକ ମଣିଷ । ଭକ୍ତି, ଜ୍ଞାନ ଓ କର୍ମର ସଲୀଳ ସଙ୍ଗତି ଓ ସମନ୍ୱୟ ତାଙ୍କ ଭିତରେ ପରିଲକ୍ଷିତ ହୁଏ । ଜୀବନକୁ ସେ କେବେ ଅସ୍ୱୀକାର କରନ୍ତି ନାହିଁ, ବରଂ ଜୀବନକୁ ଊର୍ଦ୍ଧ୍ୱମୁଖୀ କରି ଷୋଡ଼ଶକଳାରେ ବର୍ଦ୍ଧନମୁଖୀ କରି ଉଠାଇବା ହିଁ ତାଙ୍କର ଅଦମ୍ୟ ତପସ୍ୟା । ତାଙ୍କର ଅସତ୍‌ନିରୋଧୀ ପ୍ରବୃତ୍ତି ତାଙ୍କୁ କ୍ଷୟ ଓ ମୃତ୍ୟୁର ବିରୁଦ୍ଧରେ ଅଭିଯାନ ମୁଖର କରି ଉଠାଏ। ସେ ସମସ୍ତଙ୍କୁ ଏକାକାର କରନ୍ତି ନାହିଁ, ବା ବଡ଼କୁ ଛୋଟ କରିବାକୁ ଚାହାଁନ୍ତି ନାହିଁ ବରଂ ଛୋଟକୁ ବଡ଼ ଓ ବଡ଼କୁ ଆହୁରି ବଡ଼ କରି ଉଠାନ୍ତି ଓ ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାର ବୈଶିଷ୍ଟ୍ୟାନୁଯାୟୀ ବ୍ରାହ୍ମୀ ବିବର୍ତ୍ତନ ପଥରେ ପରିଚାଳିତ କରନ୍ତି । ପରମପୁରୁଷ ବ୍ୟକ୍ତି ସ୍ୱାର୍ଥକୁ ବାଦ ଦିଅନ୍ତି ନାହିଁ, କିନ୍ତୁ ବ୍ୟକ୍ତିକୁ ଇଷ୍ଟ ଓ ପରିବେଶର ସେବା ମାଧ୍ୟମରେ ବଡ଼ରୁ ଆହୁରି ବଡ଼କୁ ନେଇଯାଆନ୍ତି । ମନୁଷ୍ୟର ବୃତ୍ତି ପ୍ରବୃତ୍ତିର ଅସ୍ୱୀକାର, ଅବଦମନ ବା ପ୍ରଶୟ କୌଣସିଟିକୁ ସେ ପସନ୍ଦ କରନ୍ତି ନାହିଁ, ବରଂ ସେଗୁଡ଼ିକର ସୁକେନ୍ଦ୍ରିକ ସତ୍ତାସମ୍ବର୍ଦ୍ଧନୀ ବିନ୍ୟାସ ଓ ନିୟନ୍ତ୍ରଣ ମାଧ୍ୟମରେ ମନୁଷ୍ୟକୁ ଶୁଦ୍ଧ, ବୁଦ୍ଧ ଓ ମୁକ୍ତ କରି ଉଠାଇବା ହିଁ ତାଙ୍କର ଏକାନ୍ତ ଲକ୍ଷ୍ୟ । ପ୍ରକୃତ ଆଦର୍ଶ ହିଁ ଈଶ୍ୱରଙ୍କର ବ୍ୟକ୍ତ ପ୍ରତୀକ । ଯୁଗାବତାର କଲ୍‌କୀ ବିଗ୍ରହ ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଯଥାର୍ଥରେ କହିଛନ୍ତି – ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍ ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର – ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।

# ଚୀନରେ ବିଦ୍ରୋହ, ତାୱାଙ୍ଗରେ ଗାତ୍ରଦାହ

ସୌମେନ୍ଦ୍ର ଜେନା

ଅରୁଣାଚଳ ପ୍ରଦେଶର ତାୱାଙ୍ଗ ନିକଟସ୍ଥ ସୀମାରେ ଚୀନ ସେନାଙ୍କ ନଖରାମୀପୂର୍ଣ୍ଣ କାର୍ଯ୍ୟକଳାପକୁ ନେଇ ଏବେ ବିଶ୍ୱରେ ଚର୍ଚ୍ଚା ଜାରି ରହିଛି । ଡିସେମ୍ବର ମାସ ୯ତାରିଖ ରାତିରେ ୪୫ମିନିଟ୍ ଧରି ଚୀନସେନା ଭାରତର ସୀମାରେ ପ୍ରବେଶ କରିବାକୁ ନଖରାମୀ କରିଥିଲେ । ସମୁଦ୍ର ପତ୍ତନରୁ ୫୧୮୦ ମିଟର ଉଚ୍ଚରେ ଥିବା ତାୱାଙ୍ଗର ବମ୍-୬ ଶୃଙ୍ଗ ଉପରେ ଚୀନର ଦୃଷ୍ଟି ରହିଛମି । ଏମିତି ଝଗଡା ୨୮ ସେପ୍ଟେମ୍ବର ୨୦୨୧ରେ ମଧ୍ୟ ହୋଇଥିଲା । ୪୪୨୦ ମିଟର ଉଚ୍ଚରେ (ସମୁଦ୍ର ପତ୍ତନରୁ)ଥିବା ବୋମ୍ -୬ ଶୃଙ୍ଗ ପବିତ୍ର ୧୦୮ ଜଳପ୍ରପାତର ଉତ୍ତର ଭାଗରେ ରହିଛି । ପ୍ରବଳ ତୁଷାରପାତ ହେବା ସମୟରେ ଏହି ଅଞ୍ଚଳରେ ସାଧାରଣ ପାଟ୍ରୋଲିଂ ହୋଇନଥାଏ । ତିବ୍ବତ ଏବଂ ଅରୁଣାଚଳ ପ୍ରଦେଶକୁ ଏକଦା ଶାସନ କରୁଥିବା ବୋନ୍‌ପା ସଂପ୍ରଦାୟର ଜଣେ ପ୍ରମୁଖ ଗୁରୁ ଏବଂ ଓଡିଆ ବୌଦ୍ଧ ଗୁରୁ ପଦ୍ମସମ୍ଭବଙ୍କ ପ୍ରୟାସକ୍ରମେ ଉକ୍ତ ୧୦୮ ଜଳପ୍ରପାତର ସୃଷ୍ଟି ହୋଇଛି ବୋଲି ବୌଦ୍ଧମାନଙ୍କର ବିଶ୍ୱାସ ରହିଛି। ତିବ୍ବତୀୟ ବୌଦ୍ଧଧାରାର ସବୁଠୁ ବଡ ସନ୍ଥ ଥିଲେ ଓଡିଆଗୁରୁ ପଦ୍ମସମ୍ଭବ । ଏହି ପବିତ୍ରସ୍ଥଳୀକୁ ଅରୁଣାଚଳ ଓ ତିବ୍ବତର ଲୋକେ ଭକ୍ତି ପ୍ରଦର୍ଶନ କରିଥାନ୍ତି । ତେବେ ବୋମ୍ -୬ ଗିରିଶୃଙ୍ଗ ଭାରତର ସୀମାରେ ଥିଲାବେଳେ ଜଳପ୍ରପାତଗୁଡିକ ମଧ୍ୟ ଭାରତର ସୀମାରେ ରହିଛନ୍ତି। ପାହାଡର ଅପରପାର୍ଶ୍ୱରେ ଚୀନ ସୀମାରେ ଆଧୁନିକ ଜନବସତି ଚୀନ ସରକାର ନିର୍ମାଣ କରିଛନ୍ତି। ଅତୀତରେ ଏହି ପାହାଡଟିକୁ ଦଖଲକୁ ନେବାକୁ ଚୀନ ସେନା ଅନେକବାର ପ୍ରୟାସ କରିଛନ୍ତି। ମାକ୍ ମୋହନ ସୀମାରେଖାକୁ ନିଜ ଇଛାନୁଯାୟୀ ଚୀନ ସରକାର ବଦଳାଇବା ପାଇଁ ଚାହୁଁଛି । ତେଣୁ ଜନବସତି ବା ଜିଆକୋଙ୍ଗ୍‌ଗୁଡିକ ସୀମାରେ ବସାଇ ଆଗକୁ ଆଗକୁ ମାଡିଯିବା ଲାଗି ଯୋଜନା କରୁଛି । ଅରୁଣାଚଳସ୍ଥିତ ମାକ୍ ମୋହନ ଲାଇନ ସୀମା ନିକଟସ୍ଥ ନାମଖା ଚୁ, ସୁମଡ୍ରୋଙ୍ଗ ଚୁ, ଏସାଫିଲ୍ଲା, ଲଙ୍ଗ ଜୁ, ଫିସ୍‌ଟେଲ -୧ ଓ ୨, ଡି ଚୁକୁ କେନ୍ଦ୍ରକରି ଦୁଇପକ୍ଷଙ୍କ ମଧ୍ୟରେ ବିବାଦ ରହିଛି । ଆଗାମୀ ଦିନରେ ୧୭ତମ ଦ୍ୱିପାକ୍ଷିକ କମାଣ୍ଡର ସ୍ତରୀୟ ବୈଠକ ହେବା ପୂର୍ବରୁ ଏ ପ୍ରକାର ଉଦ୍ୟମ ନିନ୍ଦନୀୟ ନିଶ୍ଚୟ ।

ଦୀର୍ଘ ବର୍ଷ ହେବ ଚୀନ ପକ୍ଷରୁ ତାୱାଙ୍ଗକୁ ହାତେଇବା ପାଇଁ ପ୍ରୟାସ କରାଯାଇଆସିଛି । ୭ ମାର୍ଚ୍ଚ ୨୦୦୭ରେ ବେଜିଂରେ ନେସନାଲ ପିପୁଲ୍ସ କଂଗ୍ରେସ ଚାଲିଥିଲା ବେଳେ ସାମ୍ବାଦିକଙ୍କୁ ଦୈନିକ ସାକ୍ଷାତ ବେଳେ ଚାଇନା ଇନ୍‌ଷ୍ଟିଚ୍ୟୁଟ ଅଫ୍ କନ୍‌ଟେମ୍ପୋରାରୀ ଇଣ୍ଟରନେସନାଲ ରିଲେସନ୍ସର ଗବେଷକ ପ୍ରଫେସର ମାଜିଆଲି କହିଥିଲେ, ‘ଗତ ତିନିବର୍ଷ ହେଲା ମନମୋହନ ସିଂହଙ୍କ ନେତୃତ୍ୱରେ ଚାଲିଆସିଥିବା ସରକାରଙ୍କୁ ଚୀନ ସ୍ପଷ୍ଟ ଭାବେ କହିସାରିଛି ଯେ ଭାରତ ତାୱାଙ୍ଗ ଅଞ୍ଚଳକୁ ଚୀନକୁ ହସ୍ତାନ୍ତର ନକଲା ପର୍ଯ୍ୟନ୍ତ ସୀମା ସମସ୍ୟା ନେଇ କୌଣସି ପ୍ରକାର ନିଷ୍ପତ୍ତି ନିଆଯାଇପାରିବ ନାହିଁ ।’ କିନ୍ତୁ ଚୀନ-ଭାରତ ଆଲୋଚନାରେ ଜନବହୁଳ ଅଞ୍ଚଳ ହସ୍ତାନ୍ତରଣ ପ୍ରସଙ୍ଗ ଦୁଇଦେଶ ମଧ୍ୟରେ ହୋଇଥିବା ସୀମା ବୁଝାମଣାରେ ପୂର୍ବରୁ ରହିନଥିଲା ।

ତିବ୍ବତ ଉପତ୍ୟକାରେ ଅନେକ ପ୍ରକାରର ବିକାଶମୂଳକ ଯୋଜନା ଶେଷକରିବା ସତ୍ତ୍ୱେ ତିବ୍ବତୀୟ ଲୋକଙ୍କ ହୃଦୟକୁ ଜିଣିବାରେ ଚୀନ କର୍ତ୍ତୃପକ୍ଷ ଆଜିଯାଏ ସକ୍ଷମ ହୋଇପାରିନାହାନ୍ତି । ତିବ୍ବତୀୟଙ୍କ ମନରୁ ଦଲାଇଲାମାଙ୍କ ପ୍ରତି ରହିଥିବା ଭକ୍ତିଭାବକୁ ଅଲଗା କରିପାରିନାହାନ୍ତି । ଚୀନ ସରକାରଙ୍କ ମନରେ ଭୟ ରହିଛି ଯେ ଦଲାଇଲାମାଙ୍କ ପରେ ଯଦି ସରକାର ନିଜସ୍ୱ ଲାମାଙ୍କୁ ଗ୍ରହଣ କରିବା ପାଇଁ ସେଠାରେ ବାଧ କରାଇବେ ତେବେ ୧୯୫୦ ସମୟର ଖାମ୍ପା ବିଦ୍ରୋହ ପରି ସଙ୍କଟ ସୃଷ୍ଟି ହୋଇପାରେ । କାରଣ ଅତୀତରେ ଅରୁଣାଚଳର ତାୱାଙ୍ଗରୁ ନେପାଳର ମୁଷ୍ଟାଙ୍ଗ ପର୍ଯ୍ୟନ୍ତ ତିବ୍ବତୀୟ ଲୋକେ ବିଦ୍ରୋହ କରିଥିଲେ ଚୀନ ସରକାର ବିରୁଦ୍ଧରେ । ତାୱାଙ୍ଗରେ ତିବ୍ବତୀୟ ପିଲାଙ୍କ ପାଇଁ ସ୍କୁଲ ଖୋଲିବା ଲାଗି ଦଲାଇଲାମାଙ୍କ ସାନ ଭଉଣୀ ଲାଚେମ ଜିତ୍‌ସୁନ ପେମା ଲାଙ୍କ ଗସ୍ତକୁ ମଧ୍ୟ ସେ ସମୟରେ ଚୀନ ସରକାର ସହଜରେ ଗ୍ରହଣ କରିନଥିଲେ । ଫଳସ୍ୱରୂପ ୨୫ ମଇ ୨୦୦୭ରେ ନୂଆଦିଲ୍ଲୀସ୍ଥିତ ଚୀନ ରାଷ୍ଟ୍ରଦୂତଙ୍କ କାର୍ଯ୍ୟାଳୟ ଭାରତୀୟ ପ୍ରଶାସନିକ ସେବାର ଅଧିକାରୀମାନଙ୍କ ଚୀନ ଗସ୍ତକରିବା ଦଳରେ ସଦସ୍ୟ ଥିବା ଜଣେ ଅରୁଣାଚଳର ଅଧିକାରୀଙ୍କୁ ପାସ୍‌ପୋର୍ଟ ଦେବାକୁ ମନା କରିଦେଲେ । କାରଣ ସେତେବେଳେ ମଧ୍ୟ ଚୀନ ସରକାର ଅରୁଣାଚଳ ପ୍ରଦେଶକୁ ନିଜ ଅଞ୍ଚଳ ବୋଲି ମନେକରି ଗୁଡ ଖାଉଥିଲେ, ଯାହା ଆଜି ମଧ୍ୟ ଆମେ ଦେଖୁଛୁ । ତାୱାଙ୍ଗକୁ ଦଖଲ କରିପାରିଲେ ତିବ୍ବତୀୟ ବୌଦ୍ଧମାନଙ୍କୁ ସଂପୂର୍ଣ୍ଣ ନିଜ ଅକ୍ତିଆରରେ ରଖିପାରିବ ବୋଲି ଚୀନ ମନେ ମନେ ଭାବିଆସିଛି । ତିବ୍ବତୀୟ ବୌଦ୍ଧ ବିଚାରରେ ଲାସା ପରେ ତାୱାଙ୍ଗକୁ ଦ୍ୱିତୀୟ ବଡ ଧର୍ମସ୍ଥଳୀ ଭାବେ ଗ୍ରହଣ କରାଯାଇଥାଏ । ତେଣୁ ତିବ୍ବତକୁ ହାତେଇବା ପରେ ଚୀନ ସରକାର ତାୱାଙ୍ଗକୁ ହାତେଇବା ପାଇଁ ବାରମ୍ବାର ପ୍ରୟାସ କରୁଛନ୍ତି ।

୧୬ ଅକ୍ଟୋବର ୨୦୨୨ଦିନ ବେଜିଂସ୍ଥିତ ଗ୍ରେଟ ହଲ ଅଫ୍ ଦି ପିପୁଲର ଚୀନ କମ୍ୟୁନିଷ୍ଟ ପାର୍ଟିର ମହାଧିବେଶନରେ ୧୫ଜୁନ୍ ୨୦୨୦ରେ ଗଲୱାନ ଘାଟୀର ଭିଡିଓ ପ୍ରଦର୍ଶନ କରାଯାଇ ସେହି ଘଟଣାରେ ସଂପୃକ୍ତ ଥିବା କମାଣ୍ଡର କୁଇ ଫାବାଓକୁ ଅଧିବେଶନର ପ୍ରତିନିଧି ଭାବେ ନିମନ୍ତ୍ରିତ କରାଯାଇଥିଲା । ୨୦୧୩ରେ ଶାସନକୁ ଆସିବା ପରଠାରୁ ଚୀନ ରାଷ୍ଟ୍ରପତି ଜିନପିଙ୍ଗ୍ ମାଓ ସେ ତୁଙ୍ଗଙ୍କ ବିସ୍ତାରବାଦୀ ନୀତିକୁ ବିଶ୍ୱବ୍ୟାପୀ କରିବାରେ ଲାଗିପଡିଛନ୍ତି । କିନ୍ତୁ କରୋନା କାଳରେ ଚୀନର ଆଭ୍ୟନ୍ତରୀଣ ସମସ୍ୟା ଯୋଗୁ ଦେଶ ଭିତରେ ଜିନପିଙ୍ଗଙ୍କ ବିରୋଧରେ ବ୍ୟାପକ ଅସନ୍ତୋଷ ସୃଷ୍ଟି ହୋଇଛି । ରିୟଲ ଇଷ୍ଟେଟ ବ୍ୟବସାୟରେ କ୍ଷତି ଯୋଗୁ ଚୀନା ବ୍ୟାଙ୍କଗୁଡିକରେ ୧୭.୬ ଲକ୍ଷ କୋଟି ଟଙ୍କାର କ୍ଷତି ହୋଇଛି । ୨୦୧୩ରେ ୭.୮୫ ପ୍ରତିଶତ ବିକାଶଦର ଦେଖିଥିବା ଚୀନ ୨୦୧୯ ବେଳକୁ ୫.୯୫କୁ ହ୍ରାସ ପାଇ ୨୦୨୨କୁ ୩.୨୫ ପ୍ରତିଶତକୁ ଖସି ଆସିଛି । ବେଲ୍‌ଟ ଏଣ୍ଡ ରୋଡ୍ ଯୋଜନା ବିଦେଶରେ ଚାଲୁ କରି ୮୩ଲକ୍ଷ କୋଟିଟଙ୍କା ଋଣ ପ୍ରଦାନ କରାଯାଇଥିଲା ୧୫୦ଦେଶରେ ପ୍ରକଳ୍ପ ପାଇଁ, ଯାହାର ୭୪ ପ୍ରତିଶତ ଖରାପ ଋଣ ହୋଇସାରିଲାଣି। ତେଣୁ ମୂଳଧନ ସେଠାରୁ ଫେରସ୍ତ ପାଇବା ଚୀନ ପାଇଁ ସହଜ ହେବନାହିଁ । କିନ୍ତୁ ୨୦୨୭ରେ ହେବାକୁ ଥିବା କମ୍ୟୁନିଷ୍ଟ ପାର୍ଟିର ସଭା ପର୍ଯ୍ୟନ୍ତ ଅରୁଣାଚଳକୁ ଅସ୍ଥିର ରଖି ଚତୁର୍ଥ ଥର ପାଇଁ ରାଷ୍ଟ୍ରପତି ଦାବି ଉପସ୍ଥାପନ କରିବାକୁ ଜିନିପିଙ୍ଗଙ୍କ ଯୋଜନା ରହିଛି। କେବଳ ସେତିକି ନୁହେଁ, ଜିନପିଙ୍ଗ ଅତୀତରେ ଚୀନ ଦଖଲ କରିଥିବା ଅଞ୍ଚଳ ପରି ତାଙ୍କ ସମୟରେ ମଧ୍ୟ ତାଇୱାନ ଓ ଭାରତର ଅଞ୍ଚଳକୁ ଦଖଲ କରି ରେକର୍ଡ ଦେଖାଇବା ଚାହୁଁଛନ୍ତି । କାରଣ ଅତୀତରେ ପୂର୍ବ ତୁର୍କୀସ୍ଥାନର ୧୬.୬ ଲକ୍ଷ ବର୍ଗ କିଲୋମିଟର ତିବ୍ବତର ୧୨.୨୮ଲକ୍ଷ ବର୍ଗ କିଲୋମିଟର, ମାଞ୍ଚୁରିଆର ୧୧.୮୩ ଲକ୍ଷ ବର୍ଗ କିଲୋମିଟର, ହଂକଂର ୩୭.୨୪ ଲକ୍ଷ ବର୍ଗ କିମି, ମକାଉର ୧୧୫ ବର୍ଗ କିମି ଅଞ୍ଚଳକୁ ଚୀନ ଦଖଲରେ ରଖିଛି। ଭାରତର ୪୩ହଜାର ୧୮୦ ବର୍ଗ କିମି ଅଞ୍ଚଳ ଚୀନ ଦଖଲରେ ରହିଛି। ଅତୀତ ଦିନ ମାନଙ୍କରେ କଂଗ୍ରେସ ଶାସନ କାଳରେ ସୀମାରେ ସଡକ ନିର୍ମାଣ ନକରିବା, ଚୀନର ଧମକକୁ ଗ୍ରହଣ କରିବା , ଚୀନା କମ୍ୟୁନିଷ୍ଟ ପାର୍ଟି ସହ ଭାରତର କଂଗ୍ରେସ ଦଳ ବେଜିଂରେ ସହଯୋଗ ନେଇ ବୁଝାମଣା କରିବା, ମଧ୍ୟରାତ୍ରୀ ପରେ ଚୀନ ଦୂତାବାସକୁ ଯାଇ ରାହୁଲ ଗାନ୍ଧି ଆଲୋଚନା କରିବା, ରାଜିବ ଗାନ୍ଧି ଫାଉଣ୍ଡେସନ ପାଇଁ ଚୀନ ସରକାରଙ୍କଠାରୁ କଂଗ୍ରେସ ଲୋକେ ଅର୍ଥ ସଂଗ୍ରହ କରିବାପରି ଅନେକ ସନ୍ଦେହାତ୍ମକ ଷଡଯନ୍ତ୍ରପୂର୍ଣ୍ଣ ଘଟଣା ଭାରତର ଲୋକେ ଦେଖିଆସିଛନ୍ତି ।

୨୦୦୬ପରଠାରୁ ଚୀନ ତାୱାଙ୍ଗକୁ ନିଜ ଦଖଲକୁ ନେବା ପାଇଁ ବାରମ୍ବାର ଚେଷ୍ଟା କଲାବେଳେ ଦେଶ ଭିତରେ ଥିବା ଚୀନ ସମର୍ଥକ ଲୋକେ ଅତି ଉତ୍ସାହିତ ହେଉଥିବା କଥା ଦୃଷ୍ଟିକୁ ଆସୁଛି । ସେମାନେ ଭାରତର ସେନା ଅପେକ୍ଷା ଜିନ୍‌ପିଙ୍ଗଙ୍କ ବକ୍ତବ୍ୟକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ୧୯୬୨ରେ ଚୀନ ସେନାକୁ ସ୍ୱାଗତ କରିବା ପାଇଁ ଉତ୍ତର ପ୍ରଦେଶର ଗୋରଖପୁରଠାରେ ବ୍ୟାନର ଧରି କମ୍ୟୁନିଷ୍ଟ ଲୋକେ ଅପେକ୍ଷା କରିଥିଲା ବେଳେ ଆହତ ଚୀନସେନାଙ୍କ ପାଇଁ ରକ୍ତ ସଂଗ୍ରହ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । କିନ୍ତୁ ବର୍ତ୍ତମାନର ରାଷ୍ଟ୍ରବାଦୀ ସରକାର ୟାଙ୍ଗସେ କ୍ଷେତ୍ରରେ ଚୀନର ନଖରାମୀକୁ ନିନ୍ଦା କରିବା ସହ ଭାରତୀୟ ସେନାର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ନିକଟରେ ଭାରତ-ଆମେରିକା ସେନାର ଉତ୍ତରାଖଣ୍ଡ ସୀମାବର୍ତ୍ତୀ ଅଞ୍ଚଳରେ ମିଳିତ ସମରାଭ୍ୟାସ, କେନ୍ଦ୍ର ସରକାରଙ୍କ ଦ୍ୱାରା ଅରୁଣାଚଳ ସୀମାରେ ସଡକ ନିର୍ମାଣ ପାଇଁ ୪୪ହଜାର କୋଟିର ପ୍ରକଳ୍ପ ଘୋଷଣା ପରେ ଚୀନ ସରକାର ଅଧିକ ଚିନ୍ତିତ ହୋଇପଡିଛନ୍ତି। ଜି ୨୦ ଅଧ୍ୟକ୍ଷ ପଦ ନେବା ପରେ ଭାରତ ଯେପରି ତୁରନ୍ତ କାର୍ଯ୍ୟାରମ୍ଭ କରି ବିଶ୍ୱ ସମୁଦାୟକୁ ଭିନ୍ନ ଭିନ୍ନ ରାଜ୍ୟ ପ୍ରଦର୍ଶନ କରିବାକୁ ଯୋଜନା କରିଛି ସେଥିରେ ଅରୁଣାଚଳ ମଧ୍ୟ ରହିଛି , ଯାହା ଚୀନକୁ ଅଧିକ ବାଧୁଛି। ଚୀନ ସରକାର ଭାରତର ପ୍ରସ୍ତୁତି, ମୋଦିଙ୍କ ବିଦେଶନୀତିକୁ ଦୁର୍ବଳ କରିବାକୁ ଚେଷ୍ଟା କରି ମଧ୍ୟ ସଫଳ ହୋଇନାହାନ୍ତି । ଅପରପକ୍ଷେ ଜିନପିଙ୍ଗ୍‌ଙ୍କ ବିରୋଧରେ ଚୀନର ଲୋକେ ଖଡ୍‌ଗହସ୍ତ ହୋଇ ଗଣତନ୍ତ୍ର ସପକ୍ଷରେ ଆନ୍ଦୋଳନ କରିବା ଦେଖାଯାଇଛି। ଚୀନରୁ ଅନେକ ବହୁରାଷ୍ଟ୍ରୀୟ କମ୍ପାନୀ ଧୀରେ ଧୀରେ ଦେଶଛାଡି ବାହାରକୁ ଯିବାରେ ଲାଗିଛନ୍ତି । କୋରୋନା ପର ପରିସ୍ଥିତିରେ ଚୀନର ଭୂମିକାକୁ ଅନେକ ରାଷ୍ଟ୍ର ସନ୍ଦେହ କରିବାରେ ଲାଗିଛନ୍ତି । ବହୁ ଛୋଟ ଛୋଟ ଦେଶ ଚୀନ ଋଣ ବିପକ୍ଷରେ ଖୋଲାଖୋଲି ମନ୍ତବ୍ୟ ଦେଉଛନ୍ତି । ପାକ୍‌ର ଗ୍ୱାଦର ବନ୍ଦରଠାରୁ ଆଫଗାନିସ୍ଥାନର କାବୁଲ ହୋଟେଲ ପର୍ଯ୍ୟନ୍ତ ସବୁଠି ଚୀନାଙ୍କ ଠିକଣା ସ୍ଥଳୀରେ ଆକ୍ରମଣ ଜାରି ରହିଛି। ଦେଶ ଭିତରେ ଏବଂ ଦେଶ ବାହାରେ ଜିନ୍‌ପିଙ୍ଗ୍‌ଙ୍କ ପ୍ରତି ବିରୋଧଭାବ ବଢୁଥିବା ହେତୁ ସେ ଭାରତର ସୀମାରେ ଅତିକ୍ରମଣ ଏବଂ ତାଇୱାନ ସୀମାରେ ବିମାନ ଉଡାଣକରି ଦେଶବାସୀଙ୍କ ଦୃଷ୍ଟିକୁ ଏଡାଇବାକୁ ଚାହୁଁଛନ୍ତି। କିନ୍ତୁ ଗଲୱାନ ପରି ତାୱାଙ୍ଗରେ ମଧ୍ୟ ଚୀନ ସେନା ଅଧିକ ମାଡଖାଇ ଅଧିକ କ୍ଷତିଗ୍ରସ୍ତ ହେବା ଜିନପିଙ୍ଗ୍‌ଙ୍କ ପାଇଁ ଅପମାନ ସଦୃଶ ହୋଇଛି।

# ନିଜ ଲଢ଼େଇ ନିଜେ ଲଢୁ ଭାରତ

ସୁଧାଂଶୁ ପାତ୍ର

ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦରେ ବିଦେଶମନ୍ତ୍ରୀ ଏସ୍. ଜୟଶଙ୍କରଙ୍କର ପାକିସ୍ତାନକୁ କଡା ଜବାବ, ଏବଂ ପରେ ପରେ ଏକ ସାମ୍ବାଦିକ ସମ୍ମିଳନୀରେ ‘ପାକିସ୍ତାନ ଏକ ଆତଙ୍କବାଦୀ ସଂଗଠନର କେନ୍ଦ୍ରବିନ୍ଦୁ’ ବୋଲି ଆରୋପ ଲଗାଇବାର ଯଥାର୍ଥ ଅନେକ ରହିଛି । ଏସ୍ ଜୟଶଙ୍କରଙ୍କର ଅଭିଯୋଗ ବିଶ୍ୱର ଅନ୍ୟ ପ୍ରମୁଖ ଦେଶ ଗୁଡ଼ିକ ପାକିସ୍ତାନର ଆତଙ୍କବାଦୀ ସଂଗଠନର ଭରଣପୋଷଣ ଓ ଲାଳନପାଳନ ଆକ୍ଷେପକୁ ଗ୍ରହଣ କରିନାହାନ୍ତି ଏବଂ ଏହା ତୁରନ୍ତ ବନ୍ଦ କରିବାକୁ ଏବଂ ଏଥିରୁ ନିବୃତ୍ତ ରହିବାକୁ ଚାପ ପ୍ରୟୋଗ କରୁନାହାନ୍ତି। ଆର୍ଥିକ ସହାୟତା ବନ୍ଦର ଧମକ ଯେଉଁ ପର୍ଯ୍ୟନ୍ତ ପାକିସ୍ତାନକୁ ଅନ୍ୟ ପ୍ରମୁଖ ଦେଶ ଦେଇନାହାନ୍ତି ସେପର୍ଯ୍ୟନ୍ତ ପାକିସ୍ତାନ ବାଟକୁ ଆସିବ ନାହିଁ । ତେଣୁ ବିଶ୍ୱ ସମୁଦାୟ ଉପରେ ନିର୍ଭର ନକରି, ପ୍ରମୁଖ ଦେଶ ଗୁଡ଼ିକ ବୈଦେଶିକ ପଲିସି ଉପରେ ନଜର ନରଖି ଭାରତ ନିଜେ ପାକିସ୍ତାନ ଓ ଆଫଗାନିସ୍ତାନର ଆତଙ୍କବାଦୀ ପୋଷଣନୀତି ଉପରେ ସଦାସର୍ବଦା କଡ଼ା ତଥା ତିକ୍ଷ୍ଣ ନଜର ରଖିବା ଉଚିତ୍ ବୋଲି ସମୀକ୍ଷକ ମତ ରଖୁଛନ୍ତି ।

ଏହା ଉପରେ ଗତ ମେ ମାସରେ ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦ ଚିନ୍ତାବ୍ୟକ୍ତ କରି ମତ ରଖି ସାରିଛନ୍ତି ଯେ, ଆଫଗାନିସ୍ତାନରେ ଟ୍ରେନିଙ୍ଗ ନେଉଥିବା ପାକିସ୍ଥାନୀ ଆତଙ୍କ ସଂଗଠନ ପକ୍ଷରୁ ଆଗାମୀ ଦିନରେ ଭାରତ ପାଇଁ ବିପଦ ସୃଷ୍ଟି କରିବାର ସମ୍ଭାବନା ମାତ୍ରାଧିକ। ଏହାର ସ୍ୱଷ୍ଟୋକ୍ତି କରିଛି, ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦର ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ଆସିଥିବା ସଦ୍ୟତମ ରିପୋର୍ଟ। ରିପୋର୍ଟ ଅନୁସାରେ ସିଧା ଆରୋପ ଲଗାଯାଇଛି ଯେ, ଆଫଗାନିସ୍ତାନରେ ପାକିସ୍ତାନର ଜୈସ ଓ ଲସ୍କର ପରି ଆତଙ୍କବାଦୀ ସଂଗଠନର ଆତଙ୍କବାଦୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ଏବଂ ଏମାନଙ୍କୁ ଭାରତରେ ଆତଙ୍କବାଦୀ କାର୍ଯ୍ୟ କଳାପରେ ବିନିଯୋଗ କରାଯାଇପାରେ । ଯାହାର ଉଦାହରଣ କାଶ୍ମୀରରେ ଦୈନନ୍ଦିନ ଘଟୁଥିବା ଆତଙ୍କୀ ହମଲାକୁ ନିଆ ଯାଇପାରେ। କାଶ୍ମୀରରେ ସକ୍ରିୟ ପାକିସ୍ତାନ ଆତଙ୍କବାଦୀ ସଂଗଠନଙ୍କୁ ଉନ୍ନତ ଧରଣ ହତିଆର ପହଞ୍ଚାଇବା କାର୍ଯ୍ୟ ପାକିସ୍ତାନ ଜରିଆରେ ତାଲିବାନ ଯୋଗାଇ ଚାଲିଛି ଏବଂ ଆଫଗାନସ୍ଥିତ ଆମେରିକା ସୈନଙ୍କ ଠାରୁ ତାଲିବାନ ହାସଲ କରିଥିବା ଅତ୍ୟାଧୁନିକ ଅସ୍ତ୍ର ପାକିସ୍ତାନ ମାଧ୍ୟମରେ ଆତଙ୍କବାଦୀଙ୍କୁ ଶସସ୍ତ୍ର କରୁଛି ।

ତେଣୁ ଏହା ନିଶ୍ଚିନ୍ତ ଯେ, କାଶ୍ମୀର ମଧ୍ୟରେ ଆତଙ୍କ ସୃଷ୍ଟି ପାଇଁ ପ୍ରତିଦିନ ପଶୁଥିବା ଆତଙ୍କବାଦୀ ଆଧୁନିକ ଅସ୍ତ୍ରଶସ୍ତ୍ର ସହ ପଶୁଛନ୍ତି ଏବଂ କାଶ୍ମୀର ଘାଟିରେ ବସବାସ କରୁଥିବା ହିନ୍ଦୁଙ୍କୁ ହିଁ ଟାର୍ଗେଟ କରୁଛନ୍ତି । ତେଣୁ ପାକିସ୍ତାନୀ ଉଗ୍ରବାଦୀଙ୍କ ଏହି ଦୁଃଶାହସକୁ ଦମନ କରିବା ନିହାତି ଜରୁରି । ଯାହାର ଉପାୟ ଏସ୍. ଜୟଶଙ୍କର ଅନୁଧ୍ୟାନ କରି ଏବଂ ନିଜ କ୍ୟାବିନେଟ ସହ ବାର୍ତ୍ତାଳାପ କରି ବିଶ୍ୱର ଅନ୍ୟଦେଶମାନଙ୍କର ସହଯୋଗ ହାସଲ କରିବା ଏବେ ଗୁରୁଦାୟିତ୍ୱ । କାରଣ ଯଦିଓ ପାକିସ୍ତାନରେ ଇମ୍ରାନ ସରକାର ପତନ ଘଟିଛି ଏବଂ ସରକାର ବଦଳିଛି ତଥାପି ଭାରତ ପ୍ରତି ପାକିସ୍ତାନର ଆଭିମୁଖ୍ୟରେ କୌଣସି ପରିବର୍ତ୍ତନର ନଜର ଆସୁନାହିଁ।

ନିର୍ବାଚନ ପୂର୍ବରୁ ପଞ୍ଜାବର ଅମୃତସରର ଏକ ଗାଁରୁ ୫କିଲୋ ଆରଡିଏକ୍ସ ଜବତ ହୋଇଥିବା ଘଟଣା ସେହିଦିନ ଦିଲ୍ଲୀରେ ଏକ ପରିତ୍ୟକ୍ତ ବ୍ୟାଗରୁ ଆଇ.ଇଡି ମିଳିବ। ଶ୍ରୀନଗରରୁ ଏକ ପ୍ରେସର କୁକ୍‌ରରୁ ବିସ୍ଫୋଟକ ଜବତ ହେବ। ଏହି ୩ଟି ଘଟଣା, ଭାରତରେ ଅସ୍ଥିରତା ସୃଷ୍ଟି କରିବା ପାଇଁ ଆତଙ୍କବାଦୀଙ୍କର ଏକ ବଡ଼ ଷଡଯନ୍ତ୍ରର ସୂଚନା ଦେଇସାରିଛି । ଗତ କିଛି ଦିନଧରି ସୀମାପାରରୁ ତଥା ପାକିସ୍ତାନର ସହାୟତା ଓ ସହଯୋଗରେ ପଞ୍ଜାବକୁ ବିସ୍ଫୋଟକ ସହିତ ପ୍ରବଳ ହତିଆର ଓ ବହୁ ମାତ୍ରାରେ ମାଦକ ଦ୍ରବ୍ୟ ଚାଲାଣ ଜାରି ରହିଛି। ଯାହାକି ଆତଙ୍କବାଦୀ ପୋଷଣ ପାଳନରେ ଏକ ତଥ୍ୟ ଭିତ୍ତିକ ପ୍ରମାଣ। କିଛି ଦିନ ପୂର୍ବରୁ ଲୁଧିଆନା ଅଦାଲତରେ ଏକ ବିସ୍ଫୋରଣ ମଧ୍ୟ ହୋଇସାରିଛି । ଯେଉଁ ବିସ୍ଫୋରଣରେ ଖଲିସ୍ଥାନୀ ଆତଙ୍କବାଦୀଙ୍କ ସମ୍ପୃକ୍ତି ପ୍ରମାଣ ହୋଇଛି । ପାକିସ୍ତାନ ପକ୍ଷରୁ ଆତଙ୍କବାଦୀ ସଂଗଠନ ଗୁଡ଼ିକ ତରଫରୁ କରାଯାଉଥିବା ଷଡଯନ୍ତ୍ରକୁ ପଣ୍ଡ କରିବାକୁ ସେନା, ସୁରକ୍ଷାକର୍ମୀ ରାଜ୍ୟ ପୋଲିସ ଇଣ୍ଟେଲିଜେନ୍ସକୁ ଅଧିକ ସଜାଗ ତଥା ସକ୍ରିୟ ହେବାର ଆବଶ୍ୟକତା ରହିଛି । ଅନ୍ୟ ଏକ ଗୁରୁତର ପ୍ରସଙ୍ଗ ଯେ, ସୁରକ୍ଷା ଏଜେନ୍ସିଗୁଡ଼ିକୁ ଜନସାଧାରଣ ସହଯୋଗ କଲେ ସମସ୍ତ ଷଡଯନ୍ତ୍ରର ମୁକାବିଲା କରି ଏହାକୁ ପଣ୍ଡ କରିବା ସୁରକ୍ଷା ଏଜେନ୍ସିଙ୍କ ପାଇଁ ସହଜ ହେବ । ଦେଶର ଶତ୍ରୁଙ୍କ ଦୁଃସାହସରେ ଲଗାମ୍ ମଧ୍ୟ ଲାଗି ପାରିବ।

ଅନ୍ୟ ପକ୍ଷରେ ଭାରତର ଯୁବପିଢ଼ିଙ୍କୁ ନିଶାଶକ୍ତ କରି ଦେଶରେ ଅସ୍ଥିରତା ସୃଷ୍ଟି କରିବା ଲକ୍ଷରେ ପାକିସ୍ତାନ ଓ ଆଫଗାନିସ୍ତାନ ପ୍ରୟାସ ଜାରି ରଖିଛନ୍ତି । ଭାରତର ବିଭିନ୍ନ ପ୍ରାନ୍ତରୁ ବିଭିନ୍ନ ସମୟରେ ଜବତ କରାଯାଉଥିବା ମାରାତ୍ମକ ଧଳା ଜହର ଏବଂ ଏହାର ବର୍ଦ୍ଧିତ ବ୍ୟବସାୟ ସିଧାସଳଖ ଦର୍ଶାଇଛି ଯେ, ଏହା ପଛରେ ଆଫଗାନିସ୍ତାନ ଓ ପାକିସ୍ତାନର ଅନ୍ତଃରାଷ୍ଟ୍ରୀୟ ଡ୍ରଗ୍ସ ମାଫିଆ ଜଡ଼ିତ । ଆଗରୁ ଜାମ୍ମୁ-କାଶ୍ମୀର ପଞ୍ଜାବ ବାଟରେ ପାକିସ୍ତାନ ସୀମାବାଟରେ ଅନ୍ତଃରାଷ୍ଟ୍ରୀୟ ଡ୍ରଗ୍ସ ମାଫିଆ ଏହି କାରବାର ଚଳାଉଥିବା ବେଳେ ଏବେ ଜଳପଥ ଓ ଆକାଶପଥକୁ ନିଜ କବ୍‌ଜାରେ ନେଇଛନ୍ତି ଏବଂ ଏହାକୁ ଅଧିକ ସୁରକ୍ଷା ମଣି ଅବାଧରେ ଏବଂ ପ୍ରବଳ ମାତ୍ରାରେ ଏହି ଧଳା ଜହର ବ୍ୟବସାୟ କରିବାରେ ସକ୍ଷମ ହେଉଛନ୍ତି। ଅନ୍ୟ ପକ୍ଷରେ ଗତ କିଛି ଦିନ ତଳେ ଦେଶରେ ବିଭିନ୍ନ ସ୍ଥାନରେ ଚଢାଉବେଳେ ଜବତ୍ ହେଉଥିବା ଡ୍ରଗ୍ସ ପ୍ରକୃତ ପକ୍ଷେ ଚିନ୍ତାଜନକ । କିଛି ଦିନ ତଳେ ବାଙ୍ଗାଲୋରରୁ ୩୫ କିଲୋ ହେରୋଇନ୍ ଜବତ ହେଲା ଏବଂ ୮ ଜଣ ଡ୍ରଗ୍ସ ମାଫିଆ ନ୍ୟାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ, ଏନ୍‌ସିବି ଗିରଫ କଲା। ଅନୁସନ୍ଧାନରେ ଜଣାପଡିଲା ଯେ ମୁମ୍ବାଇରୁ ଆସି ବାଙ୍ଗାଲୋରରେ ପହଞ୍ଚିଥିବା ୨ ଜଣ ମହିଳାଙ୍କଠାରୁ ୭ କିଲୋ ହେରୋଇନ୍ ଜବତ ହେଲା ପରେ ଏନ୍‌ସିବି ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଦେଶରେ ସବୁ ପ୍ରାନ୍ତରେ ଧଳା ଜହର ବେପାର ପାଇଁ ଆଫଗାନିସ୍ତାନ ଓ ପାକିସ୍ତାନ ପୂର୍ଣ୍ଣ ସକ୍ରିୟ ହୋଇ ରହିଛି । ମାତ୍ର ଏହି ପଦକ୍ଷେପକୁ କଡା ମୁକାବିଲା କରାଯିବ ଏବଂ ଗିରଫଦାରୀ ଜୋରଦାର କରାଯିବ ବୋଲି ଏନ୍‌ସିବି କହିଛି।

ଏହାର ତଥ୍ୟଗତ ପ୍ରମାଣ ମିଳିଥିଲା, ଦିଲ୍ଲୀର ସାହିନବାଗ ଅଞ୍ଚଳରୁ ଜବତ ହୋଇଥିବା ବଡ ଧରଣର ଧଳା ଜହର। ଯେଉଁ ଲୋକମାନଙ୍କୁ ଏହି ମାମଲାରେ ବ୍ରାଉନ୍ ସୁଗାର ସହ ଗିରଫ ବ୍ୟକ୍ତି ବିଶେଷଙ୍କ ସମ୍ପର୍କ ପାକିସ୍ତାନ ଓ ଆଫଗାନିସ୍ତାନ ଡ୍ରଗ୍ସ ମାଫିଆଙ୍କ ସହ ରହିଥିବା ତଦନ୍ତରୁ ଜଣାପଡିଥିଲା। ନିଶା ଦ୍ରବ୍ୟ କାରବାରରେ ସକ୍ରିୟ ବୋଲି ଏବେ ନାରକୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍.ସି.ବି) ଜାଣିବା ପରେ ଛୋଟବଡ ସହରରେ ଚଢାଉକୁ ତୀବ୍ର କରିଛି ସଫଳତା ମଧ୍ୟ ପାଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ୟକ୍ତିତ୍ୱ ତଥା କୂଟନୀତି ବିଦେଶମନ୍ତ୍ରାଳୟ ଉପରେ ପାରଦର୍ଶୀତା ସମ୍ପୂର୍ଣ୍ଣ ସ୍ୱାଗତଯୋଗ୍ୟ ଏବଂ ଏସ୍ ଜୟଶଙ୍କର ଭଳି ଜଣେ ଉଚ୍ଚକୋଟୀର ପ୍ରଶାସକ ତଥା ବିଦେଶ ମନ୍ତ୍ରୀ ଯଦି ଆତଙ୍କବାଦ ବିରୋଧୀ ଲଢେଇରେ ହାତ ଟେକିଦେବେ ଏବଂ ବିଶ୍ୱର ପ୍ରମୁଖ ଦେଶର ସହାୟତା ପାଇଁ ଅସମର୍ଥ ହେବେ ତେବେ ଦେଶବାସୀ ହତାଶ ହେବା, ଆତ୍ମବିଶ୍ୱାସ ହରାଇବା ହିଁ ସାର। ବିଭିନ୍ନ ଦେଶର ବିଦେଶନୀତି ଏବଂ କୂଟନୀତି ସମ୍ପୃକ୍ତ ଦେଶ ସ୍ଥିର କରିଥାନ୍ତି । ତେଣୁ ନିର୍ଭରଶୀଳ ନ ହୋଇ ଭାରତକୁ ନିଜର ବିଦେଶନୀତି ଓ କୂଟନୀତି ଉପରେ ନିର୍ଭର କରିବା ଉଚିତ୍ । କଥାରେ ଅଛି ‘ଲାତୋ କେ ଭୂତ ବାତୋ ମେଁ ନୈହିଁ ମାନ୍‌ତା’। ତେଣୁ ଭାରତରେ ଉଗ୍ରବାଦୀଙ୍କୁ ସୁ ସଜ୍ଜିତ କରି ଆଧୁନିକ ଅସ୍ତ୍ରଶସ୍ତ୍ର ସହ ଉଗ୍ରବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରୁଥିବା ରାଷ୍ଟ୍ର ପାକିସ୍ତାନ ପାଇଁ କେବଳ ଏହିନୀତି ଅବଲମ୍ବନ କରିବା ଉଚିତ୍ ବୋଲି ବହୁ ବିଶେଷଜ୍ଞ ମତ ପୋଷଣ କରୁଛନ୍ତି। ଅନ୍ୟ ପକ୍ଷରେ ଯୁବପିଢିକୁ ନିଶାଦ୍ରବ୍ୟରେ ଅଭ୍ୟସ୍ତ କରୁଥିବା ରାଷ୍ଟ୍ରପତି ଭାରତ କଡା ପ୍ରହାର କରିବାର ଆବଶ୍ୟକତା ରହିଛି। କାରଣ ମାତ୍ରାଧିକ ପ୍ରମାଣ ମିଳିସାରିଛି ଏବଂ ସାବ୍ୟସ୍ତ ମଧ୍ୟ ହୋଇସାରିଛି।



# ଅଲାୟାଙ୍କ ଗ୍ଲାମର ଲୁକ୍

ପୂଜା ବେଦୀଙ୍କ ଝିଅ ତଥା ବଲିଉଡ୍ ଅଭିନେତ୍ରୀ ଅଲାୟା ଫର୍ଣ୍ଣିଚରୱାଲ ପୁଣିଥରେ ନିଜର ସୁପର ଗ୍ଲାମର ଫଟୋ ପୋଟ୍ରେ କରି ଚର୍ଚ୍ଚାରେ ରହିଛନ୍ତି । ସେ ସର୍ବଦା ନିଜର ବୋଲ୍ଡ ସିନ୍‌କୁ ନେଇ ଚର୍ଚ୍ଚାରେ ରହିଥାନ୍ତି । ସେ ସୈଫ୍ ଅଲ୍ଲୀ ଖାନ ଓ ତବୁଙ୍କ ଫିଲ୍ମ ଜବାନୀ ଜାନେମନରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ । ନିକଟରେ ଅଲାୟା ଇନ୍‌ଷ୍ଟାଗ୍ରାମ୍‌ରେ ନିଜର ସୁପର ବୋଲ୍ଡ ଫଟୋ ସେୟାର କରିଛନ୍ତି । ଏହି ଫଟୋରେ ଅଲାୟା ବ୍ଲାକ୍‌ଆଉଟ୍ ଫିଟ୍‌ରେ ନଜର ଆସିଛନ୍ତି । ଯାହାକୁ ଦେଖି ପ୍ୟାନ୍‌ମାନେ ଛାତିରେ ନିଆଁ ଲାଗିଯାଇଥିବା କହିଛନ୍ତି । ଏପରିକି ଆଉ କିଛି ଫ୍ୟାନ୍ସ ଫଟୋ ଦେଖିବା ପରେ ହୃତ୍‌ସ୍ପନ୍ଦନ ବଢ଼ିଥିବା ମଧ୍ୟ କମେଂଟ୍ କରିଛନ୍ତି । ଆଲାୟାଙ୍କ ଏହି ଫଟୋକୁ ସମସ୍ତେ ବହୁତ ପ୍ରଶଂସା କରିଛନ୍ତି । ସେ ସଟ୍ ଡ୍ରେସ୍ ସହ କଳା ରଙ୍ଗର ଏକ ଜ୍ୟାକେଟ୍ ମଧ୍ୟ ପିନ୍ଧିଛନ୍ତି । ସେ ଫଟୋ ସେୟାର କରି ଲେଖିଛନ୍ତି ଯେ, ସେ ସର୍ବଦା ଷ୍ଟୁଲରେ ଏପରି ବସିଥାନ୍ତି । ଏହି ଫଟୋକୁ ଇନ୍‌ଷ୍ଟାଗ୍ରାମ୍‌ରେ ୧ ଲକ୍ଷରୁ ଅଧିକ ଲାଇକ୍ ମିଳିଛି । ସୂଚନାଯୋଗ୍ୟ ପୂଜା ବେଦୀଙ୍କ ଝିଅ ଅଲାୟା ଜବାନୀ ଜାନେମନ୍‌ରେ ବଲିଉଡ୍‌ରେ ପାଦ ରଖିଥିଲେ । ନିର୍ମାତା ଜେ ଶିବକରମାଣୀଙ୍କ ସହ ସେ ତିନୋଟି ଫିଲ୍ମ ପାଇଁ ସାଇନ୍ କରିଛନ୍ତି ।

# ଆଗ ଶଗଡ଼, ପଛ କାର

ଆଗରେ ବନ୍ଧା ହେଇଛି ବଳଦ । ମଝିରେ ବସିଛନ୍ତି ଜଣେ କୃଷକ ଏବଂ ପଛରେ ଆସୁଛି ଆମ୍ବାସାଡର କାର । ରାସ୍ତାରେ ବୁଲୁଛି ଶଗଡ଼ର ଏଭଳି ନୂଆ ରୂପ । ଅଧା ଆମ୍ବାସାଡର କାରକୁ ଟାଣୁଛନ୍ତି ୨ଟି ବଳଦ । ଏହି ଅଦ୍ଭୁତ ଶଗଡର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ବିଶିଷ୍ଟ ଉଦ୍ୟୋଗପତି ଆନନ୍ଦ ମହିନ୍ଦ୍ରା ଏହି ଭିଡିଓକୁ ନିଜ ସୋସିଆଲ ମିଡିଆ ଆକାଉଂଟ୍‌ରେ ସେୟାର କରିଛନ୍ତି । ସେ ତାଙ୍କ ପୋଷ୍ଟରେ ଲେଖିଛନ୍ତି ଯେ, ମୋତେ ଲାଗୁନି ଯେ, ଏଲନ ମସ୍କ ଓ ଟେସ୍‌ଲା ଏଭଳି କମ୍ ଦାମରେ ତିଆରି ବିନା ଇନ୍ଧନ ଚାଳିତ କାରର ମୁକାବିଲା କରିପାରିବେ । ସେପଟେ ଏହି ଅଦ୍ଭୁତ ଶଗଡ ଦେଖି ଲୋକେ ଚକିତ ହୋଇପଡ଼ିଛନ୍ତି । ଲୋକେ ବିଶ୍ୱାସ କରିପାରୁନାହାନ୍ତି ଯେ, ଶଗଡକୁ ମଧ୍ୟ ଏଭଳି ନୂଆ ରୂପ ଦେଇ ହେବ ବୋଲି । ଜଣେ କୃଷକଙ୍କ ଏଭଳି ନିଆରା ଆବିଷ୍କାରକୁ ଦେଖି ଅନେକ ପ୍ରଶଂସା ମଧ୍ୟ କରିଛନ୍ତି । ଭିଡିଓକୁ ଦେଖିଲେ ଲାଗୁଛି କୃଷକ ଜଣକ ଏହି କାରଟିକୁ କାଠରେ ତିଆରି କରିଛନ୍ତି । କାଠରେ ତିଆରି କରିଛନ୍ତି । କାଠରେ ସେ ଅଧା ଆମ୍ବାସାଡର କାର ତିଆରି କରିଛନ୍ତି ସେ । ଏଥିରେ ଦୁଇ ଜଣ ବସିବା ପାଇଁ ସିଟ୍ ମଧ୍ୟ ତିଆରି ହୋଇଛି । କେବଳ ସେତିକି ନୁହେଁ କାରର କବାଟ ମଧ୍ୟ ରହିଛି । ଏହି ଅଧା ଆମ୍ବାସାଡର କାରକୁ ଆଗରେ ବଳଦମାନେ ଟାଣି ନେଉଛନ୍ତି । ଆନନ୍ଦ ମହିନ୍ଦ୍ରା ଶେୟାର କରିଥିବା ୫୦ ସେକେଣ୍ଡର ଏହି ଭିଡିଓକୁ ୫ ଲକ୍ଷରୁ ଅଧିକ ଲୋକ ଦେଖି ସାରିଲେଣି । ଏଥିସହ ଏହାକୁ ୩୦ ହଜାରରୁ ଅଧିକ ଲାଇକ୍ସ ମଧ୍ୟ ମିଳିସାରିଲାଣି ।



# ଶୀତଦିନେ ତ୍ୱଚା ପାଇଁ ବରଦାନ ଖିର ସର



ତ୍ୱଚା ପାଇଁ ଖିର ସର ଆଶୀର୍ବାଦ ଅଟେ । ଏଥିରେ ଥିବା ପୋଷକ ତତ୍ୱ ଆମ ମୁହଁର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ । ମୁହଁର ବିଭିନ୍ନ ସମସ୍ୟାକୁ ମଧ୍ୟ ଦୂର କରିଥାଏ । ଯଦି ଆପଣଙ୍କ ତ୍ୱଚାର ଚମକ ହ୍ରାସ ପାଇଯିବା ଭଳି ଅନୁଭବ ହେଉଛି ତେବେ ସରରେ କିଛି ମହୁ ମିଶାଇ ଲଗାନ୍ତୁ । ଏପରି କରିବା ଦ୍ୱାରା ନିଜେ ଏହାର ଚମତ୍କାରିତା ଅନୁଭବ କରିବେ । ଏହାକୁ ନିୟମିତ ମୁହଁରେ ଲଗାଇଲେ ବହୁ ଦାମୀ କ୍ରିମ୍ ତୁଳନାରେ ଏହା ତ୍ୱଚାର ଚମକକୁ ଖୁବ୍‌ଶୀଘ୍ର ବୃଦ୍ଧି କରିଥାଏ । ଖିର ସରକୁ ନିୟମିତ ମୁହଁରେ ଲଗାଇଲେ ତ୍ୱଚାର ରଙ୍ଗ ମଧ୍ୟ ଗୋରା ହୋଇଥାଏ । ବହୁ ଯୁବତୀ ଓ ମହିଳା ମୁହଁରେ ଥିବା ବିଭିନ୍ନ ପ୍ରକାରର ଦାଗ ଓ କଳା ଦାଗ ପାଇଁ ଚିନ୍ତିତ ରହିଥାଆନ୍ତି । ଏହି ସମସ୍ୟାରୁ ମୁକ୍ତି ପାଇବାକୁ ହେଲେ ସରରେ ଅଳ୍ପ ଲେମ୍ବୁ ରସ ମିଶାଇ ଏହାକୁ ମୁହଁରେ ଲଗାଇ କିଛି ସମୟ ରଖି ଧୋଇ ଦିଅନ୍ତୁ । ନିୟମିତ କିଛି ପରିମାଣରେ ଖିରସରକୁ ମୁହଁରେ ଲଗାଇ ମାଲିସ କରନ୍ତୁ । ଏଭଳି କରିବା ଦ୍ୱାରା ମୁହଁ ଉଜ୍ଜ୍ୱଳ ହେବା ସହ ତ୍ୱଚାରେ ଥିବା ଦୂଷିତ ପଦାର୍ଥ ବାହାରି ଯାଇଥାଏ ।

# ହାତର ଯତ୍ନ

- ୨ ଚାମଚ ବଟରରେ ୧ ଚାମଚ ବାଦାମ ତେଲକୁ ଭଲ ଭାବେ ମିଶାଇ ଏହାକୁ ୨୦ ମିନିଟ୍ ପର୍ଯ୍ୟନ୍ତ ହାତରେ ଲଗାଇ ରଖନ୍ତୁ । ୨୦ ମିନିଟ୍ ପରେ ହାତକୁ ଧୋଇ ଦିଅନ୍ତୁ । ଏଥିରେ ଭିଟାମିନ୍ ଇ ଥିବାରୁ ଏହା ହାତକୁ ନରମ, ସୁନ୍ଦର ଓ ଶୁଷ୍କତାକୁ ଦୂର କରିଥାଏ ।
- ସପ୍ତାହକୁ ୨ ଥର ଗୋଲାପ ଜଳରେ ହାତ ପୋଛିବା ଦ୍ୱାରା ମଧ୍ୟ ହାତ କୋମଳ ଓ ଗୋରା ହୋଇଥାଏ ।
- ୧ ଚାମଚ ଚିନିରେ ଲେମ୍ବୁରସ ମିଶାଇ ଏହାକୁ ହାତରେ ଲଗାନ୍ତୁ । ଲଗାଇବା ସମୟରେ ହାତକୁ ଭଲ ଭାବେ ଘଷନ୍ତୁ । ଏହାକୁ ୧୫ ମିନିଟ୍ ଲଗାଇବା ପରେ ଧୋଇ ଦିଅନ୍ତୁ । ଏହା ହାତକୁ ଗୋରା କରିବା ସହ ସମସ୍ତ ପ୍ରକାରର ଦୂଷିତ ପଦାର୍ଥ ବାହାର କରି ଦେଇଥାଏ ।
- ୨ ଚାମଚ ବେସରେ ଏକ ଚାମଚ ଦହି ମିଶାଇ ଏହାକୁ ହାତରେ ୩୦ ମିନିଟ ଲଗାଇ ରଖନ୍ତୁ । ନିର୍ଦ୍ଧାରିତ ସମୟ ପରେ ହାତକୁ ଧୋଇ ଦିଅନ୍ତୁ । ଏହାକୁ ନିୟମିତ ଲଗାଇବା ଦ୍ୱାରା ହାତ କୋମଳ ଓ ଗୋରା ହୋଇଥାଏ ।



# କେଜିଏଫ୍-୨

କେଜିଏଫ, ଦକ୍ଷିଣ ଭାରତୀୟ ଏହି ଚଳଚ୍ଚିତ୍ର ୫ଟି ଭାଷାରେ ମୁକ୍ତିଲାଭ କରି ରେକର୍ଡ ସ୍ଥାପନ କରିଥିଲା । ଏହାର ଦ୍ୱିତୀୟ ଭାଗର ସମସ୍ତ ସୁଟିଂ ଶେଷ ହୋଇଥିବାର ଖବର ମିଳିଥିବାବେଳେ ୨୦୨୧ ଜାନୁଆରୀ ୮ରେ ଏହାର ପ୍ରଥମ ଟ୍ରେଲର ମୁକ୍ତିଲାଭ କରିବ । ଜାନୁଆରୀ ୮ରେ ଚଳଚ୍ଚିତ୍ର ମୁଖ୍ୟ କଳାକାର ଯଶଙ୍କ ୩୪ତମ ଜନ୍ମଦିନ ଅବସରରେ ପ୍ରଯୋଜକ ଓ ନିର୍ଦ୍ଦେଶକ ଟ୍ରେଲର ମୁକ୍ତିଲାଭର ଯୋଜନା ରଖିଛନ୍ତି । ପ୍ରଥମ ଭାଗଟି ସୁପରହିଟ୍ ତାଲିକାଭୁକ୍ତ ହେବା ସହ ଦ୍ୱିତୀୟ ଭାଗ ମଧ୍ୟ ଭଲ ବ୍ୟବସାୟ କରିବାର ଅନୁମାନ କରାଯାଉଛି । ଦ୍ୱିତୀୟ ଭାଗରେ ଅନ୍ୟତମ ମୁଖ୍ୟ ଆକର୍ଷଣ ହେଲେ ସଞ୍ଜୟ ଦତ, ଖଳନାୟକ ଭୂମିକାରେ ସେ ଦେଖାଦେବେ । କୋଭିଡ୍-୧୯ କଟକଟା ସହ କର୍କଟ ରୋଗରୁ ଆରୋଗ୍ୟ ଲାଭ ପରେ ତୁରନ୍ତ ସଂଜୟ ଏହାର ସୁଟିଂ ପାଇଁ ବରାବର ହାଇଦ୍ରାବାଦ୍ ଯାଇ ଶେଷ କରିଥିଲେ । ନିର୍ଦ୍ଦେଶକ ପ୍ରଶାନ୍ତ ନିଲ୍ କହିଛନ୍ତି, ଚଳଚ୍ଚିତ୍ରର ସୁଟିଂ ଆରମ୍ଭ ପୂର୍ବରୁ ପ୍ରଥମେ ସେ ଦେଢ଼ ବର୍ଷ ସମଗ୍ର କେଜିଏଫ୍ ଘଟଣା ଉପରେ ଭଲ ଭାବେ ଗବେଷଣାକ ରିବା ପରେ ସୁଟିଂ ପାଇଁ ଆଗକୁ ବଢ଼ିଥିଲେ । ଅଭିନେତା ଯଶ୍ ମଧ୍ୟ କିଛି କମ୍ ପରିଶ୍ରମ କରିନାହାନ୍ତି । କେଜିଏଫ୍ ପାଇଁ ସେ ୨୭ ଥର ହେୟାର ଷ୍ଟାଇଲ୍ ପରିବର୍ତ୍ତନ କରିବା ପରେ ଶେଷରେ ମନୋନୀତ ହୋଇଥିଲେ । ବାହୁବଳୀ ପରେ ଏହା ଦ୍ୱିତୀୟ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର, ଯାହା ସମଗ୍ର ଭାରତରେ ସୁପରହିଟ୍ ହୋଇଛି ।




# ବିନା ଦୋଷରେ ୪୦ ବର୍ଷ ଜେଲ୍, ମିଳିଲା ୧୪୯ କୋଟି ଟଙ୍କା

ବିନା ଦୋଷରେ ଜଣେ ବ୍ୟକ୍ତି ୪୦ ବର୍ଷ ଜେଲ ଦଣ୍ଡ ଭୋଗିଛନ୍ତି । ତାଙ୍କ ଉପରେ ପ୍ରେମିକା ଓ ପୁଅକୁ ହତ୍ୟା କରିବା ଅଭିଯୋଗ ଆସିଥିଲା । ଏହି ଅଭିଯୋଗରେ ତାଙ୍କୁ ଜେଲ ପଠାଯାଇଥିଲା । ମାତ୍ର ସେ ନିଜକୁ ନିର୍ଦ୍ଦୋଷ ବୋଲି ଦାବି କରୁଥିଲେ । ଶେଷରେ ଯେତେବେଳେ ସେ ନିର୍ଦ୍ଦୋଷ ସାବ୍ୟସ୍ତ ହେଲେ ସେତେବେଳକୁ ୪୦ ବର୍ଷ ବିତି ସାରିଥିଲା । ଅର୍ଥାତ୍ ବିନା ଦୋଷରେ ତାଙ୍କୁ ୪୦ ବର୍ଷ ଜେଲରେ ବିତାଇବାକୁ ପଡିଲା । ପରେ ତାଙ୍କୁ ବିନା ଦୋଷର ଜେଲ ପଠାଯାଇଥିବାରୁ ତାଙ୍କୁ ମିଳିଥିଲା ୧୪୯ କୋଟି ଟଙ୍କା କ୍ଷତିପୂରଣ । ଘଟଣାଟି କାଲିଫର୍ନିଆରେ ଘଟିଛି । ଇଂଲଣ୍ଡରୁ ପ୍ରକାଶିତ ଇଣ୍ଡିପେଣ୍ଡେଂଟ୍ ଖବରକାଗଜ ଅନୁସାରେ ଏହି ବ୍ୟକ୍ତି ଜଣକ ସିମି ଓ୍ୱେଲିର ଅଧିବାସୀ । ତତାଙ୍କ ନାମ କ୍ରିଗ୍ କାଲୋ । ତାଙ୍କ ପ୍ରେମିକା ଓ ପ୍ରେମିକାଙ୍କ ପୁଅକୁ ହତ୍ୟା କରିଥିବା ଅଭିଯୋଗରେ ତାଙ୍କୁ ୧୯୭୮ରେ ସେଠାକାର ପୋଲିସ ଗିରଫ କରିଥିଲା । ଏହାପରେ ତାଙ୍କୁ ଜେଲ ପଠାଇ ଦିଆଯାଇଥିଲା । ମାତ୍ର ସେ ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବାକୁ ଅଦାଲତର ଦ୍ୱାରସ୍ତ ହୋଇଥିଲେ । ଶେଷରେ ୧୯୧୭ ମସିହାରେତାଙ୍କର ବିଚାର ଶେଷ ହେହାଇଥିଲା ଓ ସେ ନିର୍ଦ୍ଦୋଷ ପ୍ରମାଣିତ ହୋଇଥିଲେ ।



ଏହି ସମୟ ମଧ୍ୟରେ କ୍ରିଗ୍ ନିଜ ପରିବାରକୁ ହରାଇଥିଲେ । ତାଙ୍କ ବାପା-ମାଙ୍କର ପରଲୋକ ହୋଇ ଯାଇଥିଲା । ମାତ୍ର ଯେତେବେଳେ ଡିଏନ୍‌ଏ ଟେଷ୍ଟ ରିପୋର୍ଟ ଆସିଲା ସେତେବେଳେ କ୍ରିଗ୍ ନିର୍ଦ୍ଦୋଷ ବୋଲି ପ୍ରମାଣିତ ହୋଇଥିଲେ । କାଲିଫର୍ଣ୍ଣିଆ ସହର ପ୍ରବନ୍ଧକଙ୍କ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ କ୍ରିଗ୍ ଗତ ୪୦ ବର୍ଷ ମଧ୍ୟରେ ଯେଉଁ କ୍ଷତି ସହିଛନ୍ତି ଓ ଯେଉଁ ପରିସ୍ଥିତିରେ ଗତି କରୁଛନ୍ତି ତାହା ଅବର୍ଣନୀୟ । ତେଣୁ ତାଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ମିଳିଛି । ଏହି କ୍ଷତିପୂରଣ ତାଙ୍କର ଜୀବନର ଖୁସିକୁ ତ ଫେରାଇ ପାରିବ ନାହିଁ । ତଥାପି ଆଗାମୀ ଦିନରେ ସେ ସୁଖରେ ରହିବେ ବୋଲି ଆଶା କରାଯାଉଚି ବୋଲି ସେ କହିଛନ୍ତି ।

# ସରକାରୀ ସହାୟତାରୁ ବଞ୍ଚିତ କାହ୍ନୁ

## ୫ କିଲୋ ଚାଉଳ ରେ ସିମିତ ସରକାରୀ ସହାୟତା



ଓଡ଼ାପଡ଼ା/ହିନ୍ଦୋଳ ୨୬/୩(ନି.ପ୍ର): ଓଡ଼ାପଡ଼ା ବ୍ଲକ ବଦାଲୁ ପଞ୍ଚାୟତ ଅନ୍ତର୍ଗତ ହାଣ୍ଡିଫୁଟା ଗ୍ରାମ ର ହରିଜନ ବସ୍ତିର କାହ୍ନୁ ନାଏକ ଜଣେ ଶାରୀରିକ ଅକ୍ଷମ ଗରିବ ପ୍ରଜା ସରକାରୀ ସହାୟତାରୁ ବଞ୍ଚିତ ଥିବା ଅଭିଯୋଗ କରିଛନ୍ତି। ଗରିବ ପ୍ରଜା ମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତ ଆଣିବା ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ଅନେକ ଯୋଜନା କାର୍ଯ୍ୟକାରୀ କରୁଥିଲେ ମଧ୍ୟ ସେହି ସବୁ ଯୋଜନାରୁ ଗରିବ ପ୍ରଜା ମାନେ କେତେ ଉପକୃତ ହେଉଛନ୍ତି ତାହା କୌଣସି ଅଧିକାରୀ ଦେଖିବାକୁ ଯାଆନ୍ତି ନାହାଁ। ଫଳରେ ସରକାରଙ୍କ ଲକ୍ଷ ଉଦେଶ୍ୟ ସାଧିତ ହୋଇ ପାରୁ ନଥିବା ଜଣାପଡ଼ିଛି। ଗ୍ରାମାଞ୍ଚଳର ଅନେକ ବସ୍ତିରେ ରହୁଥିବା ଅସହାୟ ପରିବାର ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ନାନା ସମସ୍ୟା ମଧ୍ୟରେ କାଳାତିପାତ କରୁଥିବା ଦେଖିବାକୁ ମିଳିଛି। ଏହି ଅସହାୟ ଙ୍କ ମଧ୍ୟରେ ହାଣ୍ଡିଫୁଟା ହରିଜନ ବସ୍ତିର କାହ୍ନୁ ନାଏକ ଅନ୍ୟତମ ଅଟନ୍ତି। କାହ୍ନୁର ପରିବାର କହିଲେ କାହ୍ନୁ ତାର ସ୍ତ୍ରୀ,୫ବର୍ଷର ପୁଅ ୭ ବର୍ଷର ଝିଅ, ଏବଂ ୭୦ ବର୍ଷ ର ବିଧବା ମାଆ। କାହ୍ନୁ ଗତ ୫ ବର୍ଷ ଧରି ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇ ଭଙ୍ଗାରୁଜା ଦଦରା ଘରେ ପଡି ରହିଛନ୍ତି। ସେମାନଙ୍କ ପରିବାର କୁ ସରକାରୀ ସହାୟତା ଭାବରେ ମାସକୁ ୨୦ କିଲୋ ଚାଉଳ ମିଳୁଛି । ଅନ୍ୟାନ୍ୟ ସରକାରୀ ଯୋଜନା ସେମାନଙ୍କ ଭାଗ୍ୟରେ ନାହିଁ। ରାଜ୍ୟରେ ଡବଲ ଇଞ୍ଜିନି ସରକାର ଚାଲିଛି। ସବୁ କଚ୍ଚାଘରକୁ ପକ୍କା କରିବା ଲକ୍ଷ୍ୟରେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସରକାରୀ ବାବୁ ମାନେ ଘର ଘର ବୁଲି ସର୍ବେ କରୁଛନ୍ତି କିନ୍ତୁ ଏହି କାହ୍ନୁ ନାଏକଙ୍କ ଭଙ୍ଗା ଦଦରା ଘରକୁ କେହି ଆଡ ଆଖିରେ ଚାହୁଁ ନଥିବା କାହ୍ନୁ ନାଏକ ଅଭିଯୋଗ କରିଛନ୍ତି। ଗତ ଏକ ମାସ ତଳେ କାହ୍ନୁ ନାଏକ ଙ୍କ କଚ୍ଚା ଘର କୁ ବଣୁଆ ହାତୀ କିଛି ଅଂଶ ଭାଙ୍ଗି ଦେଇଥିଲେ। କାହ୍ନୁ ତାହା ମରାମତି କରିପାରୁ ନାହିଁ।ଘର ଖଣ୍ଡିଏ କରିବା ପାଇଁ ଆର୍ଥିକ ସହାୟତା ନିମନ୍ତେ ଲିଖିତ ଭାବରେ ଜଣାଇଥିଲେ ମଧ୍ୟ ଓଡ଼ାପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ଆଜି ପର୍ଯ୍ୟନ୍ତ କାହ୍ନୁ ନାଏକଙ୍କ ଅନୁରୋଧ କୁ ବିଚାର କୁ ନେଇ ନଥିବା କାହ୍ନୁ ଅଭିଯୋଗ କରିଛନ୍ତି ।ଏ ସମ୍ପର୍କରେ ବଦାଲୁ ପଞ୍ଚାୟତ ସରପଞ୍ଚ କ୍ରୀଷ୍ଣା ମହାନ୍ତି ଙ୍କୁ ପଚାରିବାରୁ ସେ ମହାଶୟ କହିଛନ୍ତି ତାଙ୍କ ସମୟରେ କୌଣସି ଆବାସ ଯୋଜନା ଆସିନଥିଲା, ଏବେ ଅନ ଲାଇନରେ ଆବେଦନ କରିବା ପାଇଁ କହିଛନ୍ତି ।ଗରିବ ଲୋକଙ୍କ ପାଇଁ ଆସୁଥିବା ଯୋଜନା ସ୍ୱଛଳବର୍ଗ ର ଲୋକ ମାନେ ହାତଉଥିବା ବେଳେ ଗରିବ ପ୍ରଜା ମାନେ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। କାହ୍ନୁ ଉପରେ ସରକାରୀ ବାବୁ ମାନଙ୍କର କେବେ ଶୁଭ ଦୃଷ୍ଟି ପଡୁଛି ତାହା ଦେଖିବାକୁ ବାକି ରହିଲା।

# ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ

କଟକ ୨୬/୩(ନି.ପ୍ର): କଟକ ଜିଲ୍ଲା ଶିକ୍ଷା ବିଭାଗ ଅଧୀନସ୍ଥ କଟକ ସଦର ୪୨ ମୌଜା ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠର ୨୦୨୪ - ୨୦୨୫ ଅଲମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ଶିକ୍ଷାବିତ୍ ଡଃ. ଏସ୍.କେ.କଲ୍ଲିମୁଲା ଯୋଗଦେଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଦ୍ୟାପୀଠ ପରିଚାଳନା କମିଟିର ସଭାପତି ବିନୟ ମହାପାତ୍ର ଯୋଗଦେଇଥିଲେ । କାର୍ଯ୍ୟକ୍ରମର ସଭାପତି ସୁଲୋଚନା ଦାସ ନିଜ ଅଭିଭାଷଣରେ ଅଲମ୍ପିକ ହିଁ ଖେଳ ଏବଂ ଖେଳ ହେଉଛି ବନ୍ଧୁତ୍ୱର ଏକ ମୂଲ୍ୟବୋଧ ବୋଲି କହିବା ସହ ସମସ୍ତ ଛାତ୍ରଛାତ୍ରୀ ଏହି ବନ୍ଧୁତ୍ୱର ବନ୍ଧନରେ ବାନ୍ଧି ହୋଇ ରହିବାକୁ ଚେଷ୍ଟା ଜାରି ରଖିବାକୁ ଉପଦେଶ ଦେଇଥିଲେ । ଉଦଘାଟକ ତଥା ମୂଖ୍ୟ ଅତିଥି ଡଃ.କଲିମୁଲ୍ଲା ଖେଳ ହିଁ ପରାଜିତକୁ ଅପରାଜିତ କରିବାର ଏକମାତ୍ର ରାସ୍ତା । ଜଣେ ପରାଜିତ ଖେଳାଳୀକୁ ବିଜେତାର ଉତ୍ସାହ ଓ ପ୍ରେରଣା ଯୋଗାଇବା ଦିଗରେ ଖେଳର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଖେଳ ହିଁ ଶିକ୍ଷା ଓ ଶିକ୍ଷା ହିଁ ଖେଳ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମ ତଥା ଖେଳ ପ୍ରତିଯୋଗିତାରେ ଆଖପାଖ ଅଂଚଳର ପ୍ରାଥମିକ ବିଦ୍ୟାଳୟ ମାନଙ୍କରୁ ପ୍ରାୟତଃ ୨୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେବା ସହ? ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ପ୍ରତିଯୋଗିତାରେ ବିଜେତାଙ୍କୁ ଟ୍ରଫି, ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଦ୍ୟାପୀଠର କ୍ରୀଡ଼ା ଶିକ୍ଷୟିତ୍ରୀ ସ୍ୱାଗତିକା ଦଳାଇ ପରିଚାଳନା କରିଥିବା ବେଳେ ଶିକ୍ଷକ ସୁଦର୍ଶନ ବେହେରା,କାର୍ତ୍ତିକ ଚନ୍ଦ୍ର ଦାସ, ଶ୍ରୀମତୀ ମଧୁସ୍ମିତା ବେବର୍ତ୍ତା,ଏମ୍.ଡି.ଜୁବେଦ୍ ଖାନ୍, ଈଶ୍ୱର ଗୁରୁ,ଜଗବନ୍ଧୁ ବେହେରା , ବିଜୟ ପ୍ରଧାନ ଓ ଶ୍ରୀମତୀ ସୁକାନ୍ତି ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସୁଦର୍ଶନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ବନ୍ଧୁକ ଦେଖାଇ ୪ ମୁଖା ପିନ୍ଧା ଦୁର୍ବୃତ୍ତ ଚାଷୀଙ୍କ ଘରରୁ ଲୁଟି ନେଲେ ୬୯ ହଜାର ଟଙ୍କା

ଭବାନୀପାଟଣା ୨୬/୩(ନି.ପ୍ର): କଳାହାଣ୍ଡି ଜିଲ୍ଲା କଲମପୁର ପୁଲିସ ଥାନା ଅଧିନସ୍ଥ ପଣ୍ଡିଗାଁ ଠାରେ ଘଟିଛି ଏକ ଡକାୟତି ଘଟଣା। ଜନୈକ ଚାଷୀଙ୍କ ଘରରୁ ୬୯ ହଜାର ଟଙ୍କା ପିସ୍ତଲ ଦେଖାଇ ମୁଖା ପିନ୍ଧା ଦୁର୍ବୃତ୍ତ ଲୁଟି ନେଇଥିବା ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ସୂଚନା ଅନୁସାରେ ଗତ ବିଳମ୍ବିତ ରାତିରେ ବରୁଣ ମାଝୀ ନାମକ ଜନୈକ ଚାଷୀ ପ୍ରବଳ ଗରମ ହେତୁ ପରିବାର ସହ ଘର ବାହାରେ ଶୋଇଥିଲେ। ବରୁଣ ରାତିରେ ଉଠି ବାହାରକୁ ବାହାରିଥିବା ବେଳେ ୪ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ବରୁଣ ମୁଣ୍ଡ ଉପରେ ପିସ୍ତଲ ରଖି ଧମକ ଦେଇ ଭୟଭୀତ କରିଥିଲେ। ବରୁଣ ଆତଙ୍କିତ ହେଇ ଘର ଭିତରରେ ଏକ ଆଟାଚିରେ ରଖିଥିବା ୬୯ ହଜାର ଟଙ୍କା କାଢି ଦୁର୍ବୃତ୍ତ ମାନଙ୍କୁ ଦେଇଥିଲା। ଏହାପରେ ଦୁର୍ବୃତ୍ତମାନେ ପୁଣି ବରୁଣର ମୁଣ୍ଡ ଉପରେ ପିସ୍ତଲ ରଖି ନିକଟସ୍ଥ ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲ ରାସ୍ତାକୁ ନେଇଥିଲେ। ସେଠାରେ ଥିବା ଦୁଇ ଗୋଟି ବାଇକ୍ ରେ ବସି ଦୁର୍ବୃତ୍ତମାନେ ଫେରାର ମାରିଥିଲେ।

# ଡାକରାବାଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବୁଗୁଡା ୨୬/୩(ନି.ପ୍ର): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଡାକରାବାଡି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ 'ଆମ ସଂସ୍କୃତି, ଆମ ଖେଳନା' କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ଗୌଡ଼ ଅଧକ୍ଷତା କରିଥଲେ। ମୋଟାବାଡି ପଞ୍ଚାୟତ ସରପଞ୍ଚ ପିଣ୍ଟୁ କୁମାର ସେଠୀ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ ଚନ୍ଦ୍ର ସେନାପତି ମୁଖ୍ୟ ବକ୍ତା, ସମିତି ସଭ୍ୟ ଶିବ ଶଙ୍କର ପ୍ରଧାନ, ରାମଣ୍ଡା କ୍ଲଷ୍ଟର ସିଆରସିସି ସୁଶାନ୍ତ କୁମାର ସେଠୀ, ମୋଟାବାଡି ହାଇ ସ୍କୁଲ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ତ୍ରିପାଠୀ, ବେତାରସିଂ ୟୁ ପି ସ୍କୁଲ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରା, ରାମଣ୍ଡା ୟୁ ପି ସ୍କୁଲ ପ୍ରଧାନ ଶିକ୍ଷକ କାଳୀ ଚରଣ ଆଚାର୍ଯ୍ୟ, ଅନ୍ତରପଡା ୟୁ ପି ସ୍କୁଲ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଜେନା, କୁଞ୍ଜବବ ସ୍କୁଲ ପ୍ରଧାନ ଶିକ୍ଷକ ରଘୁନାଥ ସେଠୀ, ବେଠିଆବୋରଦା ସ୍କୁଲ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ବିଶ୍ୱାଳ, ଧୋବା ସ୍ୱାଇଁ, ଜୟନ୍ତୀ ସ୍ୱାଇଁ ଓ ଅନିତା ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଭିଭାବକ ବୃନ୍ଦଙ୍କ ସହ ଗ୍ରାମବାସୀ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲକ୍ଷ। ଏହାପରେ ଆମ ସଂସ୍କୃତି ଆମ ଖେଳନା କର୍ମଶାଳାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ଖେଳନା ପଦର୍ଶିତ କରାଯାଇଥିଲା। ଶିକ୍ଷକ ମାନସ ରଞ୍ଜନ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଆଦିତ୍ୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସନ୍ତୋଷ କୁମାର ସ୍ୱାଇଁ, ଏବଂ ଶିକ୍ଷୟତ୍ରୀ ସଂଗୀତା କୁମାରୀ ମଲ୍ଲିକ ଓ ପ୍ରଜ୍ଞା ପରିମିତା ପ୍ରିୟଦର୍ଶୀନୀ କାର୍ଯ୍ୟକ୍ରମରେ ସହଯୋଗ କରିଥଲେ।

# ଅଖିଳ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଓ ଉତ୍ତରଦାୟାଦମାନଙ୍କର ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର, ୨୬/୩(ନି.ପ୍ର): ଓଡ଼ିଶା ରାଜ୍ୟ ସ୍କାଉଟ୍ ଗାଇଡ୍ କାର୍ଯ୍ୟାଳୟ ପରିସରରେ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନ ତରଫରୁ ୪ର୍ଥ ବାର୍ଷିକ ସମ୍ମିଳନୀ ସହିତ ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତିଚାରଣ ସମ୍ମିଳନୀ ତା।୨୩.୩.୨୦୨୫ରିଖ ଦିନ କରାଯାଇଅଛି। ଏହି ସମ୍ମିଳନୀକୁ ସ୍ୱାଧୀନତା ସଂଗ୍ରାମୀ ସମ୍ମାନ ଦିବସ ଭାବରେ ପାଳନ କରାଯାଇଅଛି। ଏହାକୁ ଶ୍ରଯୁକ୍ତ ବିମ୍ବାଧର ମୁଦୁଲି ଓଡ଼ିଶା ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ପ୍ରଦୀପ ଜାଳି ଉଦ୍‌ଘାଟନ କରିଥିବା ବେଳେ ସଂଗଠନର ସଭାପତି ଡଃ କାଳି ପ୍ରସାଦ ମିଶ୍ର ଉକ୍ତ ସଭାର ଅଧକ୍ଷତା କରି ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ପରେ ଶତାଧିକ ଦିବଂଗତ ସଂଗ୍ରାମୀଙ୍କ ଫଟୋଚିତ୍ରରେ ଉପସ୍ଥିତ ସଦସ୍ୟଗଣ ପୁଷ୍ପ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆଜିର ଦିବସକୁ 'ସଂଗ୍ରାମୀ ସମ୍ମାନ ଦିବସ' ଭାବରେ ପାଳନ କରି ସର୍ବଶ୍ରୀ ପ୍ରଶାନ୍ତ ଦାସ (ସଂଗ୍ରାମୀ ପରିଷଦ, କାଗଳପୁର), ପ୍ରମୋଦ ମଲ୍ଲିକ, ବିଧାନ ରାୟ, ଡ. ବିଶ୍ୱନାଥ ପଟ୍ଟନାୟକ, ଆଡ଼ଭୋକେଟ୍ ଶିବଶଙ୍କର ସେନାପତି, ବସନ୍ତ ଦାଶ, ଆଡ଼ଭୋକେଟ୍ କୁଞ୍ଜ ବିହାରୀ ପରିଡ଼ା, ଆଡ଼ଭୋକେଟ୍ ସଂଜୟ ଜେନା, ନିରଞ୍ଜନ ମେକାପ, ସଂଜୀବ ମହାପାତ୍ର (ସଂପାଦକ କୋଶଳ ଟାଇମସ୍), ସୁମିତ୍ରା ବେହୁରିଆ, ଅଭିରାମ ମଳିକ, ବିଜୟ କୁମାର ତ୍ରିପାଠୀ, ଶିବ ନାରାୟଣ ମିଶ୍ର, ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଏତଦ୍ ଭିନ୍ନ 'ଏକାମ୍ରକ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଶେଷରେ ୨୭ ଜଣ ସଂଗ୍ରାମୀଙ୍କ ଉତ୍ତର ଦାୟାଦମାନଙ୍କୁ ଶ୍ରୀଯୁକ୍ତ ଗୋଲକ ବିହାରୀ ସିଂ ଏବଂ ସୁବାଷ ଚନ୍ଦ୍ର ରଥ ମାନପତ୍ର ପ୍ରଦାନ କରିଥିବା ବେଳେ ସଂଗଠନର ସଭାପତି ଡ. କାଳି ପ୍ରସାଦ ମିଶ୍ର ସଭାର ଉପସ୍ଥିତ ସମସ୍ତ ସଦ୍ୟମାନଙ୍କୁ ଦିବଂଗତ ସଂଗ୍ରାମୀମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମ୍ମାନପତ୍ର ପ୍ରଦାନ କରିଥିଲେ।



ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନର ଦୀର୍ଘ ୩୦ ବର୍ଷର ଯାତ୍ରା ବିଷୟରେ ସଭାପତି ଶ୍ରୀଯୁକ୍ତ ମିଶ୍ର ସମ୍ୟକ ସୂଚନା ଦେଇଥିଲେ ଏବଂ ଏହି ସଂସ୍ଥାକୁ ସୁଚାରୁ ରୂପେ ପରିଚାଳନ କରିବା ପାଇଁ ମତ ଦେଇଥିଲେ। ସଂଗଠନର ୫ବର୍ଷ ପୂର୍ତ୍ତି ଅବସରରେ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ବୈଠକରେ ଡଃ. କାଳି ପ୍ରସାଦ ମିଶ୍ରଙ୍କୁ ପୁନର୍ବାର ରାଜ୍ୟ ସଭାପତି ଭାବେ ନିର୍ବାଚିତ କରାଯାଇଥିବା ବେଳେ ଉପସଭାପତି ଭାବେ ଶ୍ରୀ ଦିବାକର ପୃଷ୍ଟି, ଶ୍ରୀ ଶିବ ନାରାୟଣ ମିଶ୍ର, ସାଧାରଣ ସଂପାଦକ ଭାବେ ଶ୍ରୀ ବିଜୟ କୁମାର ତ୍ରିପାଠୀ ଏବଂ ନୂତନ ଭାବେ ଯୁଗ୍ମ ସଂପାଦକ ଶ୍ରୀ କୁଳମଣି ରାଉତ, ସାଂସ୍କୃତିକ ସଂପାଦକ ଶ୍ରୀ ତୁଷାରକାନ୍ତି ଘୋଷ, କୋଷାଧକ୍ଷ ଶ୍ରୀ ଶରତ ଚନ୍ଦ୍ର ପ୍ରଧାନ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟିକୁ ସଦସ୍ୟ ଭାବେ ସର୍ବଶ୍ରୀ ବୈକୁଣ୍ଠ ନାଥ ମହାପାତ୍ର, ଅକ୍ଷୟକୁମାର ରାଉତ, ଜ୍ଞାନେନ୍ଦ୍ର ତ୍ରିପାଠୀ, ପ୍ରମେଶ କୁମାର ମହାନ୍ତି, ବିଧାନଚନ୍ଦ୍ର ରାୟ, ଗୋପୀନାଥ ନାୟକ, ଅରୁଣକୁମାର ଜେନା (ବରି), ନୀଳମଣି ପ୍ରଧାନ, ଅଭିରାମ ମଳିକ, ପଦ୍ମନାଭ ଦାସ, ଆର୍ତ୍ତତ୍ରାଣ ସେନାପତି, ଜିତେନ୍ଦ୍ର କୁମାର ପ୍ରଧାନ, ଗୋପାଳଚନ୍ଦ୍ର ଖିଲାର, କମ୍ବୁପାଣି ନାୟକ, କିରଣବାଳା ଦାଶ, ରମେଶ ଚନ୍ଦ୍ର ଦାଶ, ବିକ୍ରମେନ୍ଦୁ ମହାପାତ୍ର ନିର୍ବାଚିତ ହୋଇଛନ୍ତି। ଶେଷରେ ତୁଷାରକାନ୍ତି ଘୋଷ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପି.ଏମ.ଆଇ.ଏସ. ସ୍କିମ ୨୦୨୫ ପାଇଁ ସଚେତନତା ରାଲି




ପୋଲସରା ୨୬/୩(ନି.ପ୍ର): ଗଞ୍ଜାମ ଜିଲ୍ଲାର ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ୩ଟି ୟୁନିଟ (ପୁରୁଷ, ମହିଳା ଓ ଉଭୟ) ପକ୍ଷରୁ ମିଳିତ ଭାବେ ପ୍ରଧାନ ମନ୍ତ୍ରୀ ଇର୍ଣ୍ଟର୍ଣସିପ ସ୍କିମ ୨୦୨୫ ଯୋଜନା ର ସୁଯୋଗ ନେବାପାଇଁ ଏକ ଜନସଚେତନତା ରାଲି ମାର୍ଚ୍ଚ ୨୪ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି। ରାଲିକୁ କଲେଜ ପ୍ରିନ୍ସପାଲ ରବୀନ୍ଦ୍ର ନାଥ ପାଳ ଶୁଭାରମ୍ଭ କରିଥିଲେ। ଜାତୀୟ ସେବା ଯୋଜନାର ଉଭୟ ୟୁନିଟ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଶେଖ ଫରିଦ୍ , ପୁରୁଷ ୟୁନିଟ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ପ୍ରକାଶ ଚନ୍ଦ୍ର ସାହୁ, ଏବଂ ମହିଳା ୟୁନିଟ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ବସନ୍ତ କୁମାର ପାଣି , ଏହି ତିନି ପ୍ରୋଗ୍ରାମ ଅଫିସରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏନଏସଏସ ସ୍ୱେଚ୍ଛାସେବୀ ବୃନ୍ଦ ଯୋଜନା ବିଷୟରେ ସ୍ଲୋଗାନ ଦେଇ ରାଲିରେ ଯାଇ ଜନସଚେତନତା ସୃଷ୍ଟି କରିଥିଲେ। ପିଏମଆଇଏସ ସ୍କିମ ୨୦୨୫ ପାଇଁ ପଞ୍ଜିକରଣ କରିବାର ଶେଷ ତାରିଖ ମାର୍ଚ୍ଚ ୩୧ ତାରିଖ ଥିବା ବେଳେ ଯୁବ ସମାଜ ଆଗେଇ ଆସି ସୁଯୋଗ ହାତଛଡା ନକରିବା ପାଇଁ ସଚେତନ କରାଇଥିଲେ। ଏହି ଯୋଜନାରେ ସରକାରୀ ଷ୍ଟାଇପେଣ୍ଡରେ ଯୁବ ବ୍ୟକ୍ତି ବୃନ୍ଦ ୫୦୦ କମ୍ପାନୀରେ କାର୍ଯ୍ୟକରି ଅନୁଭୂତି ସମ୍ପର୍ଣ୍ଣ ହୋଇ ଆତ୍ମନିର୍ଭରଶୀଳ ହୋଇପାରିବେ।

# ଝରୀଗାଁ ବ୍ଲକ କୁଟ୍ରିଛାପର ପଞ୍ଚାୟତ ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମହାଦୁର୍ନୀତି




ନବରଙ୍ଗପୁର ୨୬/୩(ନି.ପ୍ର): ଝରିଗାଁ ବ୍ଲକ କୁଟ୍ରିଛାପର ପଞ୍ଚାୟତ ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମହା ଦୁର୍ନୀତି ହୋଇଛି। ସରକାରୀ ବାବୁ ମାନେ କିଭଳି ଜିଓ ଟେକ କରି ପଇସା ଗାୟବ କରିଛନ୍ତି ତାହାର ସମ୍ପୂର୍ଣ୍ଣ ତଥ୍ୟ ସାମ୍ନା କୁ ଆସିଛି। ହିତାଧିକାରୀ ମାନେ ହେଲେ କୁଟ୍ରିଛାପର ପଞ୍ଚାୟତର ମାଣିକ ଗୁଡା, କୁଟୀଧରା ଏବଂ ବନିଆଦିଗୀ ଗ୍ରାମର ସୁମିତ୍ରା ସନ୍ତା, ଚୈତନ ଗୌଡ଼ ଏବଂ ଗୋପୀ ସନ୍ତା।ହିତାଧିକାରୀ ମାନେ ଜିଲ୍ଲାପାଳଙ୍କୁ ଦେଇଥିବା ଲିଖିତ ଅଭିଯୋଗ ପ୍ରକାରେ କୁଟ୍ରିଛାପର ପଞ୍ଚାୟତର ବର୍ତ୍ତମାନ ର ଏଜଝ ସାଇଲ୍ୱାଲା ଏବଂ ପୂର୍ବତନ ଏଜଝ ମହୋନ ମେଲକା ଦୁଇଜଣ ମିସି ଅନ୍ୟମାନଙ୍କ ନାମ ଲଗାଇ ଟଙ୍କା ଉଠାଇ ଥିବା ସୂଚନା ଅଛି।ସୂଚନା ପ୍ରକାରେ ଙଜ-୧୫୪୦୨୧୪୨୯ ଆଇଡି ରେ କ୍ୱଷ୍ଣ - ୧୯୨୮୭.୧ ଟଙ୍କା ଙଜ-୧୫୪୦୨୧୪୨୯ ଆଇଡି ରେ କ୍ୱଷ୍ଣ - ୧୯୨୮୭.୧ଟଙ୍କା ଏବଂ ଙଜ-୧୫୪୪୧୧୬୯୯ ଆଇଡି ରେ କ୍ୱଷ୍ଣ :-୧୬୧୧୬.୧ଟଙ୍କା ମୋଟ ୫୫,୬୯୦ଟଙ୍କା ଉଠାଇଛନ୍ତି ବିଲି ବିଶେଷ ସୂତ୍ରରୁ ଜଣାପଡିଛି। ଏହି ବିଷୟରେ ଆଜି କୁ ପ୍ରାୟ ୮ ମାସ ହେବ ହିତାଦିକାରୀ ମାନେ ସ୍ଥାନୀୟ ବିଡ଼ିଓ, ପଞ୍ଚାୟତ ର ପିଇଅ ଙ୍କୁ ଲିଖୀତ ଭାବରେ ଜଣାଇଥଲେ କିନ୍ତୁ ହତାଶ ହୋଇ ଶେଷରେ ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ କୁ ଯାଇ ଅଭିଯୋଗ କରିଥିଲେ ଏବଂ ସୋମବାର ଦିନ ଝରିଗାଁ ବ୍ଲକ ରେ ଜିଲ୍ଲାପାଳଙ୍କ ଜୋନ ଶୁଣାଣି ଚାଲିଥିବା ସମୟରେ ମଧ୍ୟ ଲିଖିତ ଭାବରେ ପାତ୍ର ଦେଇଛନ୍ତି ।ଖାଲି ଏହି ୩ଜଣ ହିତାଧିକାରୀ ଙ୍କ ପଇସା ଆତ୍ମହତ୍ୟା କରିନାହାନ୍ତି ସରକାରି ବାବୁମାନେ ତଦନ୍ତ ହେଲେ ଏଭଳି ଆଉ ଅନେକ ଘଟଣା ସାମନାକୁ ଆସିବ। ବର୍ତ୍ତମାନ ଦେଖିବାକୁ ବାକି ରହିଲା ଜିଲ୍ଲା ପ୍ରଶାସନ କିଭଳି ପଦକ୍ଷେପ ନେବ ଏବଂ ନିରୀହ ହୁତାଧିକାରୀ ମାନେ ପ୍ରଧାନମନ୍ତ୍ରୀ ଅବସ୍ଥା ଯୋଜନା ରେ ଲାଭବାନ ହୋଇ ପାରିବେ।

# ପଙ୍କଲସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବୁଗୁଡା ୨୬/୩(ନି.ପ୍ର): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ପଙ୍କଲସାହି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ 'ଆମ ସଂସ୍କୃତି, ଆମ ଖେଳନା' କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୃନ୍ଦାବନ ସ୍ୱାଇଁ ଅଧକ୍ଷତା କରିଥଲେ। ବିରଞ୍ଚିପୁର ସେବା ସମବାୟ ସମିତି ସମ୍ପାଦକ ଜଟେଶ୍ୱର ନାୟକ ମୁଖ୍ୟ ଅତିଥି, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମନୋରଞ୍ଜନ ଦାସ ମୁଖ୍ୟ ବକ୍ତା ଏବଂ ଆଡଭୋକେଟ ସୀମାଞ୍ଚଳ ନନ୍ଦ ଓ ସିଆରସିସି ଦେବଦତ୍ତ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ଲଷ୍ଟର ଅନ୍ତର୍ଗତ ଅନ୍ୟ ସ୍କୁଲର ପ୍ରଧାନ ଶିକ୍ଷକ ବୃନ୍ଦ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ଅଭିବାବକ ବୃନ୍ଦଙ୍କ ସହ ଗ୍ରାମବାସୀ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲକ୍ଷ। ଏହାପରେ ଆମ ସଂସ୍କୃତି ଆମ ଖେଳନା କର୍ମଶାଳାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ଖେଳନା ପଦର୍ଶିତ କରାଯାଇଥିଲା। ଦୁଇ ଛାତ୍ରୀ ଖୁସି ଦଳେଇ ଓ ଶ୍ରଦ୍ଧାଞ୍ଜଳି ଦାସ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଶିକ୍ଷୟିତ୍ରୀ ପ୍ରିୟଦର୍ଶୀନି ଖଡଙ୍ଗା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ନିକୁଞ୍ଜ ମୋହନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଓ ଶିକ୍ଷୟିତ୍ରୀ ଦେବରାଜ ପ୍ରଧାନ, ସତୀକାନ୍ତ ପ୍ରଧାନ ଓ ଶୁଭସ୍ମିତା ଡାକୁଆ କାର୍ଯ୍ୟକ୍ରମରେ ସହଯୋଗ କରିଥଲେ।

# ଜି ଆଇ ଇ ଟି ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର ଗ୍ରୀଷ୍ମ ସ୍ୱତନ୍ତ୍ର ସେବା ଶିବିର



ଗୁଣୁପୁର ୨୬/୩(ନି.ପ୍ର): ଗତ ସାତ ଦିନ ଧରି ଚାଲିଥିବା ଜାତୀୟ ସେବା ଯୋଜନାର ଗ୍ରୀଷ୍ମ ସ୍ୱତନ୍ତ୍ର ଶିବିର ଆଜି ଉଦଯାପିତ ହୋଇଯାଇଛି । ସ୍ଥାନୀୟ ଜି ଆଇ ଇ ଟି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର ପୃଥକ ଭାବେ ଆୟୋଜିତ ହୋଇଥିବା ଦୁଇଟି ଯଥା ୟୁନିଟ୍ ୧ (ପୁରୁଷ) ପୋଷ୍ୟ ଗ୍ରାମ ରେଗଡ଼ା ପଞ୍ଚାୟତ ରେଗଡ଼ା ଗ୍ରାମ ଏବଂ ୟୁନିଟ୍ ୨ (ମହିଳା) ପୋଷ୍ୟ ଗ୍ରାମ ନରସିଂହମୁଣ୍ଡା ଗ୍ରାମରେ ଗ୍ରୀଷ୍ମ ସ୍ୱତନ୍ତ୍ର ସେବା ଶିବିର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶ୍ୱ ବିଦ୍ୟାଳୟର ମହାନିର୍ଦ୍ଦେଶକ ଡ଼ଃ ଜଗଦୀଶ ପଣ୍ଡା ଯୋଗ ଦେଇ ସ୍ୱେଚ୍ଛାସେବୀ ମାନଙ୍କ ଏହିଭଳି ମହତ ଉଦ୍ଦେଶ୍ୟ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ଗତ ସାତ ଦିନ ଧରି ଚାଲିଥିବା ଏହି ଶିବିରର ଅନୁଭୁତି ନିଜ ଭବିଷ୍ୟତ କାର୍ଯ୍ୟପନ୍ଥାକୁ ଆଗେଇ ନେବ ବୋଲି ମତ ବ୍ୟକ୍ତ କରିଥଲେ । ସମ୍ମାନୀୟ ଅତିଥି ଭାବେ କୃଷି ମହାବିଦ୍ୟାଳୟର ଡିନ ଭି ଏସ୍ ଦେବଦାସ ଏବଂ ସହକାରୀ ଡିନ ଅଶୋକ କୁମାର ମିଶ୍ର ଯୋଗ ଦେଇ ସେବା ଯୋଜନାର ମୁଖ୍ୟ ଲକ୍ଷ୍ୟ ଓ ଛାତ୍ରଛାତ୍ରୀ ମାନଙ୍କ ଭୂମିକା ବିଷୟରେ କହିଥିଲେ । ୟୁନିଟ ୧ର କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ବାଣୀ ପ୍ରସାଦ ନାୟକ ସ୍ୱାଗତ ଭାଷଣ ଦେବା ସହ ସାତ ଦିନରେ ହୋଇଥିବା କାର୍ଯକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ । ପରିଶେଷରେ ୟୁନିଟ୍ ୨(ମହିଳା) ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ଘନିଷ୍ଠା ପୃଷ୍ଟି ଧନ୍ୟବାଦ୍ ଅର୍ପଣ କରିଥିଲେ । ଏଥିରେ ଅଧ୍ୟାପକ ଡ଼ଃ ପ୍ରେମାନସୁ ଶେଖର ରଥ, ପ୍ରମୋଦ ରଞ୍ଜନ ପଣ୍ଡା, ଗୋପାଳ କୃଷ୍ଣ ମହନ୍ତ, ନିତିଶ କୁମାର, ଧୂମେଶ ମେହେର, କ୍ରୀଡା ଅଧିକାରୀ ରବୀନ୍ଦ୍ର କୁମାର୍ ପଣ୍ଡା, ଅଧ୍ୟାପିକା ପ୍ରିୟଙ୍କା ପାତ୍ର, ସୁଚରିତା କୃପାଳିନି, ନିର୍ମଳା ପଟେଲ, ଜୟନ୍ତୀ ଡାଙ୍ଗ , ନିହାରକା ପଟେଲ, ସିପ୍ରା ମଣ୍ଡଳ, ରେଣୁକା ଶବର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତ୍ୟେକ ଶିବିରରେ ୫୦ ଜଣ ସ୍ୱେଚ୍ଛାସେବୀ ଭାଗ ନେଉଥିବା ବେଳେ ସମସ୍ତ ସ୍ୱେଚ୍ଛାସେବୀ ମାନଙ୍କୁ ମାନପତ୍ର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।

# ଜନ କଲ୍ୟାଣ ପ୍ରୋଜେକ୍ଟ ତରଫରୁ ବିଭିନ୍ନ ପନିପରିବା ଚାଷ କ୍ଷେତ୍ର ପରିଦର୍ଶନ

ବାଲିଗୁଡା ୨୬/୩(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ. ନୂଆଗାଁ ବ୍ଲକର ଡେଡ଼ିମାହା, ବେହାବାଡ଼ି, ଗସୁକିଆ ଗ୍ରାମରେ ହୋଇଥିବା ବିଭିନ୍ନ ପନିପରିବା ଚାଷ କ୍ଷେତ୍ରକୁ ଜନ କଲ୍ୟାଣ ସିଏଫସିଡି ପ୍ରୋଜେକ୍ଟ କଳାହାଣ୍ଡି ତରଫରୁ ମିଶନ ଶକ୍ତିର ଅଲିଭା କେରକେଟା, ପ୍ରଦାନ ସଂସ୍ଥାର ଏରିଆ କୋ-ଅଡିନେଟର ତେଜସ୍ୱିନୀ ନାୟକ, ଯୋସେଫ ନାୟକ ଙ୍କ ସମେତ କଳାହାଣ୍ଡି ଜିଲ୍ଲାର ୨୬ ଜଣ ଓ କନ୍ଧମାଳ ଜିଲ୍ଲାର ୧୯ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଉକ୍ତ ଗ୍ରାମର କଲମି ବାଇଗଣ, ଟମାଟ, ବାଇଗଣ ମଟର ଚଣା, ବନ୍ଧାକୋବି, କଲରା, ଶାଗ ସମେତ ବିଭିନ୍ନ ମିଶ୍ରିତ ଚାଷ, ସଲାର ବାଡ଼, ସଲାର ରିଷ୍ଟ ଏବଂ ଟ୍ରେଲିସ ମାଧ୍ୟମରେ ସୁତା ଟାଣି କିପରି ଲତା ଜାତୀୟ ଫସଲ କରି ଅଧିକରୁ ଅଧିକ ଅମଳ କରି ରୋଜଗାର କ୍ଷମ ହୋଇପାରିବେ ପରିଦର୍ଶନ ସମୟରେ ଉପସ୍ଥିତ ଚାଷୀ ମାନଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ।

# ମା' ଦଣ୍ଡକାଳୀଙ୍କ ପ୍ରସିଦ୍ଧ ୨୧ ଦିନିଆ ଦଣ୍ଡଯାତ୍ରା ଆରମ୍ଭ: କଳାରୁଦ୍ରମଣିଙ୍କୁ ଭଜହେ ଧ୍ୱନିରେ ପ୍ରକମ୍ପିତ ହେଲା ପରିବେଶ

ଛତ୍ରପୁର ୨୬/୩(ନି.ପ୍ର): ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଗଣପର୍ବ ମା' ଦଣ୍ଡକାଳୀଙ୍କ ୨୧ ଦିନିଆ ଦଣ୍ଡଯାତ୍ରା ଆରମ୍ଭ ହୋଇଛି। ଏଥିଲାଗି ଛତ୍ରପୁର ସହରଓ ଆଖ /ପାଖ ଗ୍ରାମ ସମେତ ସମଗ୍ର ଗଞ୍ଜାମ ଜିଲାରେ ଆଧାତ୍ମିକ ପରିବେଶ ସୃଷ୍ଟି ହେବାସହ ଢୋଲ, ଘଣ୍ଟ, ଝାଞ୍ଜ ସାଙ୍ଗକୁ କଳାରୁଦ୍ରମଣିଙ୍କୁ ଭଜହେ ଧ୍ୱନିରେ ସମଗ୍ର ଗାଁଠୁ ସହର ପ୍ରକମ୍ପିତ ହେଉଛି। ସଭିଙ୍କ ଘର ଆଗରେ ପୂର୍ଣ୍ଣ କୁମ୍ଭ ରଖି ମା ଙ୍କ ଶରଣପଶିଛନ୍ତି ଭକ୍ତ । କେବଳ ଏହି ଦଣ୍ଡ ଯାତ୍ରାରେ ହିଁ ଶିବ ଓ କାଳୀଙ୍କୁ ଏକତ୍ର ପୂଜା କରାଯାଇଥାଏ। ଏହି ବ୍ରତ ପାଳନର ବିଶେଷ ମହତ୍ୱ ରହିଥିବା ବେଳେ ଏହାକୁ ପାଳନ କରିବାରେ ଅନେକ କଷ୍ଟ କରିବାକୁ ପଡ଼ିଥାଏ। ଏହି ବ୍ରତ ପାଳିବା ଦ୍ୱାରା ଅସମ୍ଭବ କାର୍ଯ୍ୟ ସମ୍ଭବ ହୋଇଥାଏ ବୋଲି ଲୋକଙ୍କ ମଧ୍ୟରେ ଅଗାଧ ବିଶ୍ୱାସ ରହିଛି। ଏହି ବିଶ୍ୱାସକୁ ନେଇ ଭକ୍ତମାନେ ଯେତେ କଷ୍ଟହେଲେବି ବ୍ରତକୁ ପାଳନ କରୁଛନ୍ତି। ଶହଶହ ସଂଖ୍ୟାରେ ମାନସିକଧାରୀମାନେ ଭକ୍ତି ସହକାରେ ସାମିଲ ହୋଇଛନ୍ତି। ଏମାନେ ଦୀର୍ଘ ୨୧ ଦିନ କାଳ ଶିବ କାଳୀଙ୍କୁ ସଙ୍ଗରେ ଧରି ସମଗ୍ର ଗଞ୍ଜାମ ଜିଲାର ବିଭିନ୍ନ ଗ୍ରାମକୁ ଖାଲି ପାଦରେ ଚାଲିଚାଲି ଯାଇ ମାନସିକଧାରୀ ନୃତ୍ୟ କରିଥାନ୍ତି। ମଧ୍ୟାହ୍ନରେ ଟାଣ ଖରାରେ ଧୂଳି ଦଣ୍ଡ, ଅପରାହ୍ନରେ ନଦୀ କିମ୍ବା ପୋଖରୀରେ ଜଳଦଣ୍ଡ, ଅର୍ଦ୍ଧରାତ୍ରରେ ଅଗ୍ନିଦଣ୍ଡକୁ ପରିବେଷଣ କରିବାରେ ଲାଗିଛନ୍ତି। ଏହା ସହ ଭକ୍ତମାନେ ଆମ୍ବ ପତ୍ରରେ ଦାନ୍ତ ଶୋଧିତ କରି, ଖୋଲା ଆକାଶ ତଳେ ଖରାରେ ବର୍ଷାରେ ନିଘାଞ୍ଚନ ସ୍ଥାନରେ ରହିବା ସହ ଦିନକୁ ଗୋଟିଥର ନିଶବ୍ଦ ରାତ୍ରରେ ଅକଟା ଅବଟା, ଅଫୁଟା ଖାଦ୍ୟ ଖାଇବେ। ଏନେଇ ଛତ୍ରପୁର ବ୍ଲକ ଅନ୍ତର୍ଗତ ଲଣ୍ଡାବାଉଁଶ ଗାଁ ସମେତ ତୁଡୁକପଲ୍ଲୀ, ହୁମ୍ପର, କମାପଲ୍ଲୀ, କେରାଣ୍ଡି ତୋଳା ନାରାୟଣପୁର ନନ୍ଦ ପଣ୍ଡା ପଲ୍ଲୀ, ବିପୁଲିଙ୍ଗୀ, ସୀତା ନଗର ଓ କୁଆଁପଲ୍ଲୀ ଆଦି ଗ୍ରାମରେ ମା ଦଣ୍ଡକାଳୀ ଙ୍କ ପୂଜା ଏହାସହ ଜନସାଧାରଣଙ୍କ ମନୋରଞ୍ଜନ ଲାଗି ସାମାଜିକ ନାଟକମାନ ପରିବେଶଣ କରାଯିବ। ପୂର୍ବତନ ସମିତି ସଭ୍ୟ ମଥୁରା ଚରଣ ସୁବୁଦ୍ଧି ସବୁ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଲଣ୍ଡାବାଉଁଶ ଗାଁ ଦଣ୍ଡକାଳୀ ଯାତ୍ରା କମିଟି ର ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି, ଆସନ୍ତା ମେଷସଂକ୍ରାନ୍ତି ବା ପଣା ସଂକ୍ରାନ୍ତିରେ ଉଦ୍‌ଯାପିତ ହେବ।



## ଅତିଲୋଭରୁ ନାମନେଲେ ଜଟଣୀ ପୌରାଧିକାରୀ

ଜଟଣୀ ୨୬/୩(ନି.ପ୍ର): ଜଟଣୀ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଢୀଯୋଷୀ ଙ୍କ ସମ୍ପତ୍ତିଉପରେ ଭିଜିଲାନ୍ସ ଚଢାଉକରିଛି । ଭିଜିଲାନ୍ସ ଚଢାଉବେଳେ ଏଗାରଟି ଜାଗା ଓ ବଡବଡ କୋଠା ଠାବ କରିଛି । ଏହାସହ ନଗଦ ସତରଲକ୍ଷିଟଙ୍କା ଜବତକରାଯାଇଛି । ବଡବାବୁଙ୍କର ଭୁବନେଶ୍ୱର ଜାଗମରା,ଖାରବେଳ ନଗରରେ କୋଠାଥିବା ବେଳେ ଡେଲଟା ଛକରେ ନିଜ ପତ୍ନୀଙ୍କ ନାମରେ ଫ୍ଲାଟ କିଣିଛନ୍ତି ପାଢୀଯୋଷି ବାବୁ ।ଏଥିପାଇଁ ଛପନଲକ୍ଷରୁ ଅଧିକ ଟଙ୍କା ଆଡଭାନ୍ସ ଦେଇଛନ୍ତି । ବ୍ରହ୍ମପୁର ଆଙ୍କୁଲାରେ ଚାରିମହଲା କୋଠା ଓ ପନକଲାପଲୀରେ ଦୁଇମହଲା କୋଠାରହିଛି । ସେହିପରି ଜଟଣୀ ,ଭୁବନେଶ୍ୱର,ବ୍ରହ୍ମପୁର ଓ ଗଞ୍ଜାମରେ ବିଭିନ୍ନସ୍ଥାନରେ ଏଗାରଟି ଦାମିପ୍ଲଟ ଥିବା ଠାବକରିଛି ଭିଜିଲାନ୍ସ ।ଆୟବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର ସକାଳୁ ସୂର୍ଯ୍ୟମଣିଙ୍କ ନିଜସ୍ୱବାସଭବନ ଓ ସମ୍ପର୍କୀୟ ଘରସମେତ ଜଟଣୀ ପୌରପରିଷଦ କାର୍ଯ୍ୟାଳୟରେ ଚଢାଉକରିଛି ଭିଜିଲାନ୍ସର ୯ଟି ଟିମ୍ ।ବ୍ରହ୍ମପୁର ସହରର ଗୋବିନ୍ଦନଗର ଠାରେ ଥିବାନିଜଘର ଓ ନିର୍ମାଣାଧୀନ କୋଠା ଲାଞ୍ଜିପଲୀରେ ସୂର୍ଯ୍ୟବାବୁଙ୍କ ଶଳାଙ୍କ ଘର ମଧ୍ୟଚଢାଉକରାଯାଇଛି । ତଦନ୍ତ ପରେ କଣ ପଦକ୍ଷେପ ନିଆଯାଉଛି ଦେଖିବାକୁ ବାକିରହିଛି ।

## ପଞ୍ଚ ଦେବୀଙ୍କ ନିକଟରେ ମୁଆଁ ପଣା ପୂଜାର୍ଚ୍ଚନା



ବେଲଗୁଣ୍ଠ ୨୬/୩(ନି.ପ୍ର): ଓଡ଼ିଶାରେ ବାର ମାସରେ ତେର ପର୍ବ ଅନୁଷ୍ଠିତ ହୁଏ ଓ ପ୍ରାଚୀନ କାଳରୁ ଓଡ଼ିଶାରେ ଚୈତ୍ର ମଙ୍ଗଳବାରରେ ଦେବୀ ପୂଜାର ପ୍ରଥା ପରମ୍ପରା ଚଳି ଆସିଛି ଓ ଲୋକଙ୍କ ବିଶ୍ୱାସ ରହିଛି ଚୈତ୍ର ମାସ ମଙ୍ଗଳବାରେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ବିଶେଷ କରି ଗ୍ରାମଦେବତୀ ଏବଂ ଠାକୁରାଣୀଙ୍କୁ ମୁଆଁ, ପଣା, ଧୂପ, ଝୁଣା ଦେଇ ପୂଜାର୍ଚ୍ଚନା କଲେ ଗ୍ରାମରୁ ମହାମାରୀ ଦୂରେଇ ଯିବା ସହିତ ଅନ୍ୟାନ୍ୟ ବିପଦ ମଧ ଟଳି ଯାଇଥାଏ ଓ ଏହି ବିଶ୍ୱାସକୁ ପାଥେୟ କରି ଆଜି ଚୈତ୍ର ଦ୍ୱିତୀୟ ପାଳି ମଙ୍ଗଳବାର ଅବସରରେ ବେଲଗୁଣ୍ଠା ଜଗନ୍ନାଥପାଟଣା ସାହି ତରଫରୁ ପଞ୍ଚ ଦେବୀଙ୍କ ନିକଟରେ ମୁଆଁ ପଣା ପୂଜାର୍ଚ୍ଚନା ହୋଇଛି । ଏହି ପରିପ୍ରେକ୍ଷୀରେ ଆଜି ସାହି ତରଫରୁ ମାଆ ବ୍ରାହ୍ମଣଦେବୀ,ଗ୍ରାମଦେବତୀ, ମାଆ ଝିକର ଦେବୀ, ମାଆ ରୁଦ୍ରକାଳୀ ଏବଂ ମାଆ ଶ୍ୟାମାକାଳୀଙ୍କ ନିକଟରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି ଓ ଏହି ଅବସରରେ ଏକ ବିରାଟ ପଟୁଆରରେ ସାହି ପରିକ୍ରମା କରାଯାଇ ସାହି ତରଫରୁ ଦେବୀ ପୀଠ ଗୁଡ଼ିକୁ ପୂଜା ସାମଗ୍ରୀ ନିଆଯାଇଥିଲା ଓ ପାରମ୍ପରିକ ବାଦ୍ୟ ଏବଂ ହୁଳହୁଳିରେ ସାହି ପ୍ରକମ୍ପିତ ହୋଇଥିଲା ଓ ପୂଜାର୍ଚ୍ଚନା ଶେଷରେ ସାହିରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ସାହିରେ ଭାଇ ଚାରା ସୃଷ୍ଟି କରିବା ସହିତ ଲୋକଙ୍କ ଧର୍ମୀୟ ବିଶ୍ୱାସକୁ ଦୃଢୀଭୂତ କରିଥାଏ ବୋଲି ସାହିର ମୁରବୀମାନେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ସାହିର ପ୍ରତ୍ୟେକ ପରିବାରର ଲୋକେ ଅଂଶଗ୍ରହଣ କରିବା ସହିତ ସହଯୋଗ କରିଥିଲେ।

## ବିଜ୍ଞାନ ଶିକ୍ଷୟିତ୍ରୀଙ୍କ ଅକାଳ ବିୟୋଗରେ ଶୋକସଭା

ବେଲଗୁଣ୍ଠା ୨୬/୩(ନି.ପ୍ର): ବେଲଗୁଣ୍ଠା ସ୍ଥିତ ନୋଡାଲ ଜି ଟି ହାଇସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ନିବେଦିତା ପାଲକ୍ ଙ୍କର ଅକାଳ ବିୟୋଗରେ ବିଦ୍ୟାଳୟରେ ଶୋକସଭା ପାଳନ ହୋଇଯାଇଛି । ଏହି ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ମହାରଣା ,ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମନୋଜ ପଟ୍ଟନାୟକ ,ବିଦ୍ୟାଳ ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ , ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ଓ ସଭ୍ୟ ସଭ୍ୟା ଏବଂ ଛାତ୍ରଛାତ୍ରୀମାନେ ସ୍ୱର୍ଗତ ପାଲକ୍ ଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଅମର ଆତ୍ମାର ସଦଗତି ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ସମସ୍ତଙ୍କୁ ବହୁତ୍ ଭଲ ପାଉଥିବା ସ୍ୱର୍ଗତ ପାଲକ୍ ଙ୍କ ର ଏହି ବିଦ୍ୟାଳୟ ପ୍ରତି ଥିବା ଅବଦାନ ଗୁଡ଼ିକ ବିଷୟରେ ଆଲୋଚନା କରିବା ସହିତ କର୍ମକ୍ଷେତ୍ରରେ ଥିବା ସମର୍ପଣ ଭାବନା ବିଷୟରେ ସିଆରସିସି ମନୋଜ ପଟ୍ଟନାୟକ ଆଲୋକପାତ କରିଥିଲେ। ଦୀର୍ଘ ୧୯ ବର୍ଷ ଧରି ଏହି ବିଦ୍ୟାଳୟରେ ଶିକ୍ଷାଦାନ କରିବା ସହିତ ବହୁତ ଛାତ୍ରଛାତ୍ରୀଙ୍କର ଉନ୍ନତ ଭବିଷ୍ୟତ ଗଢିବାରେ ସହାୟକ ହୋଇଥିଲେ । ପିଲାମାନଙ୍କର ପାଠପଢା ଠିକ୍ ରେ ହେବା ସହିତ ବିଜ୍ଞାନ ପ୍ରାକ୍ଟିକାଲ୍ କ୍ଲାସ ମାଧ୍ୟମରେ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କ୍ଷେତ୍ରରେ ସେ ସବୁବେଳେ ଆଗୁଆ ଥିଲେ ।ପିଲାମାନଙ୍କୁ ସବୁବେଳେ ନୀତିଶିକ୍ଷା ସହିତ ସାଧାରଣ ଜ୍ଞାନ ଏବଂ କୁଇଜ୍ କାର୍ଯ୍ୟକ୍ରମରେ ଯୋଡ଼ି ରଖିବାରେ ତାଙ୍କର ଭୂମିକା ଥିଲା ଅନନ୍ୟ।ନିଜର ଉତ୍ତମ ପରିଚାଳନା କୌଶଳ ମାଧ୍ୟମ ରେ ବ୍ଲକ ସ୍ତରରେ ସେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବା ସହିତ ନିଜର ଉଦାର ଓ ମେଳାପି ମନୋଭାବ ପାଇଁ ସେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ । ଉପସ୍ଥିତ ସମସ୍ତ କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଅଶ୍ରୁଳ ନୟନରେ ଏହି ସଭାରେ ଯୋଗଦେବା ସହିତ ସ୍ୱର୍ଗତ ପାଲକ୍ ଙ୍କର ସ୍ମୃତି ଚାରଣ କରିଥିଲେ । ତାଙ୍କର ବିଭିନ୍ନ ମାନବୀୟ ମହାନ୍ ଗୁଣ ଗୁଡ଼ିକୁ ନିଜର ଦୀନଚର୍ଯ୍ୟାରେ ଅନୁସରଣ କରିପାରିଲେ , ସେ ଆମ ପାଖରେ ଅମର ହୋଇ ରହିପାରିବେ ବୋଲି ପ୍ରଧାନ ଶିକ୍ଷୟତ୍ରୀ ନିଜର ଅଭିଭାଷଣ ରେ ପରିପ୍ରକାଶ କରିଥିଲେ ।

## ଉତ୍କଳମଣି ଗୋପବନ୍ଧୁ ସ୍ମୃତି ସମ୍ମାନରେ ସମ୍ମାନୀତ ହେଲେ ପ୍ରଶାନ୍ତ



କଣାସ ୨୬/୩(ନି.ପ୍ର): ପୁରୀ ଜିଲ୍ଲା ସତ୍ୟବାଦୀ ବକୁଳବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବେକ୍ତିତ୍ୱଙ୍କୁ ସମ୍ମାନୀତ କରାଯାଇଥିଲା ।ଏହି ପରିପ୍ରେକ୍ଷୀରେ କଣାସ ଗ୍ରାମର ବିଶିଷ୍ଟ ସମାଜସେବୀ ପ୍ରଶାନ୍ତ କୁମାର ବୈରିଶଳଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍କଳମଣି ଗିପୁବନ୍ଧୁ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି ।ଶ୍ରୀ ବୈରିଶଳ ଅସହାୟ,ଗରିବ,ନିଶ୍ୱ ବ୍ୟକ୍ତିଙ୍କ ଶରୀର ଅସୁସ୍ଥ ସମୟରେ ନିକଟରେ ପହଞ୍ଚି ସ୍ୱାସ୍ଥ୍ୟ ସେବା ଯୋଗାଇବା ସହିତ ଭୁବନେଶ୍ୱର ଏମ୍ସ ସରକାରୀ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ନେଇଥାନ୍ତି ।୨୦୧୪ ମସିହାରୁ କ୍ୟାନସର,ହାର୍ଟ,ବ୍ରେନ୍ ଟ୍ୟୁମର,ନିରୋଲୋଜି ଓ ସର୍ଜରୀ ପ୍ରଭୃତି ଅନେକ ଦୁରାରୋଗରେ ପୀଡ଼ିତ ଅସହାୟ ରୋଗୀଙ୍କୁ ଆଜି ପର୍ଯ୍ୟନ୍ତ ସହାୟତାର ହାତ ବଢ଼ାଇ ଆସୁଛନ୍ତି ।ତାଙ୍କର ଏଭଳି ନିରବିଛିନ୍ନ ରୋଗୀସେବା ପାଇଁ ବିଭିନ୍ନ କ୍ଷେତ୍ରରେ ସମ୍ମାନୀତ ହୋଇ କଣାସ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି ।ଏହି ବକୁଳବନ ମହୋତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ସାଂସଦ କବି ପ୍ରସନ ପାଟଶାଣୀ,ପ୍ରତିଷ୍ଠାତା ସଚ୍ଚିକାନ୍ତ ବିଶ୍ୱାଳ,ସଭାପତି ସାଧୁ ଚରଣ ବେହେରା ,ଉପାଦକ୍ଷା ବିଷ୍ଣୁ ପ୍ରିୟା ବରାଳ,ଶିକ୍ଷାବିତ୍ ଡମ୍ବୁରଧର ପାଲଟାସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

# ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର




ହିନ୍ଦୋଳ ୨୬/୩(ନି.ପ୍ର): 'ରକ୍ତଦାନ ମହାପୁର୍ଣ୍ୟ' ସ୍ୱରୂପ ଦୈବୀବାଣୀକୁ ଆଜି କାର୍ଯ୍ୟରେ ପରିଣତ କରି ଦେଖାଇଛନ୍ତି ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟ କର୍ତ୍ତୃପକ୍ଷ। ଆଜି ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଉପଖଣ୍ଡ ଚିକିତ୍ସାଳୟରେ ଅନୁଷ୍ଠିତ ହୋଇଯାଇଥିଲା, ଏଥିରେ ମୁଖ୍ୟଅତିଥି ଭାବରେ ହିନ୍ଦୋଳ ଉପଜିଲ୍ଲାପାଳ ସୁକାନ୍ତ ବେଉରା ଯୋଗଦେଇ ଉଦଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବରେ ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକାରୀ ସୁଧାଂଶୁ ମିଶ୍ର, ଏନଏସି ଅଧକ୍ଷ କେଶବ ପ୍ରଧାନ ଯୋଗଦେଇଥିଲେ। ଏହି ରକ୍ତଦାନ ଶିବିରରେ ମୁଖ୍ୟ ବିଷୟ ଥିଲା ସାଧାରଣ ଜନତାଙ୍କ ବ୍ୟତୀତ ଚିକିତ୍ସାଳୟ କର୍ମଚାରୀ, ଏନଏସି, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ପୋଲିସ କର୍ମଚାରୀ, ସାମ୍ବାଦିକ,ସ୍ୱେଚ୍ଛାସେବୀ,ବୁଦ୍ଧିଜୀବୀଙ୍କ ସମେତ ବହୁ ସରକାରୀ କର୍ମଚାରୀ, ଯୁବଗୋଷ୍ଠୀ ରକ୍ତଦାନ କରି ଅନନ୍ୟ ଉଦାହରଣ ସୃଷ୍ଟି କରିଥିଲେ। ଏହି ରକ୍ତଦାନ ଶିବିରରେ ମୋଟ ୮୪ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବାବେଳେ ଢେଙ୍କାନାଳ ମୁଖ୍ୟଚିକିତ୍ସାଳୟ ବ୍ଲଡ଼ବ୍ୟାଙ୍କ କର୍ମଚାରୀ, ହିନ୍ଦୋଳ ଡାକ୍ତରଖାନାର ମୁଖ୍ୟ ଚିକିତ୍ସାଧିକାରୀଙ୍କ ପୃଷ୍ଠପୋଷକରେ ସମସ୍ତ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରି ରକ୍ତଦାନ ଶିବିରକୁ ସାଫଲ୍ୟ କରିଥିଲେ। ତେବେ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟ ପ୍ରଶାସନ ପକ୍ଷରୁ ଏଭଳି ଏକ ମହତପୂର୍ଣ୍ଣ ରକ୍ତଦାନ ଶିବିର ଆୟୋଜନ ପାଇଁ ଜନସାଧାରଣ ଅନୁପ୍ରାଣିତ ହେବାସହ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି।

## ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିବଂଗତ ଡ଼ା:ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି

ମୁନିଗୁଡ଼ା ୨୬/୩(ନି.ପ୍ର): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଠାରେ ଅବସ୍ଥିତ ସୁଭଦ୍ରା - ଉଦ୍ଧବ ଶୌଣ୍ଡିକ ମଙ୍ଗଳ ଭବନ ପରିସରରେ ଗତକାଲି ସନ୍ଧ୍ୟାରେ ଭାରତୀୟ ଜନତା ପାର୍ଟି ଓବିସି ମୋର୍ଚ୍ଚା ତରଫରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ,ରାଜ୍ୟରେ ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠାତା ସଦସ୍ୟ,ପୂର୍ବତନ ରାଜ୍ୟ ସଭାପତି ତଥା ଭାରତବର୍ଷର ରାଷ୍ଟ୍ରବାଦି ଜନନେତା ଦିବଂଗତ ଡ଼ା.ଦେବେନ୍ଦ୍ର ପ୍ରଧାନଙ୍କୁ ଗଭୀର ଶୋକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି ।ରାଜ୍ୟ ଓ ମୋର୍ଚ୍ଚା ଉପ ସଭାପତିଶ୍ରୀଯୁକ୍ତରାମଚନ୍ଦ୍ରବେହେରାଙ୍କପୌରହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱର୍ଗତ ଡ଼ା.ପ୍ରଧାନଙ୍କ ତୈଳଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ସହ ଅମର ଆତ୍ମାର ସଦଗତି କାମନା କରାଯାଇ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।ଶ୍ରୀଯୁକ୍ତ ବେହେରା ଡ଼ା.ପ୍ରଧାନଙ୍କ ସ୍ମୃତିଚାରଣ କରି ତାଙ୍କର ବଳିଷ୍ଠ ନେତୃତ୍ୱ,ସାଂଗଠାନିକ ଦକ୍ଷତା,ନିଷ୍ଠାପର ସେବା,ତ୍ୟାଗପୂତ ଦେଶପ୍ରେମ ସମସ୍ତଙ୍କ ପାଇଁ ପ୍ରେରଣା ଦାୟକ ଏବଂ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିଥିବା ବୋଲି ପ୍ରକାଶ କରିଥିଲେ ।ସେହିପରି ବିଜେପି ମଣ୍ଡଳ ସଭାପତି ସୁବାସ ଗୌଡ଼ ଡ଼ା.ପ୍ରଧାନଙ୍କ ବିଜେପି ଦଳକୁ ଲୋକାଭିମୁଖୀ କରିବାରେ ଜୀବନବ୍ୟାପୀ ସାଧନା ଏବଂ କେନ୍ଦ୍ର ମନ୍ତ୍ରୀ ଥିବା ସମୟରେ ଓଡ଼ିଶା ପ୍ରତି ତାଙ୍କର ଅନେକ ଅବଦାନ ବିଷୟରେ ସ୍ମୃତିଚାରଣ କରିଥିଲେ ।ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପରିବେଶବିତ ଗୌରାଙ୍ଗ ଚରଣ ରାଉତ,ମଣ୍ଡଳ ବିଜେପି ଯୁବନେତା ପଦ୍ମ ବେହେରା,ଟୁନା କରକରିଆ,ମୀନ ଗୌଡ଼,ଜଳନ୍ଧର ବେହେରା,ସୁବାସ ସାହୁକାର,ପଞ୍ଚାନନ ସାହୁ,ରୁଦ୍ର ମୁଗୁଲୀ, ଭୋଗୀ ବେହେରା,ଧନୁ କୁସୁଲିୟା, ମନୋଜ ସାହୁ ପ୍ରମୁଖ ଦଳୀୟ କର୍ମୀମାନେ ଉପସ୍ଥିତ ରହି କେନ୍ଦ୍ରମନ୍ତ୍ରୀ ତଥା ବିଜେପି ପ୍ରତିଷ୍ଠାତା ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

## ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଆଠମଲ୍ଲିକ ୨୬/୩(ନି.ପ୍ର): ଆଠମଲ୍ଲିକ ବ୍ଲକ ନଅଗାଁ ପଞ୍ଚାୟତ କୁଟେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ନିରାକାର ମେହେର ଙ୍କ ଅଧକ୍ଷତା ରେ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ମହାଆଡମ୍ବର ରେ ଅନୁଷ୍ଠିତ ହୋଇଯାଇଅଛି ।ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଏ ବି ଇ ଓ ଧରଣୀ ଧର ସେଠୀ, ମୁଖ୍ୟ ବକ୍ତା ଭାବେ ଶିକ୍ଷକ ଛବି ନାରାୟଣ ସିଠ,ସମ୍ମାନିତ ଅତିଥି ଭାବରେ ଶିକ୍ଷକ ନରେନ୍ଦ୍ର କୁମାର ମିର୍ଧା, ପ୍ରଦୀପ କୁମାର ବାହୁକ, କମିଟି ର ସଭାପତି ପ୍ରଦୀପ କୁମାର ସାହୁ, ସିଆରସିସି ଭୁବନେଶ୍ୱର ସ୍ୱାଇଁ, ମଞ୍ଚାସିନ ଥିଲେ କ୍ଷ ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ପ୍ରଭୁ ଜଗନ୍ନାଥ ଙ୍କ ଉଦେଶ୍ୱ ରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଇତ୍ୱଅବସରରେ ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ଅର୍ଜନ କରିଥିବା କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପରେ ପରେ କୁନି କୁନି ଛାତ୍ର ଛାତ୍ରୀ ମାନେ ସାଂସକୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ କ୍ଷ ପ୍ରଦୀପ ବାହୁକ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଲକ୍ଷ୍ମୀ ନାରାୟଣ ମହାନନ୍ଦିଆ, ଶିକ୍ଷୟତ୍ରୀ ବାସନ୍ତୀ ମାହାଲି, ମିନାକ୍ଷୀ ନାଏକ ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ବହୁ ଦର୍ଶକ, ଅଭିଭାବକ, ଅଭିଭାବିକା, ଛାତ୍ର, ଛାତ୍ରୀ ଉପସ୍ଥିତ ରହି ଉପଭୋଗ କରିଥିଲେ। ପରିଶେରେ ସଭାପତି ପ୍ରଦୀପ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବୁଗୁଡା ବନାଞ୍ଚଳ ପଠାଇବ ପୁରୀ ରଥ ଯାତ୍ରା ପାଇଁ ରଥ ନିର୍ମାଣ କାଠ

ବୁଗୁଡ଼ା ୨୬/୩(ନି.ପ୍ର): ପୁରୀ ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରା ପାଇଁ ରଥ ନିର୍ମାଣ କାଠ ବୁଗୁଡା ବନାଞ୍ଚଳ ଅନ୍ତର୍ଗତ ଖରିଡା ଜଙ୍ଗଲରୁ ବର୍ତ୍ତମାନ ସୁଦ୍ଧା ୫ ଟି ଫାସି ଗଛ ଚିହ୍ନଟ ହୋଇଥିବା ବେଳେ ଅଧିକ ଗଛ ଚିହ୍ନଟ ପାଇଁ କାର୍ଯ୍ୟ ଚାଲୁ ରହିଥିବା ବୁଗୁଡା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର ପ୍ରକାଶ କରିଛନ୍ତି। ଗଞ୍ଜାମ ଜିଲ୍ଲା ଦକ୍ଷିଣ ଘୁମୁସର ବନ ଖଣ୍ଡର ବୁଗୁଡା ବନାଞ୍ଚଳ ଇଲାକାରୁ ବିଭିନ୍ନ ବର୍ଷ ଶ୍ରୀକ୍ଷେତ୍ରଧାମ ପୁରୀକୁ ରଥ ନିର୍ମାଣ ପାଇଁ ଫାସି କାଠ ଚିହ୍ନଟ କରି ପାଠ ଯାଇଥାଏ। ଗତ ବର୍ଷ ବୁଗୁଡା ବନାଞ୍ଚଳରୁ କୌଣସି କାଠ ରଥ ନିର୍ମାଣ ପାଇଁ ଯାଇନଥିବା ବେଳେ ବିଗତ ବର୍ଷ ୧୧ ଖଣ୍ଡ ଫାସି କାଠ ଗଣ୍ଡି ପଠାଯାଇଥିଲା। ଚଳିତ ବର୍ଷ ପୂଜାପାଠ ଓ ହୋମ ଯଜ୍ଞ ଆଦି ପରେ ବୁଗୁଡା ବନାଞ୍ଚଳ ଅନ୍ତର୍ଗତ ଖରିଡା ଗ୍ରାମବାସୀ ଓ ବନ ବିଭାଗ କର୍ମଚାରୀ ଜଙ୍ଗଲକୁ ଯାଇ ବର୍ତ୍ତମାନ ସୁଦ୍ଧା ୫ ଟି ଫାସି ଗଛ ଚିହ୍ନଟ ହୋଇଛି। ଅଧିକ ଫାସି ଗଛ ଚିହ୍ନଟ ପାଇଁ କାର୍ଯ୍ୟକ୍ରମ ଚାଲୁ ରହିଛି।

## ବିଜେଡି ସରପଞ୍ଚ ପ୍ରତିନିଧି ବିଜେପିରେ ଯୋଗ ଦେଲେ

କଣାସ ୨୬/୩(ନି.ପ୍ର): ରାଜ୍ୟ ଓ କେନ୍ଦ୍ରରେ ବିଜେପିର ଡବଲ୍ ଇଞ୍ଜିନ ସରକାର ଚାଲିଥିବା ବେଳେ ସବକା ସାଥ ସବକା ବିକାଶ ନାରାକୁ ନେଇ ପ୍ରତ୍ୟେକ ଦିନ କିଛି ନେତା ଓ କର୍ମୀ ବିଭିନ୍ନ ଦଳ ଛାଡ଼ି ବିଜେପିରେ ସାମିଲ ହେଉଛନ୍ତି ।ଯାହା ଫଳରେ ଓଡ଼ିଶାରେ ବିଜେପି ଦଳ ଦିନକୁ ଦିନ ଶସକ୍ତ ଓ ସମୃଦ୍ଧି ହେବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ କଣାସ ବ୍ଲକ ଜାମଲଗୋଦା ଗ୍ରାମ ପଞ୍ଚାୟତର ବିଜୁ ଜନତା ଦଳର ସରପଞ୍ଚଙ୍କ ପ୍ରତିନିଧି ଶ୍ରୀଯୁକ୍ତ ନାରାୟଣ ଜେନା ଓ ଶତାଧିକ କର୍ମୀ ବିଜେଡି ଦଳ ପରିତ୍ୟାଗ କରି ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ କାର୍ଯ୍ୟ ଦକ୍ଷତା ଓ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶକୁ ଗ୍ରହଣ କରି ବିଜେପିରେ ଯୋଗଦେଇଛନ୍ତି ।ନାରାୟଣ ଜେନା କହିଛନ୍ତି ଜସ୍ୱଶ୍ରୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଜନହିତକର କାର୍ଯ୍ୟ ଓ ଓଡ଼ିଶାର ଲୋକୋପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ଓ ଓଡ଼ିଶାର ବିକାଶକୁ ଅଗ୍ରଗତି ଆଡ଼କୁ ଆଗେଇଥିବାରୁ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ବିଜେପିରେ ଯୋଗଦାନ କରିଛି ।ସେପଟେ ବିଧାୟକ ଶ୍ରୀ ଓମ୍ ପ୍ରକାଶ ମିଶ୍ର କହିଛନ୍ତି ଆଗକୁ ଆହୁରି ଅନେକ ନେତା କର୍ମୀ ବିଭିନ୍ନ ଦଳ ଛାଡ଼ି ବିଜେପି ଦଳରେ ସାମିଲ ହେବେ ଫଳରେ ସତ୍ୟବାଦୀରେ ବିକାଶ ଧାରା ଆହୁରି ଅଗ୍ରଗତି ହେବ ।ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଜମଲଗୋଦା ପଞ୍ଚାୟତ ଦାୟିତ୍ୱରେ ଥିବା ଅମୂଲ୍ୟ କୁମାର ଜେନା,ଜିଲ୍ଲାପରିଷଦ ସଭ୍ୟା ଲତାମଣି ଜଗଦେବ,ଧବଳେଶ୍ୱର ନାୟକ ଓ ଅନେକ ଛାମୁଆ କର୍ମୀ ଓ ନେତା ଉପସ୍ଥିତ ଥିଲେ ।

## ପ୍ରବେଶ ଉତ୍ସବ ଓ ଖଡିଛୁଆଁ ନିମନ୍ତ୍ରଣ ପତ୍ର ବଣ୍ଟନ

କଣାସ ୨୬/୩(ନି.ପ୍ର): ନୂତନ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଏପ୍ରିଲ ୨ ତାରିଖରୁ ଆରମ୍ଭ ହେବାକୁ ଯାଉଅଛି। ଉକ୍ତ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ପାଇଁ ପୁରୀ ଜିଲ୍ଲା କଣାସ ବ୍ଲକ ସମସ୍ତ ଗ୍ରାମରେ ସରପଞ୍ଚ ,ସମିତିସଭ୍ୟ,ଓ୍ୱାର୍ଡ ସଭ୍ୟ ,ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ ସି ଆର୍ ସି ସି ଓ ଅନ୍ୟାନ୍ୟ ଅଧିକାରୀ ମିଶି ଶିଶୁ ବାଟିକା ଶ୍ରେଣୀରେ ଯୋଗ ଦେବା ପାଇଁ ଅଭିଭାବକଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି । ଖଡ଼ିଛୁଆଁ ଲାଗି ବ୍ଲକର ସମସ୍ତ ୫ ବର୍ଷର ଶିଶୁଙ୍କ ଅଭିଭାବକ ପାଖରେ ନିମନ୍ତ୍ରଣ ପତ୍ର ପହଞ୍ଚାଇବାକୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ନୂତନ ଶିକ୍ଷା ନୀତି ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ଗୁରୁତ୍ୱ ଦିଆଯାଉଥିବା ପ୍ରକାଶ କରିଛନ୍ତି ବ୍ଲକ୍ ଶିକ୍ଷା ଅଧିକାରିଣୀ । ଏହି ବଣ୍ଟନ କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି କର୍ମୀ ପ୍ରମୁଖ ସହାୟତା କରୁଥିବା ଦେଖିବାକୁ ମିଳିଛି ।

## ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସିନାପାଲିର ବାର୍ଷିକ ଉତ୍ସବ ଅନୁଷ୍ଠିତ

ସିନାପାଲି ୨୬/୩(ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲିର ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସିନାପାଲିର ବାର୍ଷିକ କ୍ରୀଡ଼ା ତଥା ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏନେଇ ପ୍ରଧାନ ଶିକ୍ଷକ ଲଳିତ କୁମାର ସୁନାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିନାପାଲି କାର୍ମୀ ଓରାମ, ମୁଖ୍ୟ ବକ୍ତା ଭାବରେ ଶିକ୍ଷାବିତ୍ତ ତୁଳସୀ ରାମ ମେହେର, ସମ୍ମାନିତ ଅତିଥି ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯତୀନ୍ଦ୍ର କୁମାର ସେଠ୍, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସୁବ୍ରତ କୁମାର ଠାକୁର, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଯତୀନ୍ଦ୍ର ଦାସ ପ୍ରମୁଗ ଯୋଗ ଦେଇ ଶିକ୍ଷାର ସାମଗ୍ରିକ ବିକାଶରେ ଦେଶର ଉନ୍ନତି ହୋଇପାରିବ ବୋଲି ମତ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ମହେଶ କୁମାର ମେହେର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶେଷରେ ଅନିଲ କୁମାର ସା ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଏହାକୁ କମଳଜୀତ ବୈକାର ଏବଂ ରଶ୍ମୀପ୍ରଭା ମେହେର ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ମନୋରଞ୍ଜନ ମେହେର, ମୁବାରକ ଖାନ, ଅଜିତ ମେହେର, ନିହାର ମେହେର, ଲକ୍ଷ୍ମୀପ୍ରିୟା ମେହେର, ନିକୁଞ୍ଜ ସା, ଶୁଭ୍ରାଂଶୁ ଦାସ, ପଙ୍କଜିନୀ ତାଣ୍ଡି , ପ୍ରତିଶ୍ୱରୀ ପାତ୍ର, ସତ୍ୟରୁପା ଯୋଶୀ, ସୁରଭି ପଣ୍ଡା, ଅନୁଜ ରଣାସୀଙ୍ଘ, କେଶର ସା, ମିନତୀ ମେହେର, କେଦାରନାଥ କାଣ୍ଡ, ଆଶିଷ ସା, ବ୍ୟୋମକେଶ ବାଗ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ନୂଆପଡ଼ା ଜିଲ୍ଲାରୁ ପତ୍ରବନ୍ଧୁ ବାଗ।

## ରାସ୍ତା କାର୍ଯ୍ୟ ନିମ୍ନ ମାନର ଅଭିଯୋଗ, ଯାଞ୍ଚ ନିମନ୍ତେ ଦାବି



ମୟୂରଭଞ୍ଜ ୨୬/୩(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ନୂଆଁଗାଁ (ରାଇରଙ୍ଗପୁର କଲେଜ)ଦୁନ୍ଦୁ ଭାୟା ଜାମଦା ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁରହିଛି ।ଅଧାରୁ ଅଧିକ ପିଚୁ କାମ ସରିଯାଇଥିଲାବେଳେ ତାଳଗାଁ,ବାଘିଆ,ବେଲପୋଷି ଆଦି ସ୍ଥାନରେ ପିଚୁ ବଦଳରେ କଂକ୍ରିଟ୍ କରାଯାଇଛି ।କଂକ୍ରିଟ୍ ଢଳେଇ ନିମ୍ନମାନର ହୋଇଥିବା ତାଳଗାଁ,ବାଘିଆ,ବେଲପୋଷି ତଥା ଜାମଦା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ।ଆହୁରି ମଧ ଅଭିଯୋଗଅନୁସାରେ ତାଳଗାଁ ତଳସାହି ମୁଣ୍ଡ ଟ୍ରନିଂ ରାସ୍ତାକୁ ମାସେ ପୂର୍ବରୁ ଖୋଳି ଦିଆଗଲା ପରେ ମଧ ଏଯାବତ୍ ପିଚୁ ନ ହେବା ଦୁଃଖର କାରଣ ।ରାସ୍ତା ଉପରେ ମେଟାଲ ଏଣେତେଣେ ବିଛାଡ଼ି ପଡିବା ହେତୁ ଯାତାୟତ କରିବାରେ ଘୋର ଅସୁବିଧା ଉପୁଜୁଥିବା ଦେଖିବାକୁ ମିଳୁଛି ।ଏଣୁ ବିଭାଗୀୟ ପ୍ରଶାସନ ଉକ୍ତ ସମ୍ବେଦନଶୀଳ ଖବର ପ୍ରତି ଦୃଷ୍ଟି ଦେଇ ଯାଞ୍ଚ କରିବା ପୂର୍ବକ କଂକ୍ରିଟ୍ ରାସ୍ତା ଉପରେ ପିଚୁ ପକାଇବା ସହ ନିମ୍ନମାନର କାମକୁ ଭଲ ଭାବରେ ପରଖି କାମ ଭଲ କରିବା ନିମନ୍ତେ ଅଞ୍ଚଳବାସୀ ପକ୍ଷରୁ ଦାବି ହେଉଛି ।

## ନିଶ୍ଚିନ୍ତକୋଇଲି ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି
## ସୂଚନା ଅଭାବରୁ ଆସିପାରିଲେନି ହିତାଧିକାରୀ

ନିଶ୍ଚିନ୍ତକୋଇଲି,୨୬/୩(ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ସମ୍ମିଳନୀ କକ୍ଷରେ କଟକ ଜିଲ୍ଲାପାଳ ଙ୍କ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଅତିରିକ୍ତ ବିଡ଼ିଓ ଅଶୋକ କୁମାର ମହାନ୍ତିଙ୍କ ସଂଯୋଜନାରେ ଏଥିରେ ଜିଲ୍ଲାପାଳ ଦ□ାତ୍ରେୟ ଭାଉସାହେବ ସିନ୍ଧେ ଯୋଗ ଦେଇ ମୋଟ୍ ୧୩୬ଟି ବିଭିନ୍ନ ଅଭିଯୋଗ ଶୁଣାଣୀ କରି ଏହାର ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅଭିଯୋଗ ମଧ୍ୟରେ ଭିନ୍ନକ୍ଷମ ଭ□ା ସମ୍ବନ୍ଧୀୟ ୩ଟି, ଅନ୍ୟାନ୍ୟ ଭ□ା ସମ୍ବନ୍ଧୀୟ ୧୪ଟି ସହ ମୋଟ ମିଶି ୧୩୪ ଟି ବ୍ୟକ୍ତିଗତ ଅଭିଯୋଗ ଓ ଦୁଇଗୋଟି ସାମୂହିକ ଅଭିଯୋଗ ଅନ୍ତର୍ଭୁକ୍ତ ଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋ, ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଂଜନ ଦେଓ , ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ, ଜିଲ୍ଲା ଶିକ୍ଷାଧିକାରୀ ସନ୍ତୋଷ କୁମାର ରାଉତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳୀ ପରିଡ଼ା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର, ବ୍ଲକ ଶିକ୍ଷାଧିକାରୀ ସଂଯୁକ୍ତା ମହାପାତ୍ର, ବ୍ଲକ ଅଧକ୍ଷା ରୋଜି ସେଠୀ, ସିଡ଼ିପିଓ ସତ୍ୟଭାମା ବିଶୋଇ, ତହସିଲଦାର ଅନିତା ନାୟକ ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଏଥିରେ ଯୋଗ ଦେଇଥିଲେ । ଏଠାରେ ସୂଚନା ଥାଉ କି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ହେବା ପାଇଁ ପୂର୍ବରୁ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରାଯାଇଥିଲା । ପଂଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଜିଲ୍ଲାପରିଷଦ ସଭ୍ୟ ସଭ୍ୟା, ୪୧ ଟି ପଂଚାୟତର ସମିତିସଭ୍ୟସଭ୍ୟା ଓ ସରପଂଚମାନଙ୍କୁ ପରିପତ୍ର ମାଧ୍ୟମରେ ଲିଖିତ ଅବଗତ କରାଯାଇଥିଲା । ଉକ୍ତ ପରିପତ୍ରରେ ଉଲ୍ଲେଖ ଥିଲା କି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀକୁ ଆସିବା ପାଇଁ ଜନସାଧାରଣମାନଙ୍କୁ ସୂଚନା ପ୍ରଦାନ କରିବାକୁ ପଂଚାୟତ ପକ୍ଷରୁ ପ୍ରତ୍ୟେକ ପଂଚାୟତରେ ଲୋକମାନଙ୍କୁ ଡେଙ୍ଗୁରା ମାଧ୍ୟମରେ ସୂଚନା ଦେବା କଥା । ମାତ୍ର ପଂଚାୟତ ପକ୍ଷରୁ ଟେଙ୍ଗୁରା ବାଡେଇ ଲୋକମାନଙ୍କ ମଧ୍ୟରେ ସଚେତନତା କରାଗଲା ନାହିଁ କିମ୍ବା ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଆୟୋଜନ ହେବାର ସୂଚନା ପୂର୍ବରୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରଦାନ ନକରିବା ଫଳରେ ସଚେତନତା ଅଭାବରୁ ବହୁ ଜନସାଧାରଣ ଯୁଗ୍ମ ଅଭିଯୋଗ ଶୁଣାଣୀରେ ଅଂଶ ଗ୍ରହଣ କରିନପାରି ଅସନ୍ତୋଷ ପ୍ରକାଶ କରିଛନ୍ତି ।

## ଶିକ୍ଷକ ନେତାଙ୍କୁ ବି.ଇ.ଓ.ଙ୍କ ଦୁର୍ବ୍ୟବହାର-ଆପୋଷ ସମାଧାନ

ନିଶ୍ଚିନ୍ତକୋଇଲି ୨୬/୩(ନି.ପ୍ର): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ସଂଯୁକ୍ତା ମହାପାତ୍ର ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ଆଇନ ପରାମର୍ଶ ଦାତା ତଥା ଜନସଂପର୍କ ସଂଯୋଜକ ଶିକ୍ଷକ ସୀତାକାନ୍ତ ସାମଲ ଓ ଶିକ୍ଷକ ସଂଘକୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା । ପ୍ରତିବାଦରେ ଶିକ୍ଷକ ସଂଘ ପକ୍ଷରୁ ବି.ଇ.ଓ.ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପାଇଁ ନିଷ୍ପତି ନିଆଯାଇଥିଲା । ଖବର ଗଣମାଧ୍ୟମରେ ପ୍ରଚାର ପ୍ରସାର ହେବା ପରେ ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ଶାରଦା ପ୍ରସାଦ ପ୍ରଧାନ ଶିକ୍ଷକ ନେତା ସୀତାକାନ୍ତ ସାମଲଙ୍କୁ ଡାକି ଏହାର ସମାଧାନ କରିବାକୁ ପ୍ରତିଶୃତି ଦେବା ପରେ ଶିକ୍ଷକ ସଂଘର ଧାରଣା ସ୍ଥଗିତ ରହିଥିଲା । ସୋମବାର ବିଧାୟକ କୁଳିଆସ୍ଥିତ ତାଙ୍କ କାର୍ଯ୍ୟାଳୟରେ ମଣ୍ଡଳ ଶିକ୍ଷାଧିକାରିଣୀ ସଂଯୁକ୍ତା ମହାପାତ୍ର ଓ ଶିକ୍ଷକ ସଂଘ ସଭାପତି ନାରାୟଣ ଚାନ୍ଦ, ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ଆଇନ ପରାମର୍ଶ ଦାତା ତଥା ଜନସଂପର୍କ ସଂଯୋଜକ ଶିକ୍ଷକ ସୀତାକାନ୍ତ ସାମଲଙ୍କ ଉପସ୍ଥିତିରେ ଘଟଣା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପର୍ଯ୍ୟାଲୋଚନ କରି ଆପୋଷ ସମାଧାନ କରିଥିଲେ । ଉଭୟ ମଣ୍ଡଳ ଶିକ୍ଷାଧିକାରିଣୀ ଓ ଶିକ୍ଷକ ସଂଘ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।

## ହିନ୍ଦୋଳ ବାରସିଂହା ଗ୍ରାମ ମୁଣ୍ଡା ସାହିରେ ଅଭାବନିୟ ଘଟଣା
## ଘର ପୋଡିରେ ଗୋଟିଏ ୧ ବର୍ଷ ୨ମାସ ର ଶିଶୁ କନ୍ୟା ଜୀବନ୍ତ ଦଗ୍ଧ



ଓଡ଼ପଡ଼ା/ହିନ୍ଦୋଳ ୨୬/୩(ନି.ପ୍ର): ହିନ୍ଦୋଳ ଉପଖଣ୍ଡ ବାଲିମିଥାନା ଅନ୍ତର୍ଗତ ଅସରଡା ଗ୍ରାମପଞ୍ଚାୟତ ବାରସିଂହା ଗ୍ରାମରେ ମଙ୍ଗଳବାର ଏକ ଅଭାବନିୟ ଘଟଣାକ୍ରମେ ଗୋଟିଏ ୧୪ ମାସର ଶିଶୁ କନ୍ୟା ଜୀବନ୍ତ ଦଗ୍ଧ ହେବା ସହ ସେହି ପରିବାର ର ବଖରା ଘର ଜଳି ପୋଡି ପାଉଁସ ହୋଇଯାଇଛି । ପ୍ରକାଶଥାଏକି ଗ୍ରାମର ଭରତ ସାହୁଙ୍କ ସାନ ପୁଅ ବାବୁଲି ସାହୁ ( ବଣି ) କୌଣସି କାରଣରୁ ମଙ୍ଗବାର ଦିନ ମଧାହ୍ନ ସମୟରେ ନିଜ ଘରେ ପାଟିତୁଣ୍ଡ କରି ନିଜ ସ୍ତ୍ରୀ ସୁଭଦ୍ରାକୁ ବିଭିନ୍ନ ପ୍ରକାର ଗାଳି ଗୁଲଜ ସହ ମାର ପିଟ କରି ଘରୁବାହାର କରିଦେବା ପରେ ନିଜ ଘରକୁ ନିଆଁ ଲଗାଇ ଦେଇଥିଲା , ତାଙ୍କର ଦୁଇଟି ସନ୍ତାନ ମଧରୁ ପୁଅ ର ବୟସ ସାଢେ ୩ ବର୍ଷ ହୋଇଥିବା ବେଳେ ସେ ଘରେ ନଥିବାରୁ ସୌଭାଗ୍ୟ କ୍ରମେ ବର୍ତ୍ତି ଯାଇଥିବା ସମୟରେ ସାନ କନ୍ୟା ସନ୍ତାନଟି ମାତ୍ର ୧୪ ମାସର । ମାଡ ଖାଇ ସୁଭଦ୍ରା ପଳେଇବା ସମୟରେ ଝିଅଟି ଘରେ ଶୋଇଥିଲା ,ତେଣୁ ଉକ୍ତ ଅଗ୍ନିକାଣ୍ଡ ଘଟଣାରେ ଗ୍ରାମବାସୀ ଓ ଖଜୁରିଆକଟା ଦମକଳ ବାହିନି ନିଆଁ କୁ ଆୟତ କରିବା ବେଳକୁ ତାଙ୍କର ୨ ବଖରା ପୋଡି ପାଉଁସ ହେବା ସହ ଘରେ ଶୋଇଥିବା ଝିଅଟି ମଧ ଅଗ୍ନିକାଣ୍ଡରେ ଜିବନ୍ତ ଦଗ୍ଧ ହୋଇଯାଇଥିବା ଦେଖିବାକୁ ମିଳିଛି । ଖବରପାଇ ଘଟଣା ସ୍ଥଳରେ ବାଲିମି ଥାନାଧିକାରୀ ସଲିଳ କୁମାର ପ୍ରଧାନ ବାଲିମି ପୋଲିସ ସହ ସଦଳବଳେ ପହଞ୍ଚି ତୁରନ୍ତ ଅନୁସନ୍ଧାନସହ ଭରତ ସାହୁଙ୍କ ସପରିବାରକୁ ଥାନାକୁ ଆଣି ପଚରା ଉଚରା ପରେ ଘଟଣାରେ ସଂପୃକ୍ତ ଭରତଙ୍କ ସାନ ପୁଅ ବାବୁଲି ସାହୁକୁ ଗିରଫ କରି କେସ ନଂ ୬୬/୨୫ ରେ ଏକ ମାମଲା ପଞ୍ଜିକୃତ କରି ତାଙ୍କୁ କୋର୍ଟକୁ ଚାଲାଣ କରିଥିବା ଜଣାପଡିଛି ।

## ନିଆଳୀ ଉଦ୍ୟାନକୃଷି ବିଭାଗ ତରଫରୁ ତାଲିମ ପ୍ରଦାନ

ନିଆଳୀ ୨୬/୩(ନି.ପ୍ର): ନିଆଳୀ ବ୍ଲକ ଉଦ୍ୟାନ କୃଷି ବିଭାଗ ତରଫରୁ ଚାଷୀ ମାନଙ୍କୁ ତାଲିମ ଏବଂ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ସହକାରୀ ଉଦ୍ୟାନ କୃଷି ଅଧିକାରୀଣୀ ପୁଣ୍ୟତୋୟା ପ୍ରିୟମ୍ବଦା ଙ୍କ ଅଧକ୍ଷତାରେ ନିଆଳୀ ବ୍ଲକ ଅଧକ୍ଷ ଅତିଥି ଭାବରେ ଯୋଗଦେଇଥିଲା ବେଳେ ବିଭିନ୍ନ ବିଭାଗ ତଥା ପ୍ରାଣୀ ଚିକିତ୍ସା ଅଧିକାରୀ ସୁନିଲ ପରିଡା,ସହକାରୀ କୃଷି ଅଧିକାରୀଣି ସଂଧ୍ୟାରାଣୀ ଦାସ,ମତ୍ସ୍ୟ ବିଭାଗ ଅଧିକାରୀଣି ଲତାରାଣି ମହାନ୍ତି,ମୃତ୍ତିକା ସଂରକ୍ଷଣ ଅଧିକାରୀଣି ସୁଷମା ମିଶ୍ର ପ୍ରମୁଖ ଯୋଗଦେଇଥିଲେ ।ଉକ୍ତ କର୍ମଶାଳାରେ ସରକାରଙ୍କ ଏହି ବିଭାଗର ବିଭିନ୍ନ ଯୋଜନା ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା।

# ରୋଟାରୀ ପକ୍ଷରୁ ବରମୁଣ୍ଡା ବସଷ୍ଟାଣ୍ଡରେ ଚକ୍ଷୁ ପରୀକ୍ଷା ଶିବିର




ଭୁବନେଶ୍ୱର,୨୬/୩: ବରମୁଣ୍ଡା ବସଷ୍ଟାଣ୍ଡ ପରିସରରେ ରୋଟାରୀ ଆନ୍ତର୍ଜାତୀୟ ଜିଲ୍ଲା ୩୨୬୨,ମାଷ୍ଟର ଗିରିଜା ମେମୋରିଆଲ ରୋଡ ସେଫଟି ଫାଉଣ୍ଡେସନ ଟ୍ରଷ୍ଟ ଓ କମିଶନରେଟ ଟ୍ରାଫିକ, ଭୁବନେଶ୍ୱରର ମିଳିତ ସହଯୋଗରେ ବସ୍ ଚାଳକ ଓ ସହକାରୀ କର୍ମଚାରୀ ମାନଙ୍କର ନିମନ୍ତେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଅଛି। ବରମୁଣ୍ଡା ବସ ମାଲିକ ସଙ୍ଘର କାର୍ଯ୍ୟାଳୟ ଗୃହ ମଧ୍ୟରେ ରୋଟାରୀ ରୟାଲ ଚକ୍ଷୁ ଚିକିତ୍ସାଳୟର ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ପ୍ରାୟ ୧୦୦ରୁ ଉର୍ଦ୍ଧ ବସ ଚାଳକ ଓ କର୍ମଚାରୀ ମାନଙ୍କର ମାଗଣା ଚକ୍ଷୁ ପରୀକ୍ଷା କରାଯାଇଥିଲା। ରୋଟାରୀ ପ୍ରାନ୍ତପାଳ ରୋଟାରୀଆନ ଯଜ୍ଞାଶିଷ ମହାପାତ୍ର ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବରେ ଡିସିପି ଟ୍ରାଫିକ ତପନ କୁମାର ମହାନ୍ତି,ବରମୁଣ୍ଡା ବସ ମାଲିକ ସଂଘର ସଭାପତି ରୋଟାରୀଆନ ବରଦା ପ୍ରସନ୍ନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବସ୍ ଚାଳକ ମାନଙ୍କୁ ଚକ୍ଷୁ ପରୀକ୍ଷା ନିମନ୍ତେ ଉତ୍ସାହିତ କରିଥିଲେ। ରାସ୍ତା ଦୁର୍ଘଟଣା ରୋକିବା ନିମନ୍ତେ ସୁସ୍ଥ ଗାଡି ଚାଳନା ନିମନ୍ତେ ଉପଯୁକ୍ତ ସମୟ ବ୍ୟବଧାନରେ ବସ ଚାଳକ ମାନେ ଚକ୍ଷୁ ପରୀକ୍ଷା ଓ ଚିକିତ୍ସା କରାଇବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

ଏହି ଅବସରରେ ବସ୍ ଚାଳକ ମାନଙ୍କୁ ମାଗଣା ଚଷମା ପ୍ରଦାନ କରାଯାଇଥିଲା। ରୋଟାରୀ ଜିଲ୍ଲା ସଡକ ସୁରକ୍ଷା ଅଧକ୍ଷା ତଥା ମାଷ୍ଟର ଗିରିଜା ମେମୋରିଆଲ ରୋଡ୍ ସେଫଟି ଟ୍ରଷ୍ଟର ଅଧକ୍ଷା ଅମୀୟବାଳା ପରିଡାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ସହଯୋଗର ହାତ ବଢ଼ାଇଥିଲେ ଆରସିବି ଭୁବନେଶ୍ୱର ସେଣ୍ଟେନିଆଲର ସଭାପତି ରୋଟାରୀଆନ କର୍ଣ୍ଣେଲ ସୋନାଲି ରଥ। ଜିଲ୍ଲା ସଡ଼କ ସୁରକ୍ଷା ସହ ଅଧକ୍ଷ ରୋଟାରୀଆନ ଶାକ୍ୟସିଂହ ପଟ୍ଟନାୟକ ଓ ବ୍ୟୋମକେଶ ପୃଷ୍ଟିଙ୍କ ସହ ରୋଟାରୀଆନ ବିଘ୍ନେଶ୍ୱର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ନିରାପଦ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବା ପ ଉତ୍ସର୍ଗ, ସତର୍କତା ଏବଂ ତ୍ୱରିତ କାର୍ଯ୍ୟ ପାଇଁ ପାଞ୍ଚ ଜଣ ରେଳ କର୍ମଚାରୀ ମହାପ୍ରବନ୍ଧକଙ୍କ ଦ୍ୱାରା ସମ୍ମାନିତ



ଭୁବନେଶ୍ୱର, ୨୬/୩: ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଆଜି ୫ ଜଣ ରେଳ କର୍ମଚାରୀଙ୍କୁ ସେମାନଙ୍କର କର୍ତ୍ତବ୍ୟନିଷ୍ଠା, ସତର୍କତା ଏବଂ ଡ୍ୟୁଟି ସମୟରେ ତ୍ୱରିତ କାର୍ଯ୍ୟ ପାଇଁ ସମ୍ମାନିତ କରିଥିଲେ ଯାହା ଦ୍ୱାରା ନିରାପଦ ଟ୍ରେନ୍ ପରିଚାଳନା ସୁନିଶ୍ଚିତ ହୋଇଥିଲା । ଏହି ସମ୍ବର୍ଦ୍ଧନା ସମାରୋହ ପୂର୍ବତଟ ରେଳପଥ ମୁଖ୍ୟାଳୟ ଭୁବନେଶ୍ୱରର ରେଳ ସଦନ ଠାରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ, ପ୍ରମୁଖ ମୁଖ୍ୟ ସୁରକ୍ଷା ଅଧିକାରୀ ଏବଂ ଅନ୍ୟାନ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା । ଅସାଧାରଣ ସେବା ପାଇଁ ସମ୍ମାନିତ ହୋଇଥିବା ପାଞ୍ଚ ଜଣ ରେଳ କର୍ମଚାରୀ ହେଉଛନ୍ତି - ଖୋର୍ଦ୍ଧା ରୋଡ୍ ର ବରିଷ୍ଠ ସହାୟକ ଲୋକୋ ପାଇଲଟ୍ ଶ୍ରୀ ଚନ୍ଦ୍ରଗୀର କୁମାର ରାଉତ; ଟିଟିଲାଗଡ଼ର ବରିଷ୍ଠ ଗୁଡ଼ସ ଟ୍ରେନ ମ୍ୟାନେଜର ଶ୍ରୀ ଉପେନ୍ଦ୍ର କୁମାର; ହରିଚନ୍ଦନପୁରର ଟ୍ରାକ୍ ମେଣ୍ଟେନର-୦୦ ଶ୍ରୀ ସୁରେଶ ଗାଗାରାଏ; ଗୋରଖନାଥର ମେଣ୍ଟେନର-୦୦ ଶ୍ରୀ ସୁଧାଂସୁ ଶେଖର ଦାସ ଏବଂ ମାନବର (କୋରାପୁଟ)ର ଟ୍ରାକ୍ ମେଣ୍ଟେନର-୦୦ ଶ୍ରୀ କିଲୋ ସୋନୁ ।ମହାପ୍ରବନ୍ଧକ ଶ୍ରୀ ଫୁଙ୍କୱାଲ ଏହି କର୍ମଚାରୀମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସତର୍କତା ଏବଂ ତ୍ୱରିତ କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ ଯାହା ରେଳ ନେଟୱାର୍କର ସୁଗମ ଏବଂ ନିରାପଦ କାର୍ଯ୍ୟକାରିତା ବଜାୟ ରଖିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯାତ୍ରୀ ସୁରକ୍ଷା ଏବଂ ପରିଚାଳନାଗତ ଦକ୍ଷତା ସୁନିଶ୍ଚିତ କରିବାରେ ରେଳ କର୍ମଚାରୀଙ୍କ ସମର୍ପଣ ସହ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ରେଳ କର୍ମଚାରୀ ମାନଙ୍କର ପ୍ରତିବଦ୍ଧତାକୁ ସ୍ୱୀକାର କରି, ଶ୍ରୀ ଫୁଙ୍କୱାଲ ସମସ୍ତ ରେଳ କର୍ମଚାରୀଙ୍କୁ ସତର୍କ, ସଜାଗ ଏବଂ ସେମାନଙ୍କର ଦାୟିତ୍ୱ ପ୍ରତି ସମର୍ପିତ ରହିବାକୁ ଅନୁରୋଧ କରିଥିଲେ, ରେଳ କାର୍ଯ୍ୟର ପ୍ରତ୍ୟେକ ପର୍ଯ୍ୟାୟରେ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେ ପୁନରାବୃତ୍ତି କରିଥିଲେ ଯେ ରେଳ କର୍ମଚାରୀଙ୍କ ଅଟଳ ପ୍ରୟାସ ଏକ ସୁରକ୍ଷିତ ଏବଂ ଦକ୍ଷ ରେଳ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇ ଆସୁଅଛି ।

## ବିଜଖମନ୍ ମଣ୍ଡପ ଠାରୁ କଲୋନୀ ପଡା ରାସ୍ତା କାମ ରେ ନିମ୍ନମାନର କାମ ଲୋକ ଙ୍କ ଅଭିଯୋଗ



କେସିଙ୍ଗା:ତା ୨୬/୩/୨୫(ଜଗନ୍ନାଥ ଏକ୍ସପ୍ରେସ୍)କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ନୁନମାଠ ଗ୍ରାମପଞ୍ଚାୟତ ର ବିଜଖମନ୍ ଗ୍ରାମ ରେ ବିଜଖମନ ମଣ୍ଡପ ଠାରୁ କଲୋନୀ ପଡା ପର୍ଯନ୍ତ କକ୍ରିଟ ରାସ୍ତା ଉନ୍ନତିକରଣ ପାଇ ଆଇ. ଡି .ଏଫ୍ ଫଣ୍ଡ ରୁ ଅଟକଳ ମୂଲ୍ୟ ଟ.୯,୦୦,୦୦୦ ୨୦୨୨-୨୦୨୩ ମସିହା ରେ ମଞ୍ଜୁର ହୋଇଥିଲା କିନ୍ତୁ କୌଣସି କାରଣରୁ କାମ ଅସମ୍ପୂର୍ଣ୍ଣ ଅବସ୍ଥାରେ ବନ୍ଦ ହୋଇ ଥିଲା ।ବର୍ତ୍ତମାନ ସେହି କାମକୁ ବ୍ଲକ୍ ଡିପାଟମେଣ୍ଟ ନିଜେ ଜେ . ଇ ଙ୍କ ନା ରେ ପୁନର୍ବାର ଆରମ୍ଭ କରି କାର୍ଯ ଆରମ୍ଭ କରି ଥିଲେ ଓ ଜନକୌବ୍ୟକ୍ତି କୁ ଦେଖ ରେଖ କରିବା ପାଇ ଦାୟିତ୍ୱ ଦେଇଥିଲେ । କିନ୍ତୁ ଗ୍ରାମ ବାସିଙ୍କ ଅଭିଯୋଗ ଯେ କାମରେ ବହୁତ୍ ଦୁର୍ନୀତି ହେଉଛି ଅତି ନିମ୍ନ ମାନର କାମ ଚାଲିଛି ବୋଲି ଅଭିଯୋଗ କରିଛନ୍ତି । କକ୍ରିଟ ରାସ୍ତା ମେଟାଳ କାମ ରେ ସାଇଡ଼ ୱାଲ୍ ଦିଆଯାଉନି ପୁରୁଣା ମେଟାଲ ରେ କାମ ଚାଲିଛି ଯେତିକି ଇଞ୍ଚ ରେ ମେଟାଲ ପଡ଼ିବା କଥା ପଡିନି ରାସ୍ତା ର ଦି ସାଇଡ଼ ପାର୍ଶ୍ୱ ସବୁ ମାଡ଼ିଦେଲେ ଭୁସୁଲିପଡୁଛି ବୋଲି ଗ୍ରାମ ବାସି ଅଭିଯୋଗ କରିଛନ୍ତି । ଜେ. ଇ ବାବୁ ଜଣକ ବି କାର୍ଯ ଆରମ୍ଭ ରୁ ଗୋଟେ ଦିନ ବି କାମ ଚାଲୁଥିବା ଜାଗା କୁ ଦେଖିବା ପାଇଁ ଯାଇନାହାନ୍ତି ଯାହା ଫଳରେ ମନ ଇଛା ମିସ୍ତ୍ରୀ ଲେବର ତାଙ୍କ ହିସାବରେ କାମ କରୁଛନ୍ତି ତେଣୁ କାମ ଅତି ନିମ୍ନ ମାନର ହେଉଛି ।ଏହି କାମ ର ତୁରନ୍ତ ତଦନ୍ତ ହେଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

## କେନ୍ଦୁଝରରେ ସୁନାଖଣି: ୪୫ ବର୍ଷ ହେଲା ଚାଲିଛି ସର୍ଭେ

# ବିଲକୁ ଯାଇ ପାରୁନାହାନ୍ତି ଚାଷୀ



ଯାଜପୁର, ୨୬/୩: କେନ୍ଦୁଝରରୁ ସୁନା ମିଳିବ। କେନ୍ଦୁଝର ତଥା ଓଡ଼ିଶାର ଭାଗ୍ୟ ବଦଳିଯିବ। ଓଡ଼ିଶା ଧନୀ ହୋଇଯିବ। ଲୁହାପଥର ଓ ଅନ୍ୟ ଖଣିଜ ଦ୍ରବ୍ୟ ଭଳି କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍‌ର ତରମାକାନ୍ତ ପଞ୍ଚାୟତ ଜଳଡ଼ିହା ଗାଁ ପାଖରେ ଏଭଳି ଏକ ସୁନାଖଣିର ସନ୍ଧାନ ମିଳିଛି। ବହୁଦିନ ହେଲା କେନ୍ଦୁଝରବାସୀ ଏହା ଶୁଣି ଆସୁଛନ୍ତି। ୪୫ ବର୍ଷ ହେଲା ଏହି ସୁନାଖଣି ପାଇଁ ନିରନ୍ତର ସର୍ଭେ କରାଯାଉଛି। ସର୍ଭେ ବାବଦରେ କୋଟିକୋଟି ଟଙ୍କା ଖର୍ଚ୍ଚ ସରିଲାଣି। ସର୍ଭେ କାରଣରୁ ଜଳଡ଼ିହା ଗାଁର ଶହେ ଏକର ପାଖାପାଖି ପଟ୍ଟାଭୁକ୍ତ ଜମି ପଡ଼ିଆ ପଡ଼ିଛି। ଗ୍ରାମବାସୀ ନିଜ ଜମିକୁ ଚାଷ କରିବାକୁ ଯାଇପାରୁନାହାନ୍ତି। ଚାଷ ହେଉନଥିବାରୁ ଜମି ଶାଳ ଜଂଗଲ ପାଲଟିଲାଣି। ତେବେ ଏହି ସୁନାଖଣି ପ୍ରହେଳିକା ନା ବାସ୍ତବତା ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ତଥ୍ୟ ମୁତାବକ, ଗତ ୭୦ ଦଶକରେ କେନ୍ଦୁଝରର ବାଂଶପାଳ ବ୍ଲକ୍ ଜଳଡ଼ିହାରେ ଏକ ସୁନାଖଣି ଥିବା ସନ୍ଧାନ କରାଯାଇଥିଲା। ୭୦ ଦଶକରେ ପ୍ରଥମେ ଏହାର ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଥିଲା। ହାତରେ ଖୋଳି ୧୮୦ ମିଟର ତଳୁ କୋର୍, ଖଣିଜ ଦ୍ରବ୍ୟ ବାହାର କରି ହେମଦସ୍ତାରେ ଗୁଣ୍ଡ କରି ଏହାକୁ ପରୀକ୍ଷା କରିବାକୁ କଲିକତା ପଠାଯାଉଥିଲା। ପର୍ଯ୍ୟାୟ କ୍ରମେ ମେସିନ୍ ସାହାଯ୍ୟରେ ଏହାର ଖନନ କରାଗଲା। ପ୍ରତିବର୍ଷ ଏକ କ୍ୟାମ୍ପ ଅଫିସ ଖୋଲାଯାଇ ଏହାର ଖନନ କରାଯାଇ ନମୁନା ସଂଗ୍ରହ କରାଯାଉଛି। ପୁଣି କିଛିଦିନ ଶିବିର ବନ୍ଦ ରଖିବା ପରେ ପୁନଶ୍ଚ ଖନନ କରାଯାଉଛି। ବହୁବର୍ଷ ହେଲା ସୁନା ଖଣି ପାଇଁ ଏଭଳି ନିରନ୍ତର ସର୍ଭେ କରାଯାଉଛି ।୪ ଦଶନ୍ଧି ଧରି ଚାଲିଥିବା ଏହି ସର୍ଭେରୁ କୌଣସି ସ୍ପଷ୍ଟତା ଆସିପାରୁନାହିଁ। ୧୫ଜଣ କର୍ମଚାରୀ ନିୟମିତ ବ୍ୟବଧାନରେ ଜଳଡ଼ିହାରେ କରୁଥିବା ସର୍ଭେ କାର୍ଯ୍ୟରେ କୋଟିକୋଟି ଟଙ୍କା ବ୍ୟୟ କରାଯାଉଛି। ଏଠାରେ ୪୦୦ ଫୁଟ୍ ତଳୁ ନମୁନା ସଂଗ୍ରହ କରାଯାଉଛି। ଇତିମଧ୍ୟରେ ୩୦୦୦ ମିଟର ଲକ୍ଷ୍ୟଧାର୍ଯ୍ୟ ପୂରଣ ହୋଇ ନମୁନା ସଂଗ୍ରହ ସରିଛି। ଆଉ ୪୮୦ ମିଟର ଖୋଳା କାର୍ଯ୍ୟ ସାରିବା ପରେ ଏପ୍ରିଲ ଦ୍ୱିତୀୟ ସପ୍ତାହରେ ସର୍ଭେ କାର୍ଯ୍ୟ ଏ ବର୍ଷ ପାଇଁ ବନ୍ଦ କରାଯିବ ବୋଲି ଜଣାପଡ଼ିଛି। ପୁଣି ବର୍ଷାଦିନ ପରେ ଟିମ୍ ଡେରା ପକାଇବ। ତେବେ ଅର୍ଥ ଆତ୍ମସାତ ଉଦ୍ଦେଶ୍ୟରେ ଏଭଳି ସର୍ଭେ କରାଯାଉନାହିଁ ତ ତାକୁ ନେଇ ସ୍ଥାନୀୟ ଲୋକେ ସନ୍ଦେହ କରିବା ଆରମ୍ଭ କଲେଣି। ବହୁ ଦିନର ସର୍ଭେକୁ ନେଇ ଅଞ୍ଚଳବାସୀ ବିରକ୍ତି ପ୍ରକାଶ କଲେଣି। ବିନା କ୍ଷତିପୂରଣରେ ସେମାନଙ୍କ ପଟ୍ଟାଭୁକ୍ତ ଜମିରେ ସର୍ଭେ କରାଯାଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଲାଣି। ସୁନାର ସନ୍ଧାନ ମିଳିଲେ ଜମି କ୍ଷତିପୂରଣ ବାବଦରେ ଭଲ ଦି ପଇସା ପାଇବା ଆଶାରେ ବର୍ଷବର୍ଷ ଧରି ନିରବ ଥିବା ଗ୍ରାମବାସୀ ମୁହଁ ଖୋଲିବା ଆରମ୍ଭ କରିଛନ୍ତି। ଏଠାରେ ସୁନାଖଣିର ସମ୍ଭାବନା କେତେ ପ୍ରତିଶତ ରହିଛି ସରକାର ତାହା ତୁରନ୍ତ ଜଣାନ୍ତୁ ନହେଲେ ଗରିବ ଚାଷୀଙ୍କ ଜମିକୁ ମୁକ୍ତ କରନ୍ତୁ ବୋଲି ଦାବି ହୋଇଛି।

# ଅଗସ୍ତିମୁନୀ ଆଶ୍ରମ ପରିସରରେ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



ଜଗତସିଂହପୁର ତା୨୬।୩(ନିପ୍ର), ଜଗତସିଂହପୁର ଜିଲ୍ଲାରେ ଶିକ୍ଷା ଦାନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ତରିକୁନ୍ଦ ହାଇସ୍କୁଲ୍ ର ୧୯୭୮ବ୍ୟାଚ୍ ପୁରାତନ ଛାତ୍ରମାନଙ୍କ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅଗସ୍ତିମୁନୀ ଆଶ୍ରମ ନିକଟସ୍ଥ ରାଉତନୂଆଗାଁ ଗ୍ରାମର ପୁରାତନ ଛାତ୍ରବନ୍ଧୁ ତଥା କବି ପ୍ରତାପ ମହାପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ୨୫ଜଣ ପୁରାତନ ଛାତ୍ର ଯୋଗଦେଇ ନିଜ ନିଜର ଭଲମନ୍ଦ ବିଷୟରେ ଖୋଲାଖୋଲି ଆଲୋଚନା କରିବା ସହିତ ବର୍ତ୍ତମାନ ସମୟରେ ସମାଜ ପାଇଁ ସେମାନଙ୍କ ଭୂମିକା କଣ ରହିବା ଦରକାର ସେ ବିଷୟରେ ନିଜ ନିଜ ମଧ୍ୟରେ ଆଲୋଚନା ହୋଇଥିଲା। ଏହି ବନ୍ଧୁମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଅତିରିକ୍ତ ପରିବହନ ଆୟୋଗ ବିଜୟ କୁମାର ନାୟକ, ଅବସରପ୍ରାପ୍ତ କୃଷି ବୈଜ୍ଞାନିକ ବାସୁଦେବ ବେହେରା, ଅବସରପ୍ରାପ୍ତ ଇଣ୍ଡିଆନ ବ୍ୟାଙ୍କର ବରିଷ୍ଠ ଜୋନାଲ ମ୍ୟାନେଜର ଯୋଗଜୀବନ ସାହୁଙ୍କ ସହିତ ନିକଟରେ ଅବସର ଗ୍ରହଣ କରିଥିବା ବହୁ ସରକାରୀ ଅଧିକାରୀ ବନ୍ଧୁମାନେ ଯୋଗଦେଇଥିଲେ। ଏହି ପୁରାତନ ଛାତ୍ର ତଥା ବନ୍ଧୁମାନଙ୍କ ମଧ୍ୟରୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମହାରଣା, ମୂରଲୀଧର ପଣ୍ଡା, ବିଶ୍ୱନାଥ ସାହୁ, ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟ, ଦିଗମ୍ବର ଶତପଥି, ସରୋଜ କୁମାର ସାହୁ, ନୃସିଂହ ଚନ୍ଦ୍ର ମହାନ୍ତି, ନାରାୟଣ ବେହେରା, କୃଳମଣି ରାଉତ, ନିରଂଜନ ସେନ୍, ପ୍ରଭାତ କୁମାର ରଥ, ପସନ୍ନ କୁମାର ରଥ, ମଙ୍ଗୁଳି ଚରଣ ସାହୁ, ଅରକ୍ଷିତ ସାହୁ, ରମାକାନ୍ତ ପ୍ରଧାନ, ନାରାୟଣ ସାହୁ, ନିରଞ୍ଜନ ବିଟ୍, ବିଜୟ ମଲ୍ଲିକ୍, ନିରଞ୍ଜନ ମହାନ୍ତି, ଅଜୟ ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ର ସମୟର ଆତ୍ମଜୀବନୀ ସହିତ ଦୀର୍ଘ ୪୭ବର୍ଷ ଧରି ଅତିବାହିତ ନିଜ ଜୀବନୀ ସମ୍ପର୍କରେ ନିଜର ମତ ରଖିଥିଲେ। ପ୍ରକାଶ ଥାଉକି, ସେ ସମୟରେ ମାଟ୍ରିକ୍ ପରୀକ୍ଷା ଏକାଦଶ ଶ୍ରେଣୀରେ ଅନୁଷ୍ଠିତ ହେଉଥିଲା ବେଳେ ଏଥିପାଇଁ ଯେଉଁମାନେ ମନୋନୀତ ହୁଅନ୍ତି ସେମାନେ ମାଟ୍ରିକ୍ ପରୀକ୍ଷା ପୂର୍ବରୁ ଏକ ଭୋଜିରେ ଏକତ୍ରୀତ ହୋଇଥାନ୍ତି। ଯେଉଁ ଭୋଜିରେ ବିଦ୍ୟାଳୟର ଗୁରୁଜୀମାନଙ୍କୁ ନିମନ୍ତ୍ରିତ କରାଯାଇଥାଏ। ଏହି ୧୯୭୮ବ୍ୟାଚ୍ ର ଛାତ୍ର ବନ୍ଧୁମାନେ ସେ ସମୟରେ ଏହି ଅଗସ୍ତିମୁନୀ ଆଶ୍ରମ ପରିସରରେ ଏକତ୍ରୀତ ହୋଇ ଭୋଜିଭାତ କରି ପରୀକ୍ଷା କେନ୍ଦ୍ରକୁ ଯାଇଥିଲେ। ସେ ସମୟରେ ଏହି ତରିକୁନ୍ଦ ହାଇସ୍କୁଲ୍ ର ପରୀକ୍ଷା କେନ୍ଦ୍ରଟି ପାରାଦ୍ୱୀପ ପୋର୍ଟ ହାଇସ୍କୁଲ୍ ରେ ପଡ଼ିଥିଲା। ଆଜି ଏହି ବନ୍ଧୁମିଳନ ଉତ୍ସବଟି ଦୀର୍ଘ ୪୭ବର୍ଷ ପରେ ସମସ୍ତଙ୍କୁ ଏକାଠି କରିଥିଲା। ଶେଷରେ ପୁରାତନ ଛାତ୍ର ନିରଂଜନ ସେନ୍ ଏବଂ ସରୋଜ ସାହୁ ସମସ୍ତ ବନ୍ଧୁମାନଙ୍କୁ ଧନ୍ୟବାଦ୍ ଦେବା ସହ ଖୁବ୍ ଶୀଘ୍ର ବାକି ରହିଯାଇଥିବା ଅନ୍ୟବନ୍ଧୁମାନଙ୍କ ସହିତ ଏକ ବନ୍ଧୁମିଳନର ଆୟୋଜନ କରିବାକୁ ପ୍ରସ୍ତାବ ରଖିଥିଲେ।

## ଗୋପାଳପୁର-ସମ୍ବଲପୁର ରେଳପଥ: ଫୁଲବାଣୀ ଦେଇ ବୌଦ୍ଧ ପାଇଁ ହେବ ସର୍ଭେ



ଭଞ୍ଜନଗର,୨୬/୩: ବହୁ ପ୍ରତୀକ୍ଷିତ ଦକ୍ଷିଣ ଓଡ଼ିଶାକୁ ପଶ୍ଚିମ ଓଡ଼ିଶା ସହ ରେଳ ଲାଇନ ଦ୍ୱାରା ସଂଯୋଗ କରିବା ପାଇଁ ଗୋପାଳପୁର-ସମ୍ବଲପୁର ଭାୟା ଫୁଲବାଣୀ ରେଳପଥ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରଦାନ କରିବା ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଉକ୍ତ ରେଳପଥ ନିମନ୍ତେ କେନ୍ଦ୍ର ସରକାର ୨୦୧୦-୧୧ରେ ସର୍ଭେ କରିବା ପାଇଁ ପୂର୍ବତନ ରେଳ ବିଭାଗକୁ ଅନୁମତି ଦେଇଥିଲେ। କିନ୍ତୁ ପରବର୍ତ୍ତି ସମୟରେ ଏହା ଶୀତଳଭଣ୍ଡାରରେ ରହିଯାଇଥିଲା। ଏହାପରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ନେଇ ଦୀର୍ଘବର୍ଷ ଧରି ଦାବୀ ହୋଇଥିଲା। ଜୋରଦାର ଆନ୍ଦୋଳନ ପରେ ପ୍ରକଳ୍ପର ଫାଇନାଲ ଲୋକେସନ୍ ସର୍ଭେ ହୋଇଥିଲା। ଏହି ପ୍ରକଳ୍ପ ପୂର୍ବରୁ ଫୁଲବାଣୀ ଦେଇ ଯିବ ବୋଲି ଇଷ୍ଟକୋଷ୍ଟ ପକ୍ଷରୁ ଜାରି କରାଯାଇଥିବା ମ୍ୟାପ୍‌ରେ ଦର୍ଶାଯାଇଥିବା ବେଳେ ପରବର୍ତ୍ତି ସମୟରେ ରେଳଲାଇନ ବଦାଙ୍ଗିରୁ ଚକାପାଦ ରୂପାଝରି ଦେଇ ଯିବା ନେଇ ନିଷ୍ପତି ନିଆଯାଇଥିଲା। ଏହାକୁ ନେଇ ଫୁଲବାଣୀରେ ତୀବ୍ର ବିରୋଧ ମଧ ହୋଇଥିଲା। ବର୍ତ୍ତମାନ ସର୍ଭେରୁ ବାଦ ପଡ଼ିଥିବା ଫୁଲବାଣୀ ସହରକୁ ପୁଣି ରେଳ ଲାଇନ ସଂଯୋଗ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ମୁଜାଗଡରୁ ଭାୟା ଫୁଲବାଣୀ ଦେଇ ବୌଦ୍ଧ ପର୍ଯ୍ୟନ୍ତ ନୂତନ ରେଳ ଲାଇନ ପାଇଁ ଇଂଜିନିୟରିଂ ସର୍ଭେ ରିପୋର୍ଟ,ଏଲାଇଜମେଣ୍ଟ ଡିଜାଇନ ପ୍ରସ୍ତୁତ ପାଇଁ ଟେଣ୍ଡର ଅଫରକୁ ଗ୍ରହଣ କରାଯାଇଛି। ଏଥିସହ ସଂପୂର୍ଣ୍ଣ ରେଳପଥର ବିସ୍ତୃତ ପ୍ରକଳ୍ପ ରିପୋର୍ଟ(ଡିପିଆର୍) ପ୍ରସ୍ତୁତ ସହ ବ୍ୟୟ ଅଟକଳ, ଭୂମୀ ଅଧିଗ୍ରହଣ, ଗୋପାଳପୁର ଠାରୁ ରେଢ଼ାଖୋଲ ପର୍ଯ୍ୟନ୍ତ ଇଲେକ୍ଟ୍ରିଫାଇଡ ବିଜି ରେଳଲାଇନ ଆଦି ସଂର୍ପକରେ ରିପୋର୍ଟ ପ୍ରସ୍ତୁତ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା କବିସୂର୍ଯ୍ୟନଗରର ସୂଚନା ଅଧିକାର କର୍ମୀ ବି.ଶଙ୍କର ପାତ୍ର ପ୍ରକାଶ କରିଛନ୍ତି। ଏନେଇ ଓରିଡେଲ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ ତାହା ଜାନୁଆରି ମାସରେ ଖୋଲିଛି। ଗତ ମାସ ୨୨ ତାରିଖରେ ଠିକାଦାର ସଂସ୍ଥାକୁ ଚୁକ୍ତି ପାଇଁ ଓରିଡେଲ କମ୍ପାନି ଚିଠି ଲେଖିଛି। ଚୁକ୍ତି ପରେ ଠିକାଦାର ସଂସ୍ଥା ସର୍ଭେ କାମ ଆରମ୍ଭ କରିବ। ଏଥିପାଇଁ ୧ କୋଟି ୨୯ ଲକ୍ଷ ୩୫ ହଜାର ୯୭୭ ଟଙ୍କା ଚୁକ୍ତି ହୋଇଛି। କେଉଁ ରାସ୍ତା ଦେଇ ରେଳ ଲାଇନ ଯିବ ତାହାର ସର୍ଭେ ଠିକାଦାର ସଂସ୍ଥା କରିବା ସହ ଚୂଡାନ୍ତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବ। ଡିପିଆର ପ୍ରସ୍ତୁତ କରି ଓଡିଶା ରେଳ ଭିତ୍ତିଭୂମି ବିକାଶ ଲିମିଟେଡ (ଓରିଡେଲ)କୁ ରିପୋର୍ଟ ପ୍ରଦାନ କରିବେ ବୋଲି ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି।

## ପାଚେରୀ ଭୁଶୁଡ଼ିଲା, ନିମ୍ନମାନର କାର୍ଯ୍ୟ ଅଭିଯୋଗ



ଘୁ.ଉଦୟଗିରି: କନ୍ଧମାଳ ଜିଲ୍ଲା ଘୁମୁସର ବ୍ଲକ ଅନ୍ତର୍ଗତ କଳିଙ୍ଗା ଠାରେ ଅବସ୍ଥିତ ଓଡ଼ିଶାର ଏକମାତ୍ର ଉଦ୍ୟାନ କୃଷି ପ୍ରଶିକ୍ଷଣ କେନ୍ଦ୍ରର ପ୍ରାଚେରୀ ଭୁଶୁଡ଼ି ପଡ଼ିଛି। ଏହା ଦ୍ୱାରା ଗାଈ ଗୋରୁ ଭିତରେ ପଶି ଚରୁଥିବା ଦେଖିବାକୁ ମିଳୁଛି। ସମ୍ମୁଖରେ ଥିବା ପ୍ରାୟ ୨୦ଫୁଟ ଲମ୍ବ ପାଚେରୀ ଭୁଶୁଡ଼ି ମାଟିରେ ମିଶିଯିବା ଫଳରେ ଖୋଲା ମେଲା ପଡିଛି। ଏହି ପ୍ରଶିକ୍ଷଣ କେନ୍ଦ୍ର। ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ଯୋଗୁଁ ବହୁ କମ ଦିନରେ ପାଚେରୀ ଭୁଶୁଡ଼ି ଯାଇଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଏହି ପ୍ରଶିକ୍ଷଣ କେନ୍ଦ୍ର ଏକ ପ୍ରକାର ଅଚଳ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। କାରଣ ପ୍ରଶିକ୍ଷଣ କେନ୍ଦ୍ରର ଦାୟିତ୍ୱରେ ଥିବା ସହ ନିର୍ଦ୍ଦେଶକ ସ୍ୱଦେଶ କୁମାର ଚୌଧୁରୀଙ୍କୁ ଜାଣିଶୁଣି ଅନ୍ୟତ୍ର ବଦଳି କରି ଏହାକୁ ପୁନର୍ବାର ବନ୍ଦ କରିବା ନିମନ୍ତେ ଷଡ଼ଯନ୍ତ୍ର ଚାଲିଥିବା କହି ଅଞ୍ଚଳବାସୀ ଗତ ୧୭ ମାର୍ଚ୍ଚରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, କୃଷି ମନ୍ତ୍ରୀ, ବିଭାଗୀୟ ନିର୍ଦ୍ଦେଶକ ଓ କନ୍ଧମାଳ ଜିଲ୍ଲାପାଳଙ୍କୁ ତାଙ୍କ ବଦଳି ବାତିଲ କରିବା ନିମନ୍ତେ ଅବଗତ କରେଇଥିଲେ ମଧ ଆଜକୁ ୮ ଦିନ ବିତି ଗଲା ହେଲେ ସରକାର କିମ୍ବା ପ୍ରଶାସନିକ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଲେନି। ଯଦି ଆଉ ତିନିଦିନ ମଧ୍ୟରେ ସହ ନିର୍ଦ୍ଦେଶକ ସ୍ୱଦେଶ କୁମାର ଚୌଧୁରୀଙ୍କ ବଦଳି ବାତିଲ ନ ହୁଏ ତେବେ ଆସନ୍ତା ୩୦ ତାରିଖ ଦିନ ଅଞ୍ଚଳବାସୀ ଓ ଅନ୍ୟାନ୍ୟ ସାମାଜିକ ସଂଗଠନର ମିଳିତ ଭାବେ ଏକ ବୃହତ୍ ଆନ୍ଦୋଳନର ରୂପ ନେଇ ସମସ୍ତେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସୂଚନା ମିଳିଛି।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ